₹ : 25

# ଆମରି ସତ୍ୟ

## AMARI SATYA

RNI Regn. No. - 107608/2010
Postal Regd. No. : PURI-33/2016-18

ଅଷ୍ଟମ ବର୍ଷ, ଚତୁର୍ଥ ସଂଖ୍ୟା,
ମାସିକ, ଅକ୍ଟୋବର - ୨୦୧୭
ପୃଷ୍ଠା ସଂଖ୍ୟା ୫୨



ଆ କା ମା ବୈ, ପାନ ଗୁଆ ଥୋଇ
ପାନ ଗୁଆ ତୋର, ମାସକ ଧର୍ମ ମୋର


# 'ଆମରିସତ୍ୟ' ପତ୍ରିକାର ଆଜୀବନ ସଦସ୍ୟ



ଡା. ନିତ୍ୟାନନ୍ଦ ସ୍ୱାଇଁ
ସିଡିଏ, କଟକ



ଶ୍ରୀମତୀ ମଞ୍ଜୁବାଳା ଦାଶ
ଗୁରୁଜଙ୍ଗ, ଖୋର୍ଦ୍ଧା



ଶ୍ରୀଯୁକ୍ତ ଗଙ୍ଗାଧର ଦାଶ
ନବୀନବାଗ, ଖୋର୍ଦ୍ଧା



ଶ୍ରୀଯୁକ୍ତ ପ୍ରହଲ୍ଲାଦ ପ୍ରଧାନ
ଖୋର୍ଦ୍ଧା




ବାମରୁ .... ଡ. ପ୍ରସନ୍ନ କୁମାର ଜେନା, ପ୍ରଫେସର ନିଳାଦ୍ରୀ ଭୂଷଣ ହରିଚନ୍ଦନ, ଶ୍ରୀଯୁକ୍ତ ଭୀମସେନ ପ୍ରଧାନ, ପ୍ରଫେସର ହିମାଂଶୁ ଶେଖର ପଟ୍ଟନାୟକ
ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଶ୍ରୀଯୁକ୍ତ ବିଭୂପ୍ରସାଦ ହରିଚନ୍ଦନ



ନିମନ୍ତ୍ରିତ ଶିକ୍ଷକ ଏବଂ ଅତିଥୀ ବୃନ୍ଦ

# ଆମରି ସତ୍ୟ

## AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

**ଅଷ୍ଟମ ବର୍ଷ - ଚତୁର୍ଥ ସଂଖ୍ୟା - ଅକ୍ଟୋବର୍ ,୨୦୧୭**



**ସଂପାଦକ ଓ ପ୍ରକାଶକ**

ଡଃ ପ୍ରସନ୍ନ କୁମାର ଜେନା

୯୮୬୧୦୧୬୩୪୯ (ମୋ)

**ପ୍ରତିଷ୍ଠାତା**

ଡଃ ପ୍ରମୋଦ ଚନ୍ଦ୍ର ଦାଶ

୯୪୩୭୨୮୧୬୫୫ (ମୋ)

**ସହଯୋଗୀ ସମ୍ପାଦକ**

ସତ୍ୟବାଦୀ ବଳିଆରସିଂହ

୯୨୩୭୦୮୯୫୦୯ (ମୋ)

**ସହ ସମ୍ପାଦକ**

ତ୍ରିଲୋଚନ ମହାପାତ୍ର

ସତ୍ୟନାରାୟଣ ସାମନ୍ତରାୟ

ଡ. ଅଜୟ କୁମାର ସ୍ୱାଇଁ

ଭବାନୀ ଶଙ୍କର ଦାଶ

**ସଂଯୋଜକ**

ଆଶିଷ କୁମାର ରାୟ

**ଆଞ୍ଚଳିକ ସଂଯୋଜକ**

ଡ. ପ୍ରେମଚନ୍ଦ ମହାନ୍ତି, ସମ୍ବଲପୁର

ବିଦ୍ୟାଧର ଖଟୁଆ, ବାଙ୍କୀ, କଟକ

ବିଭୁପ୍ରସାଦ ହରିଚନ୍ଦନ, ଖୋରଧା

**ପରିଚାଳନା ସଂଯୋଜକ**

ସର୍ବେଶ୍ୱର ମହାପାତ୍ର

ସମରଜିତ୍ ପଟ୍ଟନାୟକ

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**

ରାଜୀବ ରଥ



**ଯୋଗାଯୋଗ:**

**'ଆମରିସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ଦୂରଭାଷ:୦୬୭୫୫-୨୨୦୯୮୦
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର ଅଫିସ -**
ଶ୍ରୀମତୀ ରୁନା ମହାପାତ୍ର
ପ୍ଲଟ ନ-୧୦୭୧/ପି
ଲେନ ନ-୪, ଶତାବ୍ଦୀ ନଗର
ଭୁବନେଶ୍ୱର-୩
ପିନ୍:୭୫୧୦୦୩, ଓଡ଼ିଶା
ଫୋନ୍ ନଂ:୯୪୩୭୪୧୪୩୨୦


**ଗ୍ରାହକମାନଙ୍କ ପାଇଁ ସୂଚନା**

୧. ପ୍ରତି ଖଣ୍ଡ ଦେୟ ଟ.୨୫/-
୨. ବାର୍ଷିକ ଦେୟ ଟ.୨୫୦/-
୩. ୨ବାର୍ଷିକ ଦେୟ ଟ.୪୫୦/-
୪. ୩ ବାର୍ଷିକ ଦେୟ ଟ.୬୫୦/-
୫. ଆଜୀବନ ସଦସ୍ୟ ଟ.୩୦୦୦/-


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ।
**ଡ. ନାରାୟଣ ରାଓ**
ପ୍ରାକ୍ତନ୍ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ।
ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନ
ସାହିତ୍ୟିକ ଓ ସାମାଜସେବୀ,ଭୁବନେଶ୍ୱର।
**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା।
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା।
**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର।
**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧ୍ୟକ୍ଷ, ଭୁବନେଶ୍ୱର୍।
**ଡ. ସନ୍ତୋଷ କୁମାର ରଥ**
ସାହିତ୍ୟିକ, ବଲାଙ୍ଗିର
**ଡ.ଶରଚ୍ଚନ୍ଦ୍ର** ମହାପାତ୍ର
ପୂର୍ବତନ ଅଧ୍ୟକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ
**ଶ୍ରୀ ଜବାହାର ଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା


ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। IFSC-SBIN0012027, MICR-752002151


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | | ୫ |
| ୨. | ହିତବାଣୀ | | ୬ |
| ୩. | ବିଚିତ୍ରା | | ୭ |
| ୪. | କେତେକ.. ଔଷଧୀୟ ବୃକ୍ଷ... | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୦୯ |
| ୫. | ସକାଳ ବନ୍ଦନା ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୧୨ |
| ୬. | ତଅପୋଇ ବିଳାପ | ଯମେଶ୍ୱର କହଲସିଂହ | ୧୨ |
| ୭. | ହନୁମାନଙ୍କ ଲାଙ୍ଗୁଳର ସତ୍ୟତା | ଇଂ ଯଜ୍ଞପ୍ରକାଶ ଦାସ | ୧୩ |
| ୮. | କାର୍ତ୍ତିକ ମାହାତ୍ମ୍ୟ : ଦୀପଦାନ | ବିପିନ ବିହାରୀ ମହାନ୍ତି | ୧୪ |
| ୯. | ଏକ ଚା' କପର କଥା | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୧୬ |
| ୧୦. | ପୁଣ୍ୟର ପ୍ରଭାବ | ବିଭୁପ୍ରସାଦ ହରିଚନ୍ଦନ | ୧୭ |
| ୧୧. | ଭିଟାମିନ୍ 'ଏ' ... | ଡକ୍ଟର ମୁରାରିମୋହନ ଦାଶ | ୧୯ |
| ୧୨. | ବାଣୀ | ସତ୍ୟନାରାୟଣ ସାମନ୍ତରାୟ | ୨୦ |
| ୧୩. | ହେ କରୁଣା ସାଗର | ଶାନ୍ତି ଲତା ଦାସ | ୨୧ |
| ୧୪. | ସବୁ କିଛି ବିଲୀନ | ଧ୍ରୁବ ରଣା | ୨୧ |
| ୧୫. | ବାଟବଣା | ଡ. ତ୍ରୈଲୋକ୍ୟ ନାଥ ରଥ | ୨୨ |
| ୧୬. | ତୃଷ୍ଣା | ପୁଷ୍ପଲତା ସାମନ୍ତରାୟ | ୨୨ |
| ୧୭. | ହେ ଈଶ୍ୱର | ଦେବ ଦତ୍ତ | ୨୩ |
| ୧୮. | ଲୋ ସଜନୀ ସଫାକର ମନଡ଼ୁଠ | ବାବାଜୀ ଚରଣ ଜେନା | ୨୭ |
| ୧୯. | ଫୁଲଟିଏ ଫୁଟିବ | ବିଳାସିନୀ ଦାଶ | ୨୪ |
| ୨୦. | ଭଲରେ ରଖିଛୁ ତ...... ! | ଶମ୍ଭୁନାଥ ଦାସ | ୨୫ |
| ୨୧. | ପାଥେୟ | ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟ | ୨୬ |
| ୨୨. | ଠିକ୍ କହିବା-ଠିକ୍ ଲେଖିବା | ତ୍ରିଲୋଚନ ମହାପାତ୍ର | ୨୭ |
| ୨୩. | ବାଟୁଳିଖଡ଼ା | ଡକ୍ଟର ବସନ୍ତ କିଶୋର ସାହୁ | ୨୭ |
| ୨୪. | ଆହାର ରୂପୀ ପ୍ରହାର | ପଦ୍ମନାଭ ସ୍ୱାଇଁ | ୨୮ |
| ୨୫. | ଧନ୍ୟ ତୁ ମୟୂର | ଗୋବିନ୍ଦ ଚନ୍ଦ୍ର ମହାରଣା | ୨୮ |
| ୨୬. | ଦାନ୍ତ | ଡା: ଧନେଶ୍ୱର ସାହୁ | ୨୯ |
| ୨୭. | ଯୁଦ୍ଧ, ପ୍ରଥମ ଲୋକ... | ରତ୍ନାକର ଦାସ | ୩୧ |
| ୨୮. | ଆମ ଏ ଦେଶ ଭାରତବର୍ଷ | ମଞ୍ଜୁ ଦାସ | ୩୨ |
| ୨୯. | .ସୁନ୍ଦର କରିବା ଆମ ପରିବେଶ | ଚନ୍ଦ୍ରଶେଖର | ୩୨ |
| ୩୦. | ଭାରତ ରତ୍ନ ଅବଦୁଲ କଲାମ | ଡ.ଶରଚ୍ଚନ୍ଦ୍ର ମହାପାତ୍ର | ୩୩ |
| ୩୧. | ସ୍ୱତନ୍ତ ରାଷ୍ଟ୍ରରେ ଇଚ୍ଛା ... | ଉମାଶଙ୍କର ପ୍ରସାଦ | ୩୬ |
| ୩୨. | ନିବେଦନ | ଶ୍ରୀମତୀ ଉଷାରାଣୀ ଶତପଥୀ | ୩୭ |
| ୩୩. | ସଙ୍କଟରେ ବିବାହ ବନ୍ଧନ | ଅଜୟ କୁମାର ସାହୁ | ୩୮ |
| ୩୪. | ଘଡିଆଳ | ମନୋଜ କୁମାର ମହାପାତ୍ର | ୩୯ |
| ୩୫. | ଫୁଟବଲ ଖେଳର .. | ଆଶିଷ କୁମାର ରାୟ | ୪୦ |
| ୩୬. | ସାଧାରଣ ଜ୍ଞାନ | | ୪୨-୫୦ |





## ଦୀପ ପ୍ରଜ୍ୱଳନ ମନ୍ତ୍ର

ଦୀପଜ୍ୟୋତିଃ ପରଂ ଜ୍ୟୋତି, ଦୀପ ଜ୍ୟୋତିଃ ଜନାର୍ଦ୍ଦନଃ।
ଦୀପୋହରତୁ ମେ ପାପଂ, ଦୀପ ଜ୍ୟୋତିଃ ନମୋଽସ୍ତୁତେ।
ଶୁଭଂ କରୋତୁ କଲ୍ୟାଣମ୍, ଆରୋଗ୍ୟଂ ସୁଖସମ୍ପଦଃ।
ଦ୍ୱେଷବୁଦ୍ଧିବିନାଶାୟ, ଆତ୍ମଜ୍ୟୋତିଃ ନମୋଽସ୍ତୁତେ।
ଆତ୍ମଜ୍ୟୋତିଃପ୍ରଦୀପ୍ତାୟ, ଗୁରୁଃଜ୍ୟୋତିଃ ନମୋଽସ୍ତୁତେ।।



ପବିତ୍ର ଦୀପାବଳୀ ଅମାବାସ୍ୟା ଅବସରରେ 'ଆମରି ସତ୍ୟ' ପରିବାରର ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା



# ସମ୍ପାଦକୀୟ....



ଏଇ ନିକଟରେ ଶାରଦୀୟ ମହାପାର୍ବଣ ଦୁର୍ଗାପୂଜା ମହାଧୂମ୍‌ଧାମ୍‌ରେ ସାରା ଓଡ଼ିଶାରେ ପାଳନ ହୋଇଯାଇଛି। ଉତ୍ସବମୁଖର ପୂଜା ଅବସରରେ ସବୁବର୍ଷଭଳି ଏବର୍ଷ ମଧ୍ୟ ଅନେକଗୁଡ଼ିଏ ପତ୍ରପତ୍ରିକାର ପୂଜାସଂଖ୍ୟା ଆତ୍ମପ୍ରକାଶ କରିଛି। ଓଡ଼ିଶାର ବହୁ ଖ୍ୟାତନାମା କବି, ଲେଖକଙ୍କ ଲେଖା ଏସବୁରେ ପ୍ରକାଶିତ ହୋଇଛି। ଗୁଣାତ୍ମକମାନ ଦୃଷ୍ଟିରୁ ଦେଖିବାକୁ ଗଲେ ପ୍ରାୟ ସମସ୍ତ ପତ୍ରିକା ସେମାନଙ୍କର ଅନ୍ବେବହୁତେ ମୌଳିକତା ରକ୍ଷା କରିବାକୁ ଭୁଲିନାହାନ୍ତି। ପତ୍ରିକାଗୁଡ଼ିକ ହାଟବଜାରରେ ବିକ୍ରି ମଧ୍ୟ ହେଉଥିବାର ନଜରକୁ ଆସୁଛି। ବ୍ୟବସାୟିକ ଦୃଷ୍ଟିଭଙ୍ଗୀଠାରୁ ସାହିତ୍ୟିକ ମନୋବୃତ୍ତି ଯେ ଏଥିରେ ଅଧିକା, ଏହା ମୁକ୍ତକଣ୍ଠରେ ବି ସ୍ୱୀକାର କରିବାକୁ ପଡ଼ିବ। କାରଣ ସାହିତ୍ୟ ଗୋଟିଏ ଧାରା, ଗୋଟିଏ ପ୍ରବାହ, ଗୋଟିଏ ସ୍ରୋତସ୍ୱିନୀ। ଏହାର ଏକ ସ୍ୱତନ୍ତ୍ର କୁଳୁକୁଳୁ ନାଦ ଥାଏ। ତେଣୁ, ସାହିତ୍ୟକୁ ନାଦବ୍ରହ୍ମ ବୋଲି ମଧ୍ୟ କୁହାଯାଏ।

ସଂସ୍କୃତ ବ୍ୟାକରଣାକାର ବିଶ୍ୱନାଥ କବିରାଜ ସ୍ୱୀୟ 'ସାହିତ୍ୟ ଦର୍ପଣ'ରେ କହିଛନ୍ତି;

ଚତୁର୍ବର୍ଗଫଳପ୍ରାପ୍ତିଃ ସୁଖାଦଳ୍ପଧିୟାମପି
କାବ୍ୟାଦେନ ଯତସ୍ତେନ ତତ୍ ସ୍ୱରୂପଂ ନିରୂପ୍ୟତେ।

ଅର୍ଥାତ୍, କାବ୍ୟପଠନରୁ ଅଳ୍ପବୁଦ୍ଧି ମଣିଷମାନଙ୍କର ମଧ୍ୟ ଖୁବ୍ ସହଜରେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଭଳି ଚତୁଃବର୍ଗ ଫଳପ୍ରାପ୍ତି ହୋଇଥାଏ। ସେହିଦୃଷ୍ଟିରୁ ଭାରତୀୟ ସାହିତ୍ୟିକ ପରମ୍ପରାରେ ଏହିପରି ଏକ କାବ୍ୟଧାରା ଗଡ଼ିଆସିଛି। କିଛିବ୍ୟକ୍ତି ଲେଖିବେ, କିଛି ପଢ଼ିବେ ଓ ଅନ୍ୟ କିଛି ତାକୁ ଆଲୋଚନା, ସମାଲୋଚନା ଓ ପର୍ଯ୍ୟାଲୋଚନାମାଧ୍ୟମରେ ଏହି ଧାରାକୁ ପୁଷ୍କଳ କରିବେ। ଏଣୁ କାବ୍ୟଧାରା ବା ସାହିତ୍ୟର ପ୍ରକାଶ, ପଠନ, ପାରାୟଣ ବା ଚାରଣ ଭାରତୀୟ ସାମାଜିକ ବ୍ୟବସ୍ଥା ଭିତରେ ଜଡ଼ିତ ହୋଇରହିଛି। ସାଧାରଣ ବ୍ୟକ୍ତିଠାରୁ ଅସାଧାରଣ ବ୍ୟକ୍ତିତ୍ୱ ସମସ୍ତେ କୌଣସି ନା କୌଣସିଭାବରେ ସାହିତ୍ୟ ସହ ଜଡ଼ିତ ରହିବା ସାହିତ୍ୟ ପାଇଁ ଏକ ଗୌରବାବହ କଥା। କିଏ ଲେଖେ ତ କିଏ ପଢ଼େ। କିଏ ଗାଏ ତ କିଏ ଶୁଣେ। କିଏ ନାଚେ ତ କିଏ ଦେଖେ। ଅତଏବ ଲେଖିବା, ଗାଇବା ଓ ନାଚିବାର ମୂଳାଧାର ହେଉଛି କେବଳ ଅକ୍ଷର ବିନ୍ୟାସ। 'ଅ' ଠାରୁ 'କ୍ଷ'ପର୍ଯ୍ୟନ୍ତ ଅକ୍ଷରମାନଙ୍କୁ ନେଇ ଖେଳକସରତ। ଏହାକୁ ନେଇ ଯିଏ ଯେତେ ଖେଳୁଆଡ଼ ହୋଇପାରିଲା, ସିଏ ସେତେ ବଡ଼ ସାହିତ୍ୟିକ ହୋଇପାରିଲା। ସୁତରାଂ, ଅକ୍ଷରର ସାଜସଜ୍ଜା ହେଉଛି ସାହିତ୍ୟ ଓ ଏହା ଗୋଟିଏ ଧାରା।

ଏସବୁ ଉପରେ ଯାହା ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ, ତାହା ହେଉଛି ସାହିତ୍ୟକୁ ଉପସ୍ଥାପନା କରିବା। ଜଣେ ଲେଖିଦେଲାପରେ ତାର ଉତ୍ତମ ପରିପ୍ରକାଶ ନହେଲେ, ସେ ଲେଖା ସେମିତି ଘରକୋଣର ଅନ୍ଧାରୀମୂଳକରେ ଲୋକଲୋଚନ ଆଢୁଆଳରେ ରହିଯାଏ। ତେଣୁ ସାହିତ୍ୟକୁ ଆଲୋକ ଦେଖାଏ ପ୍ରକାଶକ ଓ ପ୍ରଚାର, ପ୍ରସାର କରେ କୌଣସି ନା କୌଣସି ସଂଗଠନ। ତେଣୁ ଏ କ୍ଷେତ୍ରରେ ପ୍ରକାଶନ ସଂସ୍ଥା ଓ ସାହିତ୍ୟ ସଂଗଠନମାନଙ୍କ ଭୂମିକାକୁ ମଧ୍ୟ ଅବହେଳା କରାଯାଇନପାରେ।

ଏସବୁ ପରେ ଯାହା ସବୁଠାରୁ ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ, ତାହା ହେଲା ପାଠକଶ୍ରେଣୀ। ଏବେକା ସମୟରେ ଏହି ଶ୍ରେଣୀଟିର ଘୋରତର ଅଭାବ ସାହିତ୍ୟାକାଶରେ ଅକାଳ ମଡ଼କ ପକାଇସାରିଲାଣି। କାରଣ, କେହି ଆଉ ବହି କିମ୍ବା ପତ୍ରକାଟିଏ କିଣିବା ତ ଦୂରର କଥା ପଢ଼ିବାକୁ ସମୟର ଅପଚୟ ବୋଲି ବିଚାରକରନ୍ତି। ଏବର୍ଷ ପୂଜାସଂଖ୍ୟାରେ ଯେତିକି ସଂଖ୍ୟକ କବି ବା ଲେଖକ ବା ସମାଲୋଚକଙ୍କ ଲେଖା ବାହାରିଛି, ତାକୁ ହିସାବକଲେ ସେତିକି ପରିମାଣର ପାଠକ ବୋଧହୁଏ ମିଳିବେନି ତାକୁ ପଢ଼ିବାପାଇଁ। ଏହା ଓଡ଼ିଆ ସାହିତ୍ୟର ଭବିଷ୍ୟତ ପାଇଁ ଏକ ସତର୍କ ଘଣ୍ଟି। ଭବିଷ୍ୟତରେ ମାତୃଭାଷାଭାବରେ ଓଡ଼ିଆଭାଷା ବଞ୍ଚିରହିପାରେ, ମାତ୍ର ଓଡ଼ିଆ ସାହିତ୍ୟର ଏଭଳି ସ୍ଥିତି ଲାଗି ରହିଲେ, ସାହିତ୍ୟ ବଞ୍ଚିବା କାଠିକରପାଠ ହେବ ଏଥିରେ ସନ୍ଦେହ ନାହିଁ। ଏଣୁ ସମସ୍ତେ ଏଥିପ୍ରତି ସଚେତନ ରହିବା ଉଚିତ।

ଡ. ପ୍ରସନ୍ନ କୁମାର ଜେନା

# ହିତ ବାଣୀ

## ଚାଣକ୍ୟ ନୀତି

ସଂସାରର ରୀତି:

ନିର୍ଦ୍ଧନଂ ପୁରୁଷଂ ବେଶ୍ୟାଂ ପ୍ରଜା ଭଗ୍ନଂ ନୃପଂ ତ୍ୟଜେତ୍।

ଖଗାଃ ବୀତଫଳମ୍ ବୃକ୍ଷଂ ଭୁକ୍ତ୍ୱା ଚାଭ୍ୟାଗତୋ ଗୃହମ୍।।

ଆଚାର୍ଯ୍ୟ ଚାଣକ୍ୟ ଏଠାରେ ପ୍ରାପ୍ତି ପରେ ବସ୍ତୁପ୍ରତି ଉପଯୋଗିତା ହ୍ରାସର ନିୟମକୁ ଲକ୍ଷ୍ୟ କରି କହିଛନ୍ତି ଯେ ପୁରୁଷ ନିର୍ଦ୍ଧନ ହୋଇଗଲା ପରେ ବେଶ୍ୟା ସେହି ପୁରୁଷକୁ ତ୍ୟାଗ କରିଦେଇଥାଏ। ପ୍ରଜାମାନେ ଶକ୍ତିହୀନ ରାଜାଙ୍କୁ ଏବଂ ପକ୍ଷୀ ଫଳହୀନ ବୃକ୍ଷକୁ ତ୍ୟାଗ କରିଥାଆନ୍ତି। ଏହିକ୍ରମରେ ଭୋଜନ କଲାପରେ ଅତିଥି ଗୃହକୁ ଛାଡ଼ି ଚାଲିଯାଇଥାନ୍ତି।।

## ଗୀତା

**କିଂ କର୍ମ କିମକର୍ମେତି କବୟୋଽପ୍ୟତ୍ର ମୋହିତାଃ।**
**ତତ୍ତେ କର୍ମ ପ୍ରବକ୍ଷ୍ୟାମି ଯଜ୍ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍।।**

**କର୍ମ କ'ଣ ଏବଂ ଅକର୍ମ କ'ଣ, ତାହା ନିର୍ଣ୍ଣୟ କରିବାବେଳେ ବୁଦ୍ଧିମାନ୍ ପୁରୁଷମାନେ ମଧ୍ୟ ଭ୍ରମରେ ପଡ଼ିଯାଆନ୍ତି। ତେଣୁ ମୁଁ ତୁମକୁ ସେହି କର୍ମତତ୍ତ୍ୱ ଭଲଭାବରେ ବୁଝାଇ କହିଦେବି, ଯାହା ଜାଣିଲେ ତୁମେ ଅଶୁଭରୁ ଅର୍ଥାତ୍ କର୍ମବନ୍ଧନରୁ ମୁକ୍ତ ହୋଇଯିବ।।**

## ରୁଢ଼ି ପ୍ରୟୋଗ

୦ ଆପେ ନମଲେ ସ୍ୱର୍ଗ ଦେଖି ହୁଏ ନାହିଁ
ନିଜ କାମ ନିଜେ ନକଲେ କାମ କିପରି ହୁଏ ଜାଣି ହୁଏନା

## ଢଗଢମାଳି

ଆଲୋ ଗେହ୍ଲେଇ
କେତେ ହେଉଥାଉ ନୋଥ ହଲେଇ

ପୂର୍ବକାଳରେ ସ୍ତ୍ରୀଲୋକମାନେ ହଲେଇ ହଲେଇ ପନ୍ଧୁଥିବା ଗହଣା ଅନ୍ୟକୁ ଦେଖାଉ ଥିବାର ଏକ ଉଦାହରଣ

## ହିତୋପଦେଶ

ବିସ୍ତାରେଣାତ୍ମନୋ ଯୋଗଂ ବିଭୂତିଂ ଚ ଜନାର୍ଦନ ।
ଭୂୟଃ କଥୟ ତୃପ୍ତିର୍ହି ଶୃଣ୍ୱତୋ ନାସ୍ତି ମେଽମୃତମ୍ ।

ହେ ଜନାର୍ଦନ! ଆପଣ ନିଜର ଯୋଗ (ସାମର୍ଥ୍ୟ) ଓ ବିଭୂତିମାନଙ୍କୁ ପୁନଶ୍ଚ ବିସ୍ତାର କରି କହନ୍ତୁ; କାରଣ ଆପଣଙ୍କର ଅମୃତମୟ ବଚନ ଯେତେ ଶୁଣିଲେ ବି ମୋତେ ତୃପ୍ତି ମିଳୁ ନାହିଁ ।

## ଭାଗବତ ବାଣୀ

ଯେ ଯାହା ପୂର୍ବେ ଥାଇ କରି। ଭୁଞ୍ଜାଇ ସେ ଫଳ ଆବୋରି।।
ଶୋକ ହରଷେ ବେନି ପଥେ। ମିଳନ୍ତି କର୍ମର ଆୟତ୍ତେ।।

## ଖନା ବଚନ / ଦନେଇ ବଚନ

ଶିଙ୍ଗ ସରୁଆ ଲାଙ୍ଗୁଡ଼ ମୋଟା,
ମାଗଣା ଦେଲେ ନଆଣିବୁ ବେଟା

## ମୁଖ୍ୟ ପ୍ରବାଦ

ଅଣ୍ଟି ଛୁରୀ ତଣ୍ଟି କାଟେ

## କୁହତ ଦେଖି

ବରଷକେ ଥରେ ଖାଏ
ମୁହଁମାଡ଼ି ପଡ଼ିଥାଏ। - ରଜ

ooooooooooooo

# ବିଚିତ୍ରା





## ନୋବେଲ ପୁରସ୍କାର

ସ୍ୱିଡେନର ବିଶିଷ୍ଟ ବ୍ୟବସାୟୀ ତଥା ଡିନାମାଇଟ ଉଦ୍ଭାବକ ଆଲ୍‌ଫ୍ରେଡ ନୋବେଲ୍ ୧୯୦୧ ମସିହାରେ ଏହି ପୁରସ୍କାର ଆରମ୍ଭ କରିଥିଲେ। ଭୌତିକ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଶାନ୍ତି, ସାହିତ୍ୟ ଏବଂ ଅର୍ଥଶାସ୍ତ୍ର ପାଇଁ ନୋବେଲ ପୁରସ୍କାର ଦିଆଯାଇଥାଏ ।

### ଚିକିତ୍ସା ପାଇଁ ନୋବେଲ ପୁରସ୍କାର

ଚଳିତବର୍ଷ ପାଇଁ ଚିକିତ୍ସା କ୍ଷେତ୍ରରେ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ତିନି ଆମେରିକୀୟ ଜେଫ୍ରି ହଲ, ମାଇକେଲ ରୋସ୍‌ବାସ୍ ଓ ମାଇକେଲ ଡବ୍ଲ୍ୟୁ ୟଙ୍ଗ । ମାନବ ଶରୀରରେ ଥିବା ବାୟୋଲୋଜିକାଲ୍ କ୍ଲକ୍‌କୁ ନିୟନ୍ତ୍ରଣ କରୁଥିବା ମଲିକୁଲାର ମେକାନିଜିମ୍‌କୁ ଆବିଷ୍କାର କରିଥିବାରୁ ଏହି ତିନି ବୈଜ୍ଞାନିକଙ୍କୁ ଚଳିତ ବର୍ଷ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି ।





### ୩ ଜଣଙ୍କୁ କେମିଷ୍ଟ୍ରି ନୋବେଲ୍

ଚଳିତ ବର୍ଷ ରସାୟନ ବିଜ୍ଞାନରେ ୩ ଜଣ ସ୍ୱିଜରଲ୍ୟାଣ୍ଡର ବୈଜ୍ଞାନିକ ଜ୍ୟାକ୍ ଡୁବେଚେଟ୍, ଜର୍ମାନୀର ଜେଆକିମ୍ ଫାଙ୍କ୍ ଓ ସ୍କଟ୍‌ଲ୍ୟାଣ୍ଡର ରିଚାର୍ଡ୍ ହେଣ୍ଡେରସନ୍‌ଙ୍କୁ ନୋବେଲ୍ ପୁରସ୍କାର ମିଳିବ ବୋଲି ରୟାଲ୍ ସୁଇଡ଼ିସ୍ ଏକାଡ଼େମୀ ଅଫ୍ ସାଇନ୍ସ ପକ୍ଷରୁ ଘୋଷଣା କରାଯାଇଛି। ଏହି ୩ଜଣ ବୈଜ୍ଞାନିକ ଜୈବ ଅଣୁର ଇମେଜିଂକୁ ସରଳ କରିବାରେ ସହାୟକ ହେଉଥିବା କ୍ରାୟୋ- ଇଲେକ୍‌ଟ୍ରୋନ୍ ମାଇକ୍ରୋସ୍କୋପିର ବିକାଶ କରିଥିବାରୁ ଏମାନଙ୍କୁ ପୁରସ୍କାର ମିଳିବ।

### ପଦାର୍ଥ ବିଜ୍ଞାନରେ ତିନି ଆମେରିକୀୟଙ୍କୁ ନୋବେଲ

ମାଧ୍ୟାକର୍ଷଣ ତରଙ୍ଗ ସମ୍ପର୍କରେ ନୂତନ ତଥ୍ୟ ଆବିଷ୍କାର କରି ଆମେରିକାର ତିନି ବୈଜ୍ଞାନିକ ଏମଆଇଟି ପ୍ରଫେସର ରେନର ବାିସ, କାଲିଫର୍ଣ୍ଣିଆ ଇନିଷ୍ଟିଚ୍ୟୁଟ ଅଫ ଟେକ୍ନୋଲଜିର ପ୍ରଫେସର କି ଥର୍ନ ଏବଂ ବେରୀ ବୋରିଶ। ଏହା ଆଲବର୍ଟ ଆଇନଷ୍ଟାଇନ ୧୦୦ ବର୍ଷ ପୂର୍ବରୁ କହିଥିଲେ ମଧ୍ୟ ସେତେବେଳେ ତାଙ୍କ କଥାକୁ ଗୁରୁତ୍ୱ ଦିଆଯାଇନଥିଲା । ବିଗତ ବର୍ଷ ପଦାର୍ଥ ବିଜ୍ଞାନ ଏବଂ ମହାକାଶ ବିଜ୍ଞାନ ସହ ଜଡିତ ବୈଜ୍ଞାନିକମାନେ ଯେତେବେଳେ କହିଥିଲେ ଯେ ସେମାନେ ବିଲିୟନ ଆଲୋକ ବର୍ଷ ଦୂରରେ ଥିବା ବଡ ବଡ ବ୍ଲାକ ହୋଲମାନଙ୍କ ମଧ୍ୟରେ ଦୁର୍ଘଟଣା କାରଣରୁ ସୃଷ୍ଟି ହେଉଥିବା କର୍ଷଣ ତରଙ୍ଗକୁ ରେକର୍ଡ କରିଛନ୍ତି ।




### ଇଶିଗୁରୋଙ୍କୁ ସାହିତ୍ୟ ନୋବେଲ୍

ଜାପାନ ଜନ୍ମିତ ବ୍ରିଟିଶ୍ ଔପନ୍ୟାସିକ କାଜୌ ଇଶିଗୁରୋଙ୍କୁ ଚଳିତ ବର୍ଷ ସାହିତ୍ୟରେ ନୋବେଲ ପୁରସ୍କାର ମିଳିବ। ତାଙ୍କର ବହୁଚର୍ଚ୍ଚିତ ଉପନ୍ୟାସ 'ଦି ରିମେନ୍ସ ଅଫ୍ ଦି ଡେ' ପାଇଁ ଏହି ପୁରସ୍କାର ପାଇବେ। 'ଭାବପ୍ରବଣତାର ଶକ୍ତି ଓ ବିଶ୍ୱ ସହ ଯୋଡ଼ିହେବାର ପରିକଳ୍ପନା' ତାଙ୍କ ଉପନ୍ୟାସର ବିଶେଷତ୍ୱ ବୋଲି ଏକାଡେମୀ ପକ୍ଷରୁ ଏହି ଘୋଷଣାରେ କୁହାଯାଇଛି। ଏହି ଉପନ୍ୟାସ ପାଇଁ ସେ ୧୯୮୯ରେ 'ମ୍ୟାନ୍ ବୁକର୍ ପ୍ରାଇଜ୍' ପାଇଥିଲେ। ୧୯୮୨ରେ ପ୍ରକାଶିତ ତାଙ୍କର ପ୍ରଥମ ଉପନ୍ୟାସ 'ଏ ପେଲ୍ ଭ୍ୟୁ ଅଫ୍ ହିଲ୍ସ' ଏବଂ ୧୯୮୬ରେ ପ୍ରକାଶିତ 'ଆନ୍ ଆର୍ଟିଷ୍ଟ୍ ଅଫ୍ ଦି ଫ୍ଲୋଟିଙ୍ଗ୍ ୱାର୍ଲଡ୍' ପରମାଣୁ ବୋମା ବିଧ୍ୱସ୍ତ ନାଗାସାକିର ଭିତ୍ତିଭୂମି ଉପରେ ପର୍ଯ୍ୟବସିତ। ସେ ୮ଟି ଉପନ୍ୟାସ ରଚନା କରିଛନ୍ତି ଏବଂ ବହୁ ଚଳଚ୍ଚିତ୍ର ଓ ଟେଲିଭିଜନ୍ ସୋ' ପାଇଁ ସ୍କ୍ରିପ୍ଟ ମଧ୍ୟ ଲେଖିଛନ୍ତି। ୨୦୧୫ରେ ତାଙ୍କର ପ୍ରକାଶ ପାଇଛି 'ନେଭର୍ ଲେଟ୍ ମି ଗୋ'।

### 'ଆଇକ୍ୟାନ୍'କୁ ଶାନ୍ତି ନୋବେଲ୍

ବିଶ୍ୱକୁ ଅଣୁଅସ୍ତ୍ର ମୁକ୍ତ କରିବା ପାଇଁ ଦୀର୍ଘ ଦଶନ୍ଧି ଧରି ଉଦ୍ୟମ କରି ଆସୁଥିବା ଭିଏନାର ଏକ ସ୍ୱେଚ୍ଛାସେବୀ ସଂଗଠନ ଗ୍ରୁପ୍ 'ଆଇକ୍ୟାନ୍' (ଇଣ୍ଟର୍ ନ୍ୟାସ୍‌ନାଲ୍ କ୍ୟାମ୍ପେନ୍ ଟୁ ଆବୋଲିସ୍ ନ୍ୟୁକ୍ଲିୟର୍ ୱିପନ୍ସ)କୁ ଚଳିତ ବର୍ଷ ଶାନ୍ତି ପାଇଁ ନୋବେଲ ପୁରସ୍କାର ଦିଆଯିବ। ଏହି ସଂଗଠନ ଅଣୁଅସ୍ତ୍ର ପ୍ରୟୋଗଦ୍ୱାରା ମାନବ ଜାତିର କିଭଳି କୁପରିଣାମ ଭୋଗ କରିବ, ସେ ସମ୍ପର୍କରେ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିବା ସହ ଅଣୁଅସ୍ତ୍ର ପରିହାର ପାଇଁ ଚୁକ୍ତିନାମା କରାଇବାରେ ଫଳପ୍ରଦ ଭୂମିକା ଗ୍ରହଣ କରିଥିବାରୁ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି।"

## ଗ୍ରାମାଞ୍ଚଳରେ ଇଣ୍ଟରନେଟ ପେନିଟ୍ରେସନ ହାର ୧୬%

ବର୍ତ୍ତମାନ ଇଣ୍ଟନେଟର ବ୍ୟବହାର ବହୁଳ ମାତ୍ରାରେ ଚାଲିଛି । ତେବେ ଦେଶରେ ମୋଟ ଇଣ୍ଟରନେଟ୍ ପେନିଟ୍ରେସନ ୩୩% ରହିଛି । ଗ୍ରାମାଞ୍ଚଳରେ ଏହି ହାର ୧୬ ପ୍ରତିଶତ ରହିଛି । ଭାରତ ବିଶ୍ୱର ଅନେକ ଦେଶ ତୁଳନାରେ ବହୁ ପଛରେରହିଛି । ଭାରତରେ ଏହି ହାର ମାତ୍ର ୨୩% ରହିଛି । ଚଳିତ ବର୍ଷ ଅଗଷ୍ଟ ମାସ ସୁଦ୍ଧା ଦେଶରେ ୩୧୦ ନିୟୁତ ଉପଭୋକ୍ତା ଉକ୍ତ ଶୃଙ୍ଖଳାରେ ରହିଛନ୍ତି । ବ୍ରଡବ୍ୟାଣ୍ଡ ପେନିଟ୍ରେଶନ ଉନ୍ନତ ହେବା ଫଳରେ ଏହା ଦେଶରେ ସାମାଜିକ ତଥା ଅର୍ଥନୈତିକ ଲକ୍ଷ୍ୟକୁ ହାସଲ କରିବା ଦିଗରେ ଅନେକ ମାତ୍ରାରେ ସହାୟକ ବୋଲି ରିପୋର୍ଟରେ ପ୍ରକାଶ ପାଇଛି ।



## ଷଷ୍ଠରୁ ଅଷ୍ଟମ ପିଲା ପଢ଼ିବେ ବଜେଟ୍ ଓ ବ୍ୟାଙ୍କ କାରବାର ପାଠ

ସ୍କୁଲ୍ ପାଠ୍ୟକ୍ରମରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଏଣିକି ଆର୍ଥିକ ଶିକ୍ଷା ମିଳିବ। ବଜେଟ୍ ଓ ବିଲ୍‌ର ଆବଶ୍ୟକତା, ଟଙ୍କାର ବିବର୍ତନ, ବିଭିନ୍ନ ଦେଶରେ ମୁଦ୍ରାର ପ୍ରଚଳନ, ବ୍ୟାଙ୍କରେ ଆକାଉଣ୍ଟ ଖୋଲା, ବାଣିଜ୍ୟର ଫାଇଦା ଆଦି ସମ୍ପର୍କିତ ପ୍ରାଥମିକ ଜ୍ଞାନ ଆହରଣ କରିବାର ସୁଯୋଗ ପିଲାଙ୍କୁ ସ୍କୁଲରେ ଉପଲବ୍ଧ କରାଇବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଷଷ୍ଠ ଶ୍ରେଣୀ ପାଠ୍ୟକ୍ରମ ନିମନ୍ତେ ପ୍ରମୁଖ ରାଷ୍ଟ୍ରଗୁଡ଼ିକରେ ମୁଦ୍ରାର ପ୍ରଚଳନ, ଟଙ୍କାର ବିବର୍ତ୍ତନ, ବଜେଟ୍ ଓ ବିଲ୍‌ର ଆବଶ୍ୟକତାକୁ ସାମିଲ କରିଛନ୍ତି। ସେହିପରି ସପ୍ତମ ଶ୍ରେଣୀ ପାଠ୍ୟକ୍ରମ ନିମନ୍ତେ 'ବାଣିଜ୍ୟ ଓ ବାଣିଜ୍ୟ ଯୋଗୁ ଫାଇଦା' ସମ୍ପର୍କରେ ଜ୍ଞାନ ଆହରଣର ସୁବିଧା ପିଲାଙ୍କୁ ମିଳିବ। ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଠ୍ୟକ୍ରମରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା, ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ଓ ବ୍ୟାଙ୍କ୍‌ରେ କିଭଳି ଆକାଉଣ୍ଟ ଖୋଲାଯାଏ ସେସବୁକୁ ପାଠ୍ୟକ୍ରମରେ ସାମିଲ କରାଯିବ। ୨୦୧୮-୧୯ ଶିକ୍ଷା ବର୍ଷରୁ 'ଆର୍ଥିକ ସାକ୍ଷରତା' ବିଷୟ ପିଲାଙ୍କ ପାଠ୍ୟକ୍ରମରେ ସାମିଲ ହେବ ବୋଲି ଜଣାପଡ଼ିଛି।

## ମାର୍ଚ୍ଚରେ ଫେଲ୍ ହେଲେ ମେ'ରେ ପରୀକ୍ଷା

ଏଣିକି ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ମାର୍ଚ୍ଚମାସରେ ପରୀକ୍ଷା ହେବ । ଯେଉଁମାନେ ଫେଲ ହେବେ ସେମାନେ ମେ ମାସରେ ପରୀକ୍ଷା ଦେବେ । ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ମାନବ ସମ୍ବଳ ବିକାଶମନ୍ତ୍ରୀ ପ୍ରକାଶ ଜାଭଡେକର ଏହା କହିଛନ୍ତି। ଏଥିସହ ଲର୍ଣ୍ଣିଂ ଆଉଟକମ୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ ପ୍ରତି ଶ୍ରେଣୀରେ କଣ ପାଠ୍ୟକ୍ରମ ରହିବ ସେ ସମ୍ପର୍କରେ କାନ୍ଥରେ ପୋଷ୍ଟର୍ ଲଗାଯିବ ।

## ଆସନ୍ତା ଅପ୍ରେଲରୁ ବଜାରରେ ଉପଲବ୍ଧ ହେବ ନୂଆ ୧୦୦ଟଙ୍କିଆ

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୨୦୧୮ ଅପ୍ରେଲ ସୁଦ୍ଧା ନୂଆ ୧୦୦ଟଙ୍କିଆ ନୋଟ ବଜାରରେ ଉପଲବ୍ଧ କରାଯିବ । ଏହି ନୂଆ ନୋଟର ଡିଜାଇନ ନିର୍ଦ୍ଧାରଣ ହୋଇସାରିଛି । ବିମୁଦ୍ରାୟନ ପରେ ୨୦୦୦,୫୦୦,୫୦ ଓ ୨୦୦ଟଙ୍କିଆ ନୂତନ ନୋଟ ଗୁଡ଼ିକ ଆରବିଆଇ ପକ୍ଷରୁ ଛପା ଯାଇଛି।

## ଫୋର୍ବସ୍ ତାଲିକାରେ ଦେଶର ୧୦ ବଡ଼ ଧନୀ

ପ୍ରତିବର୍ଷ ଭଳି ଫୋର୍ବସ୍ ୧୦୦ ଭାରତୀୟ ବଡ଼ ଧନୀଙ୍କ ତାଲିକା ଏବେ ପ୍ରକାଶିତ ହୋଇଛି। ସେଥିରେ ଦର୍ଶାଯାଇଛି ଯେ ଭାରତର ୧୦୦ ବଡ଼ ଧନୀଙ୍କ ମୋଟ ସମ୍ପତ୍ତି ମୂଲ୍ୟ ୨୦୧୭ରେ ୨୬ ପ୍ରତିଶତ ବଢ଼ି ୪୭୯୦୦ କୋଟି ଡଲାର୍ ହୋଇଛି ଯାହା ୨୦୧୬ରେ ୩୭୪୦୦ କୋଟି ଡଲାର୍ ଥିଲା। ଏହି ତାଲିକା ଅନୁଯାୟୀ ୩୮୦୦ କୋଟି ଡଲାର୍ ମୂଲ୍ୟର ସମ୍ପତ୍ତିର ମାଲିକ ମୁକେଶ ଅମ୍ବାନୀ ହେଉଛନ୍ତି ଭାରତର ସବୁଠାରୁ ବଡ଼ ଧନୀ। ତାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି ୧୯୦୦ କୋଟି ଡଲାର୍ ମୂଲ୍ୟର ସମ୍ପତ୍ତିର ମାଲିକ ଅଜିମ୍ ପ୍ରେମଜୀ।

## ଡାକଘରେ ଜମା ପାଇଁ ଆଧାର

ଏଣିକି ପୋଷ୍ଟ ଅଫିସ୍‌ରେ ସମସ୍ତ ପ୍ରକାରର ଜମା,ସରକାରୀ କର୍ମଚାରୀଙ୍କ ଭବଷ୍ୟନିଧି ପାଣ୍ଠି (ପିପିଏଫ୍), ଜାତୀୟ ସଞ୍ଚୟ ପ୍ରମାଣପତ୍ର ଓ କିଷାନ ବିକାଶ ପତ୍ର ଖରିଦ ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ ହୋଇଛି। ଆଜି କେନ୍ଦ୍ର ସରକାର ଏହା ଘୋଷଣା କରିଛନ୍ତି। ଏଥିସହ ଯେଉଁମାନେ ଆଗରୁ ପୋଷ୍ଟ ଅଫିସ୍‌ରେ ଟଙ୍କା ଜମା କରିଛନ୍ତି କିମ୍ବା ପିପିଏଫ୍ ହୋଲଡର ଅଛନ୍ତି, ଜାତୀୟ ସଞ୍ଚୟ ପ୍ରମାଣପତ୍ର ଓ କିଷାନ ବିକାଶ ପତ୍ର ଖରିଦ କରିଛନ୍ତି, ସେମାନେ ଡିସେମ୍ବର ୩୧ ସୁଦ୍ଧା ନିଜର ୧୨ ଅଙ୍କ ବିଶିଷ୍ଟ ଆଧାର ନମ୍ବରକୁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବାକୁ ଅର୍ଥମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେନ୍ଦ୍ର ସରକାର କଳାଧନ କାରବାର ଓ ବେନାମୀ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ବ୍ୟାଙ୍କ ଜମା ଖାତା ଓ ମୋବାଇଲ୍ ଫୋନ୍ ନମ୍ବର ସହ ଆଧାର ସଂଯୁକ୍ତ କରିବା ବାଧ୍ୟତାମୂଳକ ବୋଲି ପୂର୍ବରୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ମାସରେ କେନ୍ଦ୍ର ସରକାର ଆଧାର ପଞ୍ଜୀକରଣର ଶେଷ ତାରିଖକୁ ଡିସେମ୍ବର ୩୧କୁ ଘୁଞ୍ଚାଇଛନ୍ତି। ପୂର୍ବରୁ ଏହା ସେପ୍ଟେମ୍ବର ୩୦ ଥିଲା।

ବିଜ୍ଞାନ ବିଚିତ୍ରା

# କେତେକ ଉଦ୍ଭିଦ ଜାତ ପଦାର୍ଥର ଔଷଧୀୟ ଗୁଣ



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ଟମାଟୋ ବା ବିଲାତି ବାଇଗଣ** :-ଏକ ପରିବା କହୁ ବା ଫଳ; ସୁପ, ଜୁସ୍, ସସ୍, ସାଲାଡ୍ ବା ଆଚାର ରୂପେ ସମଗ୍ର ପୃଥିବୀରେ ଟମାଟୋର ଚାହିଦା ରହିଛି। ଏହାର ବୈଜ୍ଞାନିକ ନାମ ହେଲା ଲାଇକୋପର୍ସିକମ୍



ଏସ୍କୁଲେଂଟମ୍। ଏହାକୁ ଏକ ପରିବା ବଦଳରେ ଫଳ ବୋଲି ଧରାଯିବା ଉଚିତ। ଏହା କେବଳ ଯେ ସୁସ୍ୱାଦୁ ତାହା ନୁହଁ ବରଂ ଏହା ଅନେକ ପୋଷକ ତତ୍ତ୍ୱରେ ଭରପୂର ଅଟେ। ଏହା ପ୍ରଥମେ ଦକ୍ଷିଣ ଆମେରିକାର ଉପକୂଳବର୍ତ୍ତୀ ଅଂଚଳରେ ଚାଷ କରାଯାଉଥିଲା, କିନ୍ତୁ ପ୍ରଥମେ ୧୮୨୨ ମସିହାରେ ଇଂରେଜମାନଙ୍କ ଦ୍ୱାରା ଏହା ଭାରତକୁ ଆନୀତ ହୋଇଥିଲା ବୋଲି ବିଶ୍ୱାସ କରାଯାଏ। ଏହାକୁ କଂଚା ଓ ରନ୍ଧା ( ଉଭୟ ଆମିଷ ଓ ନିରାମିଷ ) ଉଭୟ ପ୍ରକାରେ ଖିଆଯାଇ ପାରେ। ଏଥିରେ ଭିଟାମିନ-ସି ଅଧିକ ଥିବା ହେତୁ ଏହା ଖଟାଳିଆ ଲାଗେ। ଏହା ଛଡା ଭିଟାମିନ-ଏ, ସୋଡିଅମ୍, ପଟାସିଅମ, ତମ୍ବା, ସଲଫର, କ୍ଲୋରିନ୍ ଓ ଲୌହ ଭଳି ମୌଳିକର ଏହା ଏକ ଗନ୍ତାଘର ଅଟେ। ଏଥିରେ ଶର୍କରା ଓ କ୍ୟାଲୋରି ଅଂଶ କମ୍ ଥିବାରୁ ଏହାକୁ ମଧୁମେହ ରୋଗୀ ଏବଂ ନିଜ ଶରୀର ଓଜନ ହ୍ରାସ ପାଇଁ ଚେଷ୍ଟିତ ବ୍ୟକ୍ତି ମଧ୍ୟ ନେଇ ପାରନ୍ତି। ପ୍ରତ୍ୟେକ ଟମାଟୋରେ ୮୫.୪% ତନ୍ତୁଜ ଅଂଶ, ୬-୭% କଠିନ ପଦାର୍ଥ,୯୨.୫% ହଳଦିଆ ତରଳ ଅଂଶ ରହିଥାଏ। ୧୦୦ ଗ୍ରାମ୍ ପାଚିଲା ଟମାଟୋରେ ସୋଡିଅମ୍ ୨.୮,କ୍ୟାଲସିଅମ୍ ୧୩.୩, ମ୍ୟାଗ୍ନେସିଅମ୍ ୧୧ ,ଲୌହ ୦.୪୩ , ଫସଫରସ ୨୧.୩, ତମ୍ବା ୦.୧,କ୍ଲୋରିନ୍ ୫୧(ସବୁ ମିଗ୍ରା ଏକକରେ ) ରହିଥାଏ। ଏହାର ମିଠାଳିଆ ସ୍ୱାଦ ପାଇଁ ଗ୍ଲୁକୋଜ,ଫ୍ରକ୍ଟୋଜ୍ ଏବଂ କେତେକ କିଟୋ ହେକ୍ସୋଜ ଦାୟୀ ଅଟନ୍ତି। ଟମାଟୋର ଖଟାଳିଆ ଗୁଣ କେତେକ ଅମ୍ଳ ଯଥା ସାଇଟ୍ରିକ୍ ,ଏସିଟିକ୍ , ମେଲିକ୍ ,ଫର୍ମିକ୍ ,ସକ୍ସିନିକ ଓ ୧୮ ଟି ଆମିନୋ ଅମ୍ଳ ଯୋଗୁଁ ହୋଇଥାଏ। ପୂରା ପାଚିଲା ଟମାଟୋରେ କୋବାଲ୍ଟ, ଦସ୍ତା ,ବୋରୋନ୍ ଆର୍ସେନିକ୍, ଆୟୋଡିନ୍, ମାଙ୍ଗାନିଜ୍ ଏବଂ ଆଲୁମିନିଅମ୍ ମଧ୍ୟ ସ୍ୱଳ୍ପ ପରିମାଣରେ ମିଳିଥାଏ। ଏହାର ଲାଲ ରଙ୍ଗ ଲାଇକୋପିନ୍ ଓ ବିଟା କେରୋଟିନ୍ ଯୋଗୁଁ ହୋଇଥାଏ। କେତେକ ଜୀନ ରୂପାନ୍ତରୀତ ଟମାଟୋ ହେଲା ପୁଷା ,ରୁବି ଇତ୍ୟାଦି। ଟମାଟୋ ଯେ କେବଳ ପାଟିକୁ ସୁଆଦିଆ ତାହା ନୁହଁ ବରଂ ଏଥିରେ ଥିବା ଭିଟାମିନ-ସି ଓ ଫ୍ଲାଭନଏଡ୍ସ ରକ୍ତବାହୀ ନଳୀ ସବୁକୁ ଶକ୍ତ କରେ । ଆମେ ଖାଉଥିବା ତୈଳ ଓ ସ୍ନେହସାରକୁ ଦ୍ରବୀଭୁତ କରେ ଏବଂ ଶିରା, ପ୍ରଶିରାକୁ ସଂକୁଚିତ ହେବାରୁ ରକ୍ଷା କରେ। ଟମାଟୋରେ ଥିବା ଲାଇକୋପିନ୍ ଓ ଫ୍ଲାଭନଏଡ୍ସ ରକ୍ତବାହୀ ନଳୀ ମଧ୍ୟରେ ସୃଷ୍ଟି ହେଉଥିବା ପ୍ଲାକ୍‌କୁ ଦ୍ରବୀଭୁତ କରି ରକ୍ତଚାପକୁ ହ୍ରାସ କରିଥାଏ। ଏଥିରେ ଥିବା କ୍ଲୋରିନ ଓ ସଲଫର ଯକୃତର ବିଷାକ୍ତ ପଦାର୍ଥ ସବୁକୁ ବିଘଟିତ କରି ଏହାକୁ ସୁସ୍ଥ ରଖନ୍ତି। ଡାକ୍ତରଙ୍କ ମତରେ ଲାଇକୋପିନ୍ କର୍କଟ ରୋଗରୁ ଶରୀରକୁ ସୁରକ୍ଷା ଦେଇଥାଏ। ତରଳ ଝାଡା ଓ ପେଟରୋଗ ର ଉପଶମ ପାଇଁ ଟମାଟୋ ସହାୟତା କରିଥାଏ। ଯଦି ଚର୍ମ ଉପରେ କୌଣସି ଘାଆ ହୋଇ ଶୁଖୁ ନ ଥିବ ତେବେ ତା ଉପରେ ପାଚିଲା ଟମାଟୋର ପ୍ରଲେପ ଦେଲେ ସୁଫଳ ମିଳିଥାଏ।

**ରସୁଣ:-**( **Alium sativum** ) ପ୍ରତ୍ୟେକ ତରକାରୀର ସ୍ୱାଦ ବର୍ଦ୍ଧକ ଭାବେ ରସୁଣକୁ ବ୍ୟବହାର କରାଯାଏ। ଅନେକ ବ୍ୟକ୍ତିଙ୍କୁ ଏହା ଆକୃଷ୍ଟ କରୁଥିବାବେଳେ ଆଉ କେତେକେ ଏହାର ଉତ୍କଟ ବାସନା ଯୋଗୁଁ ଏହାର ପାଖ ପଶନ୍ତି ନାହିଁ। ଆଦିମ ସମ୍ପ୍ରଦାୟଙ୍କ ମତରେ ଯଦି ରସୁଣକୁ ମାଳ କରି ବେକରେ ପିନ୍ଧାଯାଏ ତେବେ ଭୂତ, ପିଶାଚ, ଡାଆଣୀ ପାଖ ମାଡନ୍ତି ନାହିଁ। ସେହିପରି ଗର୍ଭବତୀ ନାରୀ ମାନଙ୍କୁ ଦୁଷ୍ଟ ଆତ୍ମାମାନଙ୍କ କୁଦୃଷ୍ଟିରୁ ରକ୍ଷା କରିବାକୁ ରସୁଣ ମାଳ ପିନ୍ଧିବାକୁ କୁହାଯାଏ। ଅବଶ୍ୟ ଏହାର କୌଣସି ବୈଜ୍ଞାନିକ ଭିତ୍ତି ନାହିଁ। ତେବେ ଏହାର ମୂଳ କାରଣ ରସୁଣର ଉତ୍କଟ ଗନ୍ଧ ହୋଇ ପାରେ। ରସୁଣ ମାଟି ତଳେ ଫଳିଥାଏ। ଏହା ଗୋଲାକାର ଏବଂ ଅନେକ



ପାଖୁଡାର ସମଷ୍ଟି ରୂପେ ଅମଳ କରାଯାଏ। ଏହାର ବାସ୍ନା ଏଲିସିନ୍ ନାମକ ଏକ ଗନ୍ଧକ ଯୁକ୍ତ ଯୌଗିକ ଯୋଗୁଁ ହୋଇଥାଏ। ଏଥିରେ ମାଙ୍ଗାନିଜ , କ୍ୟାଲସିଅମ୍, ଫସଫରସ, ସେଲିନିଅମ୍, ଭିଟାମିନ୍-ସି, ଓ ବି-୬ ପ୍ରଚୁର ପରିମାଣରେ ଥାଏ। ତେଣୁ କର୍କଟ ସହିତ ୧୬୦ ଟି ରୋଗ ବିରୁଦ୍ଧରେ ଏହା ଲଢିପାରେ। ଏଥି ସହିତ ଏହାର ଜୀବାଣୁ ଓ ଭୂତାଣୁ ପ୍ରତିରୋଧି ଗୁଣ ଯୋଗୁଁ ଏହାକୁ ଫଙ୍ଗସ୍ , ଇଷ୍ଟ ଓ କୀଟ ଦଂଶନ ଜନିତ ସଂକ୍ରମଣ ଉପଶମ ପାଇଁ ବ୍ୟବହାର କରାଯାଏ। ଜାଣି ରଖନ୍ତୁ ଯେ, ସାଧାରଣ ରସୁଣ ଅପେକ୍ଷା ଗଜା ହୋଇଥିବା ରସୁଣ ଅଧିକ ଉପକାରୀ । କାରଣ ଏହାର ଆଂଟିଅକ୍ସିଡେଂଟ ଗୁଣ ଅଧିକ ସକ୍ରିୟ ଥାଏ। ଯେତେବେଳେ ଗଜାଟି ଗୋଟିଏ ଗଛରେ ରୁପାନ୍ତରିତ ହୁଏ ସେତେବେଳେ ତା ଶରୀରରେ ନୂତନ ଅଣୁ ସବୁ ସଂଯୁକ୍ତ ହୁଅନ୍ତି ଯାହାଙ୍କୁ ଫାଇଟୋଆଲେକ୍ସିନ୍ସ ବୋଲି କହନ୍ତି। ଏମାନଙ୍କ କାର୍ଯ୍ୟ ହେଲା ବୃଦ୍ଧି ପାଉଥିବା ଗଛଟିକୁ ରୋଗ, ପୋକ ଓ ଜୀବାଣୁ କବଳରୁ ରକ୍ଷା କରିବା। ତେଣୁ ବାଲ୍ୟାବସ୍ଥାରେ ଥିବା ଏହି ଉଦ୍ଭିଦଟି ମନୁଷ୍ୟମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ। ୨୦୦୯ ରେ ହୋଇଥିବା ଏକ ଗବେଷଣାରୁ ଜଣାଯାଏ ଯେ ଯଦି ରସୁଣକୁ କିଣ୍ୱନ ପ୍ରକ୍ରିୟାରେ ପାଚିତ କରାଯାଏ ତେବେ ସେଥିରୁ ତିଆରି ବ୍ଲାକ୍ ରସୁଣର ଆଂଟିଅକ୍ସିଡେଂଟ ଧର୍ମ ଦ୍ୱିଗୁଣିତ ହୋଇଯାଏ। ଏଥିପାଇଁ ଏସ୍ ଆଲିଲ୍ ସିଷ୍ଟିନ୍ ପ୍ରମୁଖ ଭାବେ ଦାୟୀ ଅଟେ। ଏହାକୁ ନିୟମିତ ଭାବେ ନେଲେ ରକ୍ତରେ କୋଲେଷ୍ଟେରଲ୍ ପରିମାଣ ହ୍ରାସ ପାଏ ଓ ସୋରିଆସିସ୍ ରୋଗରୁ ଉପଶମ ମିଳେ। ଗବେଷଣାରୁ ଜଣାଯାଏ ଯେ, ଯେଉଁ ମହିଳାମାନେ ଅଧିକ ରସୁଣ ଖାଆନ୍ତି ସେମାନଙ୍କୁ କ୍ୟାନସର୍ ହେବାର ସମ୍ଭାବନା ୫୦% କମିଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପରାମର୍ଶ ଅନୁଯାୟୀ ଜଣେ ବୟସ୍କ ବ୍ୟକ୍ତି ଦିନକୁ ୨-୫ ଗ୍ରାମ୍ କଂଚା ରସୁଣ ,୦.୪-୧.୨ ଗ୍ରାମ ଶୁଖିଲା ଗୁଣ୍ଡ, ୨-୫ ମିଲି ରସୁଣ ତେଲ କିମ୍ବା ୩୦୦-୧୦୦୦ ମିଗ୍ରା ର ରସୁଣରୁ ତିଆରି ପଦାର୍ଥ ନେଇପାରେ। ଅର୍ଥାତ ଏ ସବୁଥିରେ ୨-୫ ମିଗ୍ରାର ଆଲିସିନ୍ ରହିବା ଜରୁରୀ। ମହିଳାମାନେ ଫଳ, ପନିପରିବା ସହ ରସୁଣକୁ ନିୟମିତ ଭାବେ ବ୍ୟବହାର କଲେ ବିଭିନ୍ନ ପ୍ରକାରର କର୍କଟ ରୋଗରୁ ମୁକ୍ତି ମିଳେ ବୋଲି କୁହାଯାଏ। ମାନସିକ ଅବସାଦ କିମ୍ବା ଅତ୍ୟଧିକ ଚାପ ସମୟରେ ଶରୀରର ରୋଗ ପ୍ରତିଷେଧକ ଶକ୍ତି ବଢାଇବାରେ ରସୁଣ ସହାୟତା କରିଥାଏ। କୁହାଯାଏ ଯେ ମାଛ, ମାଂସ ଓ ଚିକେନ୍ ରାନ୍ଧିଲା ବେଳେ ସେଥିରେ କଂଚା ରସୁଣକୁ ଖଣ୍ଡ ଖଣ୍ଡ କରି କାଟି ପକାଇଲେ ଏଥିରୁ ବାହାରୁ ଥିବା ରୋଗ ସୃଷ୍ଟିକାରୀ ଯୌଗିକଗୁଡିକୁ ଏହା ନଷ୍ଟ କରିଦିଏ। କିଣ୍ୱନରୁ ମିଳୁଥିବା ରସୁଣରେ ଥିବା ଏସ୍ ଆଲିଲ୍ ସିଷ୍ଟିନ୍ ଆଲିସିନ୍ ଅପେକ୍ଷା ଅଧିକ ଉପକାରୀ କାରଣ ଏହା ଆମ ଶରୀରରେ ଭଲ ଭାବେ ଶୋଷିତ ହେବା ସଙ୍ଗେ ସଙ୍ଗେ ଏହାର ଔଷଧୀୟ ଗୁଣ ସବୁକୁ ଅତୁଟ ରଖେ। କିନ୍ତୁ ଏହି ପ୍ରକ୍ରିୟାକୁ ଘରେ କରିବା ସହଜ ନୁହେଁ। ଶ୍ୱାସ ରୋଗର ଉପଚାର ପାଇଁ ଦୈନିକ ଫୁଟା କ୍ଷୀର ସହ ୩ କୋଲା ରସୁଣକୁ ରାତିରେ ଶୋଇବା ଆଗରୁ ନେଲେ ସୁଫଳ ମିଳିଥାଏ। ଚୀନ ଦେଶରେ ସବୁ ପ୍ରକାର ପେଟ ରୋଗ ଯଥା କୋଲାଇଟିସ, ତରଳ ଝାଡା, ପେଟବଥା ଆଦି ପାଇଁ ରସୁଣକୁ ଔଷଧ ରୂପେ ଦିଆଯାଏ। ରୁଷିଆ ଓ ବ୍ରିଟେନ୍‌ରେ ରସୁଣକୁ ବାତରୋଗର ଉପଚାର ପାଇଁ ବ୍ୟବହାର କରାଯାଏ। ଶରୀରର ପୋଡି ଯାଇଥିବା ଅଂଶରେ ରସୁଣ ବଟାକୁ ତେଲ ସହ ମିଶାଇ ଲଗାଇଲେ ଯନ୍ତ୍ରଣା ଲାଘବ ହେବା ସଙ୍ଗେ ଘାଆ ଶୀଘ୍ର ଶୁଖିଥାଏ। ମୁହଁରେ ବ୍ରଣ ହେଉଥିଲେ ପ୍ରତିଦିନ କଂଚା ରସୁଣକୁ ସେହି ଜାଗାରେ ଧିରେ ଘଷନ୍ତୁ, ଦେଖିବେ କିଛି ଦିନ ପରେ ବ୍ରଣ ତ ଛାଡିଯିବ ତା ସହ କୌଣସି ଦାଗ ବି ରହିବ ନାହିଁ। ରସୁଣ ତେଲ କିମ୍ବା ଏହାର ବଟାକୁ ଦେହରେ ଲେପନ କଲେ ମଶା ପାଖ ପଶନ୍ତି ନାହିଁ। ଆମ ଦେଶର କେତେକ ଗ୍ରାମରେ କେବଳ ଏହି ଉପାୟରେ ମଶା ଏବଂ ମ୍ୟାଲେରିଆରୁ ରକ୍ଷା ପାଇ ପାରିଛନ୍ତି। ବିଶ୍ୱଯୁଦ୍ଧ ସମୟରେ ରୁଷିଆର ସୈନିକମାନେ ଆଘାତ ଜନିତ କ୍ଷତକୁ ଶୁଖାଇବା ନିମନ୍ତେ ନିଜ ପକେଟରେ ରସୁଣକୁ ନେଉଥିଲେ, ତେଣୁ ଏହାକୁ ରୁଷିଆ ଦେଶର ପେନିସିଲିନ୍ ବୋଲି କୁହାଯାଉଥିଲା। ଏହାକୁ ପ୍ରଥମେ ବେବିଲୋନ୍‌ର ଝୁଲନ୍ତା ବଗିଚାରେ ଚାଷ କରା ଯାଇଥିଲା। ରୋମାନ ଭାଷାରେ ଲିଖିତ ନେଚୁରାଲିସ୍ ହିଷ୍ଟୋରିଆରେ ରସୁଣର ୬୦ ପ୍ରକାର ବ୍ୟବହାର ବିଷୟରେ ଉଲ୍ଲେଖ ଅଛି। ଫିନଲାଣ୍ଡର ହେଲସିଙ୍କିରେ ଏକ ରେଷ୍ଟୋରାଁ ଅଛି ଯେଉଁଠି ଚା, କଫି ଠୁ ଆରମ୍ଭ କରି ମିଲସ୍ ପର୍ଯ୍ୟନ୍ତ ସବୁଥିରେ ରସୁଣ ଦିଆଯାଏ।

ରସୁଣର କେତେକ ବଦ୍ ଗୁଣ ହେଲା କେତେକଙ୍କ ଶରୀରରେ ଏହା ଆଲର୍ଜି ସୃଷ୍ଟି କରିଥାଏ। ଖାଲି ପେଟରେ କଂଚା ରସୁଣ କିମ୍ବା ଏହାର ରସକୁ ନେଲେ ଜ୍ୱଳନ ସୃଷ୍ଟି ହୋଇଥାଏ ଓ ତା ସହ ଝାଡା ବାନ୍ତି ମଧ୍ୟ ହେବାର ଦେଖାଯାଏ। ଗର୍ଭବତୀ ନାରୀ କିମ୍ବା ଅପରେସନ ହେବାକୁ ଥିବା ରୋଗୀ ଏହାକୁ ସାବଧାନତା ସହ ବ୍ୟବହାର କରିବା ଉଚିତ କାରଣ ଏହା ରକ୍ତକୁ ପତଳା କରି ପକାଏ। ବେଳେ ବେଳେ ରସୁଣ ଗଛଟି କ୍ଲଷ୍ଟ୍ରିଡିଅମ୍ ବଟୁଲିନମ୍ ନାମକ ବୀଜାଣୁ ଦ୍ୱାରା ସଂକ୍ରମିତ ହୋଇ ପରବର୍ତ୍ତୀ ଅବସ୍ଥାରେ ବଟୁଲିନମ୍ ଟକ୍ସିନ୍ ସୃଷ୍ଟି କରେ ଯାହା ଆମ ପାଇଂ କ୍ଷତିକାରକ ଅଟେ. ମୁଖ୍ୟତଃ ଅଣ ସଂରକ୍ଷିତ ରସୁଣ ତେଲରେ ଏହା ଦେଖିବାକୁ ମିଳେ। ରାସାୟନିକ ପଦାର୍ଥ ଜନିତ ଜ୍ୱଳନ, ସଂକ୍ରମଣ ଜନିତ ଚର୍ମ ରୋଗ, ଫୁସଫୁସ


ସଂକ୍ରମଣ ଓ ପେଟ ଭିତରେ ଘା ହୋଇଥିବା ରୋଗୀ ରସୁଣ ବ୍ୟବହାରରେ ସଂଯମତା ଅବଲମ୍ବନ କରିବା ଉଚିତ। ଏହି ଆଲୋଚନାରୁ ସ୍ପଷ୍ଟ ହୁଏ ଯେ ରସୁଣ କେବଳ ଏକ ପରିବା ବା ମସଲା ନୁହଁ ବରଂ ଏହା ଏକ ମହୌଷଧି। ଏହାର ଉତ୍ପାଦନ ତଥା ବ୍ୟବହାରକୁ ପ୍ରୋତ୍ସାହିତ କରିବା ଲାଗି ଅପ୍ରେଲ ୧୯ ତାରିଖ ଜାତୀୟ ରସୁଣ ଦିବସ ରୂପେ ପାଳନ କରିବାକୁ ଭାରତ ସରକାର ସ୍ଥିର କରିଛନ୍ତି। ଆମେରିକାର କାଲିଫର୍ନିଆରେ ଥିବା ଗିଲୋରି ନାମକ ସ୍ଥାନକୁ ଗାର୍ଲିକ୍ କ୍ୟାପିଟାଲ ଅଫ୍ ଦି ୱାର୍ଲଡ ବୋଲି କୁହାଯାଏ କାରଣ ଏଠାରେ ଆଇସକ୍ରିମ୍ ଚକୋଲେଟଠୁ ଆରମ୍ଭ କରି ମାଛ ମାଂସ ସବୁ ଜିନିଷରେ ରସୁଣକୁ ପରଷା ଯାଏ।

**ଲଙ୍କା:-** କଂଚା ଠୁ ପାଚିଲା ପର୍ଯ୍ୟନ୍ତ ଅର୍ଥାତ ସବୁଜଠୁ ଆରମ୍ଭ କରି ନାଲିଆ ପର୍ଯ୍ୟନ୍ତ ପ୍ରତ୍ୟେକ କିସମର ଲଙ୍କା ସାରା ବିଶ୍ୱରେ ଏକ ଦରକାରୀ ମସଲା ରୂପେ ବ୍ୟବହୃତ ହୋଇ ଆସୁଛି। ଏହା ପିପେରାସି ପରିବାରର ଅନ୍ତର୍ଭୁକ୍ତ। ଲଙ୍କା ଗଛର ବିଶେଷତା ଏହି ଯେ ଏହା ଯେ କୌଣସି ଜଳବାୟୁ, ମାଟି ଓ ପରିସ୍ଥିତିକୁ ଖାପ ଖୁଆଇ ବଢ଼ିପାରେ। ମଧ୍ୟ ଆମେରିକାରୁ ଆନୀତ ହୋଇଥିବା ଲଙ୍କା ହଙ୍ଗେରୀରେ ଓ ସ୍ପେନ୍‌ରେ ବି ଚାଷ କରାଯାଇ ପାରିଲା। କିନ୍ତୁ ଏହାର ରାଗର ତୀବ୍ରତା ଧିରେ ଧିରେ କମିବାକୁ ଲାଗିଲା। କାରଣ ରାଗର କାରକ କାପସାଇସିନ୍‌ର ପରିମାଣ ଏଥିରେ କମି କମିଗଲା। ସାରା ବିଶ୍ୱରେ ୯୦ ପ୍ରକାର ଲଙ୍କା ମିଳେ, କିନ୍ତୁ ଏଥିରୁ କେବଳ ୫ ପ୍ରକାର ଲଙ୍କା ଚାଷ କରାଯାଏ ଏବଂ ଏଗୁଡ଼ିକ ବିଶେଷ ଭାବେ ଆଦୃତ। ବେଳେ ବେଳେ ପ୍ରଶ୍ନ ଉଠେ ଯେ କଂଚା ଓ ଶୁଖିଲା ଲଙ୍କା ଭିତରେ କେଉଁଟି ଶରୀର ପାଇଁ ଭଲ। ଆୟୁର୍ବେଦ ଶାସ୍ତ୍ର ଅନୁଯାୟୀ ନାଲି ଲଙ୍କା ପେଟ ରୋଗର କାରଣ ସାଜେ। କିନ୍ତୁ କଂଚା ଲଙ୍କା ବିଭିନ୍ନ ଉପାୟରେ ଆମ ପାଇଁ ଉପାଦେୟ ଅଟେ। ଏହା ଖାଦ୍ୟ ହଜମ କ୍ରିୟାରେ ଦ୍ରବକ ଭଳି କାମ କରେ, କୋଲେଷ୍ଟେରଲ ହ୍ରାସ କରେ ଏବଂ ଖାଦ୍ୟରେ ଥିବା ବିଷାକ୍ତ ଜିନିଷ ସବୁକୁ ନଷ୍ଟ କରେ। ଏଥିରେ ଭିଟାମିନ ଏ, ବି,ସି.ସହିତ ବିଟା କ୍ୟାରୋଟିନ୍ ଅଧିକ ଥିବାରୁ ଏହା ଶରୀରକୁ ପ୍ରତିରୋଧକ ଶକ୍ତି ଯୋଗାଏ। ଏହା ଆମ ଶରୀରର ପ୍ରାକୃତିକ ଯନ୍ତ୍ରଣା ନିବାରକ ଏଣ୍ଡରଫିନ୍ କ୍ଷରଣରେ ସହାୟତା କରେ। ଏଥି ଯୋଗୁଁ ନିଦ ଭଲ ହୁଏ ଏବଂ ଏହାର ପ୍ରଭାବ ହେତୁ ଲୋକେ ଲଙ୍କା ଖାଇବାର ନିଶାରେ ପଡିଯାନ୍ତି। କଂଚା ରାଗ ଲଙ୍କାଟିଏ ଯଦି ଭୁଲ ବଶତଃ ବି କାମୁଡି ହୋଇଯାଏ ତେବେ ଯନ୍ତ୍ରଣାରେ ଆମ ମୁହଁ ଲାଲ୍ ପଡି ଯାଇ ଆଖି, ନାକ ଓ ଜିଭରୁ ପାଣି ନିଗିଡି ଯାଏ। ଏହା ହୁଏ କାହିଁକି ? ଲଙ୍କାକୁ କାମୁଡି ଦେଲେ ଏଥିରୁ କାପସାଇସିନ ନାମକ ଯୌଗିକ କ୍ଷରୀତ ହୋଇ ପାଟି, ନାକ ଓ ଗଳାରେ ଥିବା ଯନ୍ତ୍ରଣା ସମ୍ବେଦି କୋଷଗୁଡ଼ିକୁ ଉତ୍ତେଜିତ କରନ୍ତି। ଏହାକୁ ସ୍ନାୟୁ କୋଷମାନେ ମସ୍ତିଷ୍କରେ ପହଂଚାନ୍ତି। ତାପରେ ମସ୍ତିଷ୍କ ଏଣ୍ଡରଫିନ୍ କ୍ଷରଣ ପାଇଁ ନିର୍ଦ୍ଦେଶ ଦିଏ। ଏହାର ପ୍ରତିକ୍ରିୟା ସ୍ୱରୂପ ଆଖି, ନାକ ଓ ପାଟିରୁ ପାଣି ବାହାରେ। ଏଥିରୁ ରକ୍ଷା ପାଇବାକୁ ସାଧାରଣତଃ ଆମେ ପାଣି ପିଇବା ପାଇଁ ଦୌଡିଯାଉ। କିନ୍ତୁ ମନେ ରଖିବେ ପାଣି ପିଇଦେଲେ ରାଗ କମିଯାଏନାହିଁ। କାରଣ କାପସାଇସିନ ଜଳରେ ଦ୍ରବଣୀୟ ନୁହେଁ, ତେଣୁ ଏ ସମୟରେ ବରଂ ଆଇସକ୍ରିମ୍ ବା କ୍ଷୀର ଟିକିଏ ଖାଇ ଦିଅନ୍ତୁ ଯଦ୍ୱାରା ଏଥିରେ ରହିଥିବା କେସିନ୍ ନାମକ ପ୍ରୋଟିନ କାପସାଇସିନକୁ ବିଘଟିତ କରି ପକାଏ। ଡଃ ଡୋମିନିକ ଜେରାଘଟିଙ୍କ ମତରେ ପ୍ରତ୍ୟେହ କଂଚା ଲଙ୍କା ଖାଉଥିବା ବ୍ୟକ୍ତି କ୍ୱଚିତ୍ କାର୍ଡିଓଭାସ୍କୁଲାର୍ ରୋଗରେ ପଡିବା ଦେଖାଯାଏ। ଲଙ୍କାର ରାଗର ତୀବ୍ରତାକୁ ସ୍କୋବିଲ ନାମକ ଏକକରେ ମପାଯାଏ। ଆମେରିକାର ଜଣେ ଫାର୍ମାସିଷ୍ଟ ଉଇଲବୁର୍ ସ୍କୋବିଲ ୧୯୧୨ ମସିହାରେ ଏହି ଏକକ ପ୍ରଚଳନ କରିଥିଲେ। ଏହା ଅନୁଯାୟୀ ବିଶୁଦ୍ଧ କାପସାଇସିନ ୧୬ ମିଲିଅନ୍ ସ୍କୋବିଲ ଅଟେ। ସାରା ବିଶ୍ୱରେ ନାଗା ଜୋଲୋକିଆ ହେଉଚି ସବୁଠାରୁ ରାଗ ଲଙ୍କା ଯାହାର ମାନକ ହେଉଛି ୮୫୫ ସ୍କୋବିଲ। ଲଙ୍କାର ବିଭିନ୍ନ ଅଂଶରେ କାପସାଇସିନର ପରିମାଣ ଭିନ୍ନ ଭିନ୍ନ ହୋଇଥାଏ ଯେପରିକି ବାହାର ଖୋଳପା ଓ ଶୀରରେ ୮୦% ପରେ ପରେ ମଞ୍ଜି ଓ ଶେଷରେ ମାଂସାଳ ଅଂଶ ଥାଏ। ରାଗ ଗୁଣରେ ନାଲି ଲଙ୍କା ପ୍ରଥମ, ତାପରେ ଛୋଟ ସବୁଜ ଲଙ୍କା ଏବଂ ଶେଷରେ ଗୁଣ୍ଡ ନାଲି ଲଙ୍କା ରହିଥାଏ। ଯଦି ନାଲି ଲଙ୍କାର ରାଗ କମାଇବାକୁ ଚାହୁଁଛନ୍ତି ତେବେ ତାର ମଞ୍ଜି କାଢି ବାହାର କରି ଦିଅନ୍ତୁ। ୧୦୪ ବର୍ଷ ପୁରୁଣା ଇଥିଓପିୟମାନଙ୍କ ଦ୍ୱାରା ରଚିତ ଏନସାଇକ୍ଲୋପିଡିଆ ଏସିଆଟିକାରେ ରଚିତ ଅଛି ଯେ, ବିଭିନ୍ନ ରୋଗର ଉପଚାର ପାଇଁ ଲୁଣ ଓ ସମ ପରିମାଣର ନାଲି ଲଙ୍କା ପାଉଡରକୁ ମିଶାଇ ସେଥିରେ ମଟର ବା ବିନ୍ସର ଏକ ପେଷ୍ଟ ମିଶାଇ କିଛି ଜଳ ଦେଇ ଏହାକୁ ଫୁଟାନ୍ତୁ ଏବଂ ଏହାକୁ ମାଂସରେ ମିଶାଇ ଖାଇଲେ ସୁସ୍ୱାଦୁ ଲାଗିବା ସହ ଖାଦ୍ୟ ଶୀଘ୍ର ହଜମ ହୋଇଥାଏ।



ବିଭାଗୀୟ ମୁଖ୍ୟ (ରସାୟନ ବିଭାଗ )
ଏନ.ଏ .ସି ମହାବିଦ୍ୟାଳୟ, ବୁର୍ଲା , ସମ୍ବଲପୁର
ଦୂରଭାଷ: ୯୪୩୭୧୨୭୮୨୦

# ସକାଳ ବନ୍ଦନା ସଂଜ ପ୍ରାର୍ଥନା- ୧୮



**ରମେଶ ମଙ୍ଗରାଜ**

ଦୁଃଖ ହେଉ ମୋର ଚିର ସହଚର
ଦୁଃଖ ଥିଲେ ତୁମେ ପାଖରେ ଥିବ,
ଡର ଲାଗେ ମୋତେ ସୁଖ ମିଳିଗଲେ
କାଳେ ପ୍ରଭୁ ତୁମେ ଦୂରେଇ ଯିବା ।୦।
ଦୁଃଖ ଥିଲା ବୋଲି ପଞ୍ଚୁପାଣ୍ଡବଙ୍କ
ତୁମେ ସଦା ଥିଲ ପାଖେ ତାଙ୍କର,
ମାନୀ ଦୁଃର୍ଯ୍ୟୋଧନ ସୁଖ ଭୋଗପାଇଁ
ହରାଇଲା ନିଜ କୁଟୁମ୍ବ ତାର,
ହିଂସା ପଥେ ଯାଇ ସୁଖ ଲୋଡ଼ାନାହିଁ
ଦୁଃଖ ମୋ' ପାଇଁ କି ଆନନ୍ଦ ହେବ। ।୧।
ଦୁଃଖ ହେଉ ମୋର...
ଦୁଃଖ ସଂସାରରେ ନିତି ମୋ' ତୁଣ୍ଡରେ
ତୁମ ନାମ ଥାଉ ଜଗତ ସାଇଁ,
ସେତିକି ହେଉ ମୋ' ଜୀବନେ ସମ୍ବଳ
ଆଉ କିଛି ପ୍ରଭୁ ନ ଦେଲେ ନାହିଁ
ଛ'ଖଣ୍ଡ କାଠରେ ଶବ ଗଲାବେଳେ
ପ୍ରଭୁ ତୁମେ ଶେଷ ଦର୍ଶନ ଦେବ। ।୨।
ଦୁଃଖ ହେଉ ମୋର........

**କବି ଓ କବିତା ଭବନ**
**ମହୁଲ. ଅଙ୍ଗାରପଡ଼ା ଖୋର୍ଦ୍ଧା**
**ଦୂରଭାଷ : ୯୧୭୮୬୨୬୨୮୦**

# ତଅପୋଇ ବିଳାପ

ଯମେଶ୍ୱର କହଲସିଂହ



ଆମେ ସବୁ ଜଣେ ଜଣେ
ନିରିମାଖି ସୁଶ୍ରୀ ତଅପୋଇ
ଆମ କପାଳରେ ଜମା ଲେଖା ନାହିଁ
ସୁନା ଚାନ୍ଦ ରୂପାର କୁଲେଇ
ବୟସ ଯାଉଛି ଗଡ଼ି
ଯଉବନ ରଂଗ ଯାଏ ଛାଡ଼ି
କିଏ ଦେବ ଏ ବେଳରେ ହୀରାର କଣ୍ଠେଇ।
ମମତାର ସୀମା ଅତିକ୍ରମି
ଭାବର ଭାଉଜମାନେ
ଆମଠାରୁ ଦୂରେଇ ଗଲେଣି,
ଈର୍ଷାର ବ୍ରାହ୍ମଣୀ ବୁଢ଼ୀ
କାନକୁହା ବେଦମନ୍ତ୍ର ଶୁଣି।
ପ୍ରାଚୁର୍ଯ୍ୟର ବୋଇତରେ
ଜାଭା,ବାଲି,ସୁମାତ୍ରା ଦ୍ୱୀପରୁ
ଭାଇମାନଙ୍କର ଫେରିବା ପଥକୁ ଚାହିଁ
ଆଖି ଲୁହ ଆଖିରେ ମଲାଣି।
ଏ ଦୁନିଆଁ ଘୋର ବନସ୍ତରେ
ଆବେଗର ଘରମଣି ଖୋଜି ଖୋଜି
ହଜିଯାଏ ଅମଳିନ ହସ,
ଆଖି ଲୁହ ପିଇ ଯାଏ ଓଠ
କ୍ଳାନ୍ତ ତନୁ ଖୋଜେ ଟିକେ
ସେନେହ ପରଶ।
କିନ୍ତୁ ହାଏ!!
ଯେଣିକି ଚାହିଁଲେ ଦିଶେ
ମାଂସ ଲୋଭି ବ୍ୟାଘ୍ରଙ୍କର
ନଗ୍ନ ସମାବେଶ।

ଲୋକିପୁର,ଗଡ଼ମାଣତୀର,ଖୋର୍ଦ୍ଧା

# ହନୁମାନଙ୍କ ଲାଙ୍ଗୁଳର ସତ୍ୟତା



ଇଂ ଯଜ୍ଞପ୍ରକାଶ ଦାସ



ରାମାୟଣ କାଳର ବାନରମାନେ ମନୁଷ୍ୟ ଜାତିର ବୀର ଥିଲେ। ସେମାନେ କିଷ୍କିଂଧାରେ ବାସ କରୁଥିଲେ। ଶିଖ୍ ମାନେ ଯେ ପରି ସେମାନଙ୍କ ମୁଣ୍ଡରେ ପଗଡ଼ି ପରିଧାନ କରନ୍ତି, ସେହିପରି ବାନରମାନେ ଲାଂଗୁଳ ପରିଧାନ କରୁଥିଲେ। ଲାଂଗୁଳ ବାନରମାନଙ୍କ ପାଇଁ ସମ୍ମାନର ଚିହ୍ନ ଥିଲା। ସେମାନେ ମାଙ୍କଡ଼ ଭଳି ଦେଖାଯାଉଥିବାରୁ କାବ୍ୟଚାତୁରୀରେ ଋଷି ବାଲ୍ମୀକି ବାନରମାନଙ୍କୁ 'କପି'ଆଦି ନାମରେ କହିଛନ୍ତି।

ହନୁମାନ ଜଣେ ବାନରବୀର ଥିଲେ। ତାଙ୍କର ମାତାଙ୍କ ନାମ ଅଂଜନା ଓ ପିତାଙ୍କ ନାମ କେଶରୀ ଥିଲା। କିଷ୍କିଂଧା ରାଜ୍ୟର ଅନ୍ୟାୟୀ ରାଜା ବାଳିଙ୍କୁ ତ୍ୟାଗ କରି ହନୁମାନ ତାଙ୍କର ସାନଭାଇ ସୁଗ୍ରୀବଙ୍କୁ ସହାୟତା କରିଥିଲେ। ରାମଙ୍କ ଭାଷାରେ ସେ ଥିଲେ ମହାତ୍ମା। ବାନରମାନେ ବଣରେ ବାସ କରୁଥିଲେ। ହନୁମାନଙ୍କ ଲାଙ୍ଗୁଳ ତାଙ୍କ ଦେହର ଅଂଶ ନଥିଲା. ଲାଙ୍ଗୁଳ ବାନର ଜାତୀୟ ମନୁଷ୍ୟମାନଙ୍କର ଯେ ଜାତୀୟ ଚିହ୍ନ ଥିଲା, ତାହା ନିମ୍ନ ଲିଖିତ ବିଷୟଗୁଡ଼ିକ ଅନୁଧ୍ୟାନ କଲେ ଜଣାପଡ଼େ।

୧. ଅଶୋକ ବନରେ ସୀତାମାତାଙ୍କୁ ଦର୍ଶନ କରିବାକୁ ଯାଇଥିବା ସମୟରେ ହନୁମାନ ଲାଙ୍ଗୁଳ ପିନ୍ଧି ନଥିଲେ।

୨. ଲଂକାଦହନ ସମୟରେ ହନୁମାନ ନିଜ ଲାଙ୍ଗୁଳରେ ନିଆଁକୁ ଲିଭାଇ ଦେଇଥିଲେ।

୩. ରାବଣ ଲାଂଗୁଳକୁ ବାନରବଂଶୀ ମନୁଷ୍ୟମାନଙ୍କ ସର୍ବପ୍ରିୟ ଭୂଷଣ ରୂପରେ ବର୍ଣ୍ଣନା କରିଛନ୍ତି।

୪. ସୀତାହରଣ ପରେ ରାମ ଓ ଲକ୍ଷ୍ମଣ ଯେତେବେଳେ ବ୍ୟାକୁଳହୋଇ ସୀତାଙ୍କୁ ଖୋଜୁଥିଲେ, ସେତେବେଳେ ହନୁମାନ ବାନର ବେଶ ତ୍ୟାଗ କରି ଭିକ୍ଷୁ ବେଶରେ ସେମାନଙ୍କୁ ସାକ୍ଷାତ କରିଥିଲେ। ହନୁମାନ ସେମାନଙ୍କଠାରୁ ବିଦାୟ ନେଇଗଲାବେଳେ ରାମ ଲକ୍ଷ୍ମଣଙ୍କୁ କହିଥିଲେ- 'ନିଶ୍ଚିତଭାବରେ ଏହି ବ୍ୟକ୍ତି ଋଗ୍ ବେଦ, ଯଜୁର୍ବେଦ ଆଦି ଶାସ୍ତ୍ର ଅଧ୍ୟୟନ କରିଛନ୍ତି, ନଚେତ୍ ଏପରି ଶୁଦ୍ଧ ଭାଷାକହି ପାରନ୍ତେ ନାହିଁ। ତାଙ୍କର ବ୍ୟାକରଣ ଜ୍ଞାନ ଅସୀମ।'

୫. ମହର୍ଷି ଅଗସ୍ତ୍ୟ ରାମଙ୍କୁ କହିଥିଲେ- 'ସୂତ୍ର,ବୃତ୍ତି ଓ ବାର୍ତ୍ତିକ ଇତ୍ୟାଦି ବିଷୟରେ ହନୁମାନ ମହାନ ପଣ୍ଡିତ ଅଟନ୍ତି।'

୬. ଅଶୋକବାଟିକାରେ ହନୁମାନ ସୀତାମାତାଙ୍କୁ ଦର୍ଶନ କରିବା ପୂର୍ବରୁ ବିଚାର କରିଥିଲେ- 'ସୀତା ବାନରଙ୍କ ଭାଷା ବୁଝିବେ ନାହିଁ। ତେଣୁ ମୁଁ ତାଙ୍କୁ ମନୁଷ୍ୟ ଭାଷାରେ ଆଶ୍ୱାସନା ଦେବି।'

୭. ହନୁମାନ ଘୋଷଣା କରିଥିଲେ ଯେ, ସେ ମାତା ସୀତାଙ୍କୁ ଖୋଜି ନ ପାଇଲେ ବାନପ୍ରସ୍ଥ ଦୀକ୍ଷା ନେଇ ଚାଲିଯିବେ।

୮. ରାମ-ସୁଗ୍ରୀବଙ୍କ ମିତ୍ରତା ସ୍ଥାପନ ସମୟରେ ଯେଉଁ ଯଜ୍ଞର ଆୟୋଜନ କରା ଯାଇଥିଲା, ସେଥିରେ ହନୁମାନ ପୁରୋହିତର ଆସନ ଗ୍ରହଣ କରିଥିଲେ।

୯. ବାନରମାନଙ୍କ ଚିତ୍ରରେ ଆମେ ପୁରୁଷ ବାନରମାନଙ୍କ ଲାଙ୍ଗୁଳଥିବା ଚିତ୍ର ଦେଖିବାକୁ ପାଉ। କିନ୍ତୁ କୌଣସି ଚିତ୍ରରେ ତାରା, ରୁମା ଆଦି ବାନରୀ ମହିଳାମାନଙ୍କ ଲାଙ୍ଗୁଳଥିବା ଚିତ୍ର ଦେଖିବାକୁ ମିଳେ ନାହିଁ।

୧୦. ରାମାୟଣରେ ଅନେକ ସ୍ଥଳରେ ମାଙ୍କଡଜାତୀୟ ପଶୁଙ୍କୁ 'ପ୍ରକୃତ ବାନର'କୁହାଯାଇଛି।

ଭାରତର ପ୍ରସିଦ୍ଧ ଐତିହାସିକ ଈଶ୍ୱରୀ ପ୍ରସାଦ ଲେଖିଛନ୍ତି- 'ଇଂରେଜଙ୍କ ଟୋପି' ଶିଖଙ୍କ ପଗଡ଼ି, ଆର୍ଯ୍ୟଙ୍କ ଯଜ୍ଞୋପବୀତ, ରାଜପୁତଙ୍କ ଖଣ୍ଡା ପରି ଲାଙ୍ଗୁଳ ବାନର ଜାତିର ଜାତୀୟ ଭୂଷଣ ଥିଲା। ସ୍ୱାମୀ ଜଗଦୀଶ୍ୱରାନନ୍ଦ ଲେଖିଛନ୍ତି- 'ଲାଂଗୁଳ ବାନରଜାତିର ମନୁଷ୍ୟଙ୍କ ସମ୍ମାନଜନକ ଆୟୁଧ ଥିଲା। ବାନରଜାତିକୁ ଅପମାନିତ କରିବାପାଇଁ ରାବଣ ହନୁମାନଙ୍କ ଲାଙ୍ଗୁଳରେ ଅଗ୍ନି ସଂଯୋଗ ପାଇଁ ଆଦେଶ ଦେଇଥିଲେ।'

ମହାନ୍ ସେନାପତି, ଶାସ୍ତ୍ରଜ୍ଞ, ବେଦବିତ୍, ବିଚକ୍ଷଣ ବୁଦ୍ଧିଯୁକ୍ତ ହନୁମାନଙ୍କୁ ମାଙ୍କଡ଼ ରୂପରେ ଚିତ୍ରଣ କରିବା ଦ୍ୱାରା ଆମର ବାଳକବାଳିକାମାନେ ବିଭ୍ରାନ୍ତ ହେଉଛନ୍ତି। ଦୁଃଖର କଥାଯେ ଅନ୍ୟ ମତାବଲମ୍ବୀମାନେ ହିନ୍ଦୁମାନଙ୍କର ଏହି ବିଚାରକୁ ଦେଖି ପରିହାସ କରୁଛନ୍ତି।ବୀର ହନୁମାନଙ୍କ ପ୍ରକୃତ ସ୍ୱରୂପ ଲୋକଲୋଚନକୁ ଆଣିବା ଆମ ସମସ୍ତଙ୍କ କର୍ତ୍ତବ୍ୟ।

ଉପ ମହାପ୍ରବନ୍ଧକ
ରାଉରକେଲା ଇସ୍ପାତ କାରଖାନା
ଦୂରଭାଷ-୮୮୯୫୫୦୦୪୫୪



# କାର୍ତ୍ତିକ ମାହାତ୍ମ୍ୟ : ଦୀପଦାନ

ବିପିନ ବିହାରୀ ମହାନ୍ତି

ମାସମାନଙ୍କ ମଧ୍ୟରେ କାର୍ତ୍ତିକ ଧର୍ମମାସ। ଏହି ମାସରେ କାର୍ତ୍ତିକବ୍ରତ ପାଳନ କରାଯାଏ। ଏହା ମୁଖ୍ୟତଃ ବିଷ୍ଣୁପୂଜା ଅଟେ। ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ସେମାନଙ୍କୁ ବ୍ରତାଚାରୀ ବା ହବିଷ୍ୟାଳୀ (ସ୍ତ୍ରୀ ଲିଙ୍ଗରେ) କୁହନ୍ତି। 'ହବି' କହିଲେ ଘୃତ। ହବିଷ୍ୟାଳୀମାନେ ଏହି ବ୍ରତରେ ଘୃତ ମିଶ୍ରିତ ଅରୁଆ ଅନ୍ନ ଏକ ବେଳିକିଆ ଖାଆନ୍ତି। ଘୃତ ମିଶ୍ରିତ ଅନ୍ନକୁ ହବିଷ୍ୟାନ୍ନ କୁହନ୍ତି। ହବିଷ୍ୟାନ୍ନରୁ ହବିଷ କଥାକୁ ବୁଝାଏ ଏବଂ ତହିଁରୁ ହବିଷ୍ୟାଳୀ ବା ବ୍ରତକାରୀ ବୋଲି ଏମାନଙ୍କୁ କୁହାଯାଏ। ଏହି ବ୍ରତକୁ ସବୁଜାତିର ଏବଂ ଉଭୟ ସ୍ତ୍ରୀ ପୁରୁଷ କରିପାରିବେ।

ଏହି ହବିଷ୍ୟାଳୀମାନଙ୍କର କାର୍ତ୍ତିକ ମାସସାରା ଏକ ନିତିଦିନିଆ ନିୟମ ଭିତ୍ତିକ କାର୍ଯ୍ୟଥାଏ। ପ୍ରାତଃରୁ ସ୍ନାନ କରି ସେମାନେ ସୂର୍ଯ୍ୟଙ୍କୁ ନମସ୍କାର ଓ ଜଳପ୍ରଦାନ କରନ୍ତି। ତହିଁପରେ କ୍ରମାନ୍ୱୟରେ ଦେବଦର୍ଶନ, ବର, ଓସ୍ତ, ନିମ୍ବ, ଅଁଳା, ମାଳତୀ, ପଳାଶ ଆଦିଙ୍କୁ ଜଳଦାନ ପୂର୍ବକ ପୂଜନ, ଦୀପଦାନ ଇତ୍ୟାଦି କାର୍ଯ୍ୟ କରିଥାନ୍ତି। ଏଥିଅନ୍ତେ ତୁଳସୀ ଚଉରା ମୂଳକୁ ଆସି ତା' ଚାରି ପଟ ଗୋବରରେ ଲିପନ୍ତି; ପଞ୍ଚ ମୁରୁଜ ଦେଇ ଦେବତାମାନଙ୍କର ଚିତ୍ର ଆଙ୍କନ୍ତି; ଧୂପ, ଦୀପ, ପୁଷ୍ପ ଦେଇ ବିଷ୍ଣୁଙ୍କୁ ଆହ୍ୱାନ ପୂର୍ବକ ତୁଳସୀଙ୍କୁ ପୂଜା କରନ୍ତି। ତୁଳସୀ ଚଉରା ଚାରିପଟେ ତୁଳସୀ ଓ ବିଷ୍ଣୁଙ୍କ ସ୍ତୁତିଗାନ କରି ଗୀତ ଓ କରତାଳି ବଜାଇ ବୁଲନ୍ତି। ତହିଁ ଉତ୍ତାରୁ ଶୁଖିଲା ଭୋଗରାଗ ବାଢ଼ି ସମର୍ପଣ କରନ୍ତି। ଏହାପରେ କାର୍ତ୍ତିକ ମାହାତ୍ମ୍ୟ, ବିଷ୍ଣୁ ପୁରାଣ କିମ୍ବା ରାଧାମାଧବ ଅଷ୍ଟକ ଇତ୍ୟାଦି ପଢ଼ନ୍ତି ବା ଶୁଣନ୍ତି।



ସୂର୍ଯ୍ୟାସ୍ତ ପୂର୍ବରୁ ସେମାନେ ଏକ ବକତକିଆ ଭୋଜନସାରନ୍ତି। ଶୁଦ୍ଧ ପାତ୍ରରେ ରୋଷେଇ ହୁଏ। ସେଥିରୁ ୩/୪ଟି ବେଲ ପତ୍ର ଦେଇ ଠାକୁରଙ୍କୁ ସମର୍ପଣ କରାଯାଏ। ଏହାପରେ ନିରୋଳା ଓ ନିର୍ବଚନରେ ଭକ୍ଷଣ କରନ୍ତି। କିନ୍ତୁ ଅଁଳା ନବମୀ ଦିନ ଅଁଳା ଠାରୁ ଭୋଜନ କରନ୍ତି। ତୁଳସୀ ଚଉରାମୂଳେ ଭୋଗରେ ଖଇ, କଦଳୀ, ଚାଉଳିଆ, କମଳା ଓ ବଡ଼ିଆଳ ଇତ୍ୟାଦି ଯେମିତି ଭୋଗ ହୁଏ, ସେମିତି ଅନ୍ନ ଭୋଜନକୁ ତରକାରୀ ପାଇଁ ସାରୁ, ବନ୍ତଳ କଦଳୀ, ମୁଗଡାଲି, ମାଟିଆଳୁ, ଓଉ, ଅଦା, ନଡ଼ିଆ ଇତ୍ୟାଦି ଦରକାର ହୁଏ। ଶାସ୍ତ୍ରମତେ ଯାହାଯାହା ନିଷେଧ ହୋଇଛି ବିଶେଷକରି ଆମିଷ, ସହବାସ, କୋମଳ ଶଯ୍ୟା ଏବଂ ଆଉ ଯାହାକିଛି ତାକୁ ଛାଡ଼ିବାକୁ ହୁଏ ଏବଂ କାର୍ତ୍ତିକବାସି ଛାଡ଼କୁ ଖିଆଯାଏ ବୋଲି ତାକୁ ଛାଡ଼ଖାଇ କୁହନ୍ତି।

ହବିଷ୍ୟାଳୀମାନେ ସ୍ନାନ ପରେ ଆକାଶ ଦୀପ ଜାଳନ୍ତି। ଏମିତିରେ ତ ପ୍ରତିପୂଜାରେ ଦୀପ, ଧୂପ ଏବଂ ପୁଷ୍ପ ଦାନର ବିଧାନ ଅଛି; କିନ୍ତୁ ଏ ଦୀପଦାନ ଆକାଶ ଦୀପ ନୁହନ୍ତି। ଏହାର ମହତ୍ୱ ଏବଂ ମାହାତ୍ମ୍ୟରେ ସ୍ୱତନ୍ତ୍ର ବିଶେଷତ୍ୱ ଅଛି :

'ହବିଷ୍ୟଅନ୍ନ ଏକାବେଳେ। ଦୀପ ବସାଇ ସାୟଂକାଳେ॥
କାର୍ତ୍ତିକ ବ୍ରତ ଫଳ ଶ୍ରୁତି। ତେଣୁ ମୁଁ ତୁମ୍ଭ ପ୍ରିୟ ଅତି॥
ପୂର୍ବେ ଯେ କରିଥିଲ ତପ। ନିଶି ଆଗମେ ଜାଳିଦୀପ॥
ତେଣୁ ସନ୍ତୋଷ କମଳିନୀ। ତୁମେ ଯେ ତାଙ୍କ ସପତଣୀ॥
କିମ୍ବା କାର୍ତ୍ତିକ ଉଦ୍ୟାପନେ। ଅଂସଖ୍ୟ ଧର୍ମ ଦୀପଦାନେ।
ବିଶେଷ ତୁଳସୀ ସେବନେ। ଅସଂଖ୍ୟ ଧର୍ମ ଦୀପଦାନେ॥

: କାର୍ତ୍ତିକ ମାହାତ୍ମ୍ୟ : ପଦ୍ମପୁରାଣ

ଏଠାରେ ଭଗବାନ କୃଷ୍ଣ ପ୍ରାଣପ୍ରିୟା ସତ୍ୟଭାମାକୁ କହୁଛନ୍ତି ଯେ ତୁମେ ପୂର୍ବ ଜନ୍ମରେ କାର୍ତ୍ତିକବ୍ରତ କରି ସଂଧ୍ୟାରେ ଦୀପଦାନ କରିଥିଲ। ସେତେବେଳେ ତୁମେ ବିଧବା ଥିଲ। ଏହି ଦୀପଦାନର ଧର୍ମ ଫଳରୁ ତୁମେ ମୃତ୍ୟୁପରେ ସେ ଜନ୍ମରେ ଲକ୍ଷ୍ମୀଙ୍କ ସଖୀ ଥିଲ। ଦ୍ୱାପରରେ ମୋ ପତ୍ନୀ ହେଲ। ତୁଳସୀ ମୂଳେ ଦୀପଦାନରେ ଏହିପରି ଅସଂଖ୍ୟ ଧର୍ମ ହୁଏ।

କାର୍ତ୍ତିକ ମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ। ପିତୃପୁରୁଷ ବା ସେମାନଙ୍କର ଅମୋକ୍ଷପ୍ରାପ୍ତ ପ୍ରେତାତ୍ମାମାନେ କାର୍ତ୍ତିକମାସରେ ଫେରିବାବେଳ ଆସିଯାଇଥାଏ। ଏହି ଦୀପଦାନ ସେମାନଙ୍କର ମୋକ୍ଷ କାମନା ସହିତ ଅନ୍ଧକାରାଚ୍ଛନ୍ନ ସେମାନଙ୍କର ସ୍ୱର୍ଗୀୟ ପଥକୁ ଆଲୋକିତ କରି ପଥ ପ୍ରଦର୍ଶନ କରାଯାଇ ଥାଏ ବୋଲି ବିଶ୍ୱାସ ବହୁ ଦିନରୁ ଚଳି

ଆସୁଛି। ଏଣୁ ତୁଳସୀ ମୂଳରେ ଦୀପଦାନ ସହ ଆକାଶର ଉଚ୍ଚସ୍ଥାନ ପର୍ଯ୍ୟନ୍ତ ଏହି ଦୀପକୁ ପ୍ରଜ୍ୱଳନ କରି ରଖାଯାଏ। ଏଥିପାଇଁ ଆକାଶଦୀପର କଳ୍ପନା କରାଯାଇଛି। କାର୍ତ୍ତିକ ମାସର ପ୍ରତିଦିନ ସଂଧ୍ୟାରେ ଏକ ଉଚ୍ଚ ବାଉଁଶ ଖୁଣ୍ଟ ଉପରେ ଦୀପକୁ ପ୍ରଜ୍ୱଳନ କରାଯାଏ। ଏକ ମାଟିର ହାଣ୍ଡିରେ ଅନେକଗୁଡ଼ିଏ ଛୋଟ ଛୋଟ କଣା କରି ତା' ଭିତରେ ଘିଅ ଦୀପ ଜାଳି ହାଣ୍ଡି ଉପରେ ସରାଟିଏ ଘୋଡ଼ାଇ ଶିକାରେ ବାନ୍ଧି ଦଉଡ଼ି ମାଧ୍ୟମରେ ବାଉଁଶ ଉପରକୁ ଉଠାଇ ଦିଆଯାଏ। ଫଳରେ ପବନରେ ଏହା ସହଜରେ ଲିଭିଯାଏ ନାହିଁ ଏବଂ ମିଞ୍ଜିମିଞ୍ଜି ଆଲୋକ ସେ ଛିଦ୍ର ଦେଇ ବାହାରକୁ ନିର୍ଗତ ହେଉଥାଏ। ବିଜ୍ଞାନମତେ ସେ କଣା ନଥିଲେ ଆଲୋକ ନିର୍ଗତ ହେବନାହିଁ କିମ୍ବା ଅମ୍ଳଜାନ ପ୍ରବେଶ ନକଲେ ବତୀ ଜଳିବ ନାହିଁ। ଅମ୍ଳଜାନ ଜ୍ୱଳନର ସହାୟକ।

ସ୍ୱାମୀ-ସ୍ତ୍ରୀର ସଂପର୍କ ଜନ୍ମ ଜନ୍ମାନ୍ତର ଏବଂ ସ୍ୱର୍ଗୀୟ ବୋଲି ପୁରାଣ ଓ ଶାସ୍ତ୍ରମାନେ କୁହନ୍ତି। ଏଣୁ ଜଣଙ୍କର ସର୍ବକାଳୀନ ଅନୁପସ୍ଥିତି ବା ମୃତ୍ୟୁରେ ଆର ଜଣକ ପରାଗତ ଆତ୍ମାର ମୋକ୍ଷ ବା ମଙ୍ଗଳାର୍ଥେ ଯେଉଁ କୃତକର୍ମ କରେ ତା' ମଧ୍ୟରୁ ଆକଶଦୀପ ଅନ୍ୟତମ। ଏଥିପାଇଁ ଯାବତୀୟ ଅଭାବ ଓ ଅନଟନ ସତ୍ତ୍ୱେ ମାଗି ଯାଚି ଆକାଶ ଦୀପ କାର୍ତ୍ତିକରେ ଜଳାଯାଏ। ଆମ କାହାଣୀରେ 'ଆକାଶଦୀପ" ନେଇ ଅନେକ ଗପ ମଧ୍ୟ ଲେଖାଯାଇଛି। ଆକାଶଦୀପର ଜ୍ୱଳନ ଅନ୍ୟ ପକ୍ଷରେ ବ୍ୟକ୍ତିଗତ ଧର୍ମ ଅର୍ଜନ। ଏହା ସତ୍ୟଭାମାଙ୍କର କାହାଣୀ ଅବଲମ୍ବନରେ ସୂଚାଇ ଦିଆଯାଇଛି।

ଏହାର ବୈଜ୍ଞାନିକ କାରଣ ମଧ୍ୟ ଅଛି। କାର୍ତ୍ତିକ ମାସ ହେମନ୍ତ ଋତୁର ଅନ୍ତର୍ଗତ। ଏହି ଋତୁରେ କୀଟ-ପତଙ୍ଗ ଏବଂ କୀଟାଣୁମାନଙ୍କର ପ୍ରାଦୁର୍ଭାବ ଥାଏ। ସେମାନେ ଏହି ସାମୂହିକ ଦୀପଜ୍ୱଳନ ମାଧ୍ୟମରେ ଦଗ୍ଧିଭୂତ ହୋଇଥାଆନ୍ତି। ଏ ଦୃଷ୍ଟିରୁ ଦୀପାବଳୀ ଦିନ ଯେଉଁ ଦୀପଦାନ ଉତ୍ସବ ଏବଂ ବଡ଼ବଡ଼ିଆ ଟେକାଯାଏ ଉଭୟ ଧାର୍ମିକ ଓ ବିଜ୍ଞାନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ : ଗୋଟିଏ ପଟେ ବଡ଼ବଡ଼ିଆଙ୍କୁ ସ୍ୱର୍ଗପଥକୁ ଆଲୋକ ପ୍ରଦର୍ଶନ ଏବଂ ଅନ୍ୟପକ୍ଷରେ ବିଜ୍ଞାନ ମତେ ବାଣ, ରୋଷଣୀ ଓ ଦୀପ ପ୍ରଜ୍ୱଳନ ଦ୍ୱାରା ବୀଜାଣୁ, କୀଟାଣୁ ଇତ୍ୟାଦି ବିନାଶନ।

ଆକବରଙ୍କ ଆଇନ୍-ଇ-ଆକବରୀ ମତେ ତାଙ୍କ ସମୟରେ ମଧ୍ୟ ଆକାଶଦୀପ ପ୍ରଚଳନ ଥିଲା। ଏଥିରେ ୪୦ଫୁଟ ଲମ୍ୱର ବାଉଁଶ ଓ ୧୬ଖଣ୍ଡି ଦଉଡ଼ିର ବ୍ୟବହାର କଥା ଉଲ୍ଲେଖଅଛି। ବରୋଦା ମିଉଜିୟମରେ ଏକ ବିରାଟ ଆକାଶଦୀପ ମୋଗଲ ଯୁଗର ଏବେ ମଧ୍ୟ ସଂରକ୍ଷିତ ହୋଇଅଛି।

କେତକଙ୍କ ମତରେ ବୋଇତ ମାଧ୍ୟମରେ ଆମର ବହିର୍ବାଣିଜ୍ୟ ପାଇଁ ସାଧବ ପୁଅମାନଙ୍କ କାହାଣୀ ସହ ଏହା ସଂପର୍କିତ କରାଯାଏ। ଏହା ସେତେବେଳେ ଦିଗ୍‌ବାରିଣୀ ବା ବତୀଖୁଣ୍ଟ ରୂପେ ବ୍ୟବହାର ହେଉଥିଲା। ଏଥିପାଇଁ ଏ ଆକାଶଦୀପ ଅତି ଉଚ୍ଚ ଏମିତିକି ପାହାଡ଼ ଉପରେ ଜଳାଇ ରଖାଯାଉଥିଲା। ତେବେ ଯେଉଁ ଦୃଷ୍ଟିରୁ ବିଚାର କଲେବି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ।

ହବିଷ୍ୟାଳୀମାନେ ଆଶ୍ୱିନ ଶୁକ୍ଳପକ୍ଷ ଏକାଦଶୀ ଦିନ ହବିଷ ସଂକଳ୍ପ କରିଥାନ୍ତି। କାର୍ତ୍ତିକ କୃଷ୍ଣ ପ୍ରତିପଦାଠାରୁ ହବିଷ ପାଳନ ହୁଏ କାର୍ତ୍ତିକ ପୂର୍ଣ୍ଣିମା ବା ରାସପୂର୍ଣ୍ଣିମା ଯାଏଁ। ରାସପୂର୍ଣ୍ଣିମା ଦିନ ସକାଳୁ ପୂର୍ବବତ୍ ସ୍ନାନସାରି ନିତ୍ୟନୈମିତ୍ତିକ କାମ ସହ କଦଳୀ ବାହୁଙ୍ଗା / ସୁଙ୍ଗାର ଡଙ୍ଗା କରି ଜଳରେ ଦୀପଦାନ କରାଯାଏ। ଏହା ବୋଇତ ବନ୍ଦାଣ ଦୃଷ୍ଟିରୁ ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ରାଇ-ଦାମୋଦର ଦର୍ଶନ ଓ ପୂଜନ ପାଇଁ ଅଧିକ ଯୁକ୍ତିଯୁକ୍ତ। ଏହିଦିନ ଅକ୍ରୁର ଦାମୋଦରଙ୍କୁ ସ୍ନାନ ବେଳେ ଜଳରେ ଦେଖିଥିଲେ, ଯେତେବେଳେ ସେ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମଥୁରା ନେଇ ଯାଉଥିଲେ। ଏଣୁ ଯଥାର୍ଥରେ ଧର୍ମ ଦୃଷ୍ଟିରୁ କୁହାଯାଇଛି ;

ଆ କା ମା ବୈ, ପାନଗୁଆ ଥୋଇ
ପାନଗୁଆ ତୋର, ମାସକ ଧରମ ମୋର॥

ସଂଧ୍ୟାରେ ପୁଣି ତୁଳସୀ ଚଉରାମୂଳେ ଦୀପଦାନ ଓ ଆକାଶ ଦୀପ ଜ୍ୱଳନ। କାର୍ତ୍ତିକ ବ୍ରତ ଉଦ୍‌ଯାପନ ସହିତ 'ଆକାଶଦୀପ'ର ଆଉ ପ୍ରାଧାନ୍ୟ ନଥାଏ ଯଦିଓ ଅନେକ ଆହୁରି କିଛି ଦିନ ଜାଳନ୍ତି। ଏମିତିରେ ଆମେ ପ୍ରତିଦିନ ସଂଧ୍ୟାରେ ବି ତୁଳସୀ ଚଉରାମୂଳେ ଦୀପଜାଳୁ।

କଥାରେ ଅଛି : କାର୍ତ୍ତିକ ମାସପରି ମାସ, ସତ୍ୟ ଯୁଗପରି ଯୁଗ, ବେଦପରି ଶାସ୍ତ୍ର, ଗଙ୍ଗାତୁଲ୍ୟ ନଦୀ ସର୍ବୋପରି ଦୀପଦାନପରି ଧର୍ମ ବା ପୁଣ୍ୟ ନାହିଁ।

ଦୀପଂ ଜ୍ୟୋତି ପରଂବ୍ରହ୍ମ
ଦୀପଂ ଜ୍ୟୋତି ପରାୟଣେ
ଦୀପେନ ହରେତ ପାପଂ
ସଂଧ୍ୟାଦୀପଂ ସରସ୍ୱତୀ ।।

**ଅଧ୍ୟକ୍ଷ**
**ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ :**
**ବିପିନ ବିହାରୀ ପାଠାଗାର,ଜଟଣୀ**
**ଦୂରଭାଷ : ୯୯୩୮୩୪୧୩୮**





# ଏକ ଚା' କପ୍‌ର କଥା



**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ବହୁତ ଦିନ ତଳର କଥା। ଥିଲେ ହଳେ ପତିପତ୍ନୀ। ରୁଚିସମ୍ପନ୍ନ ଅତି ପୁରୁଣାକାଳର ଜିନିଷପତ୍ର ସଂଗ୍ରହ କରି ସାଇତି ରଖିବା ଥିଲା ଦୁହିଁଙ୍କର ସଉକ। ସେଥିପାଇଁ ଯୁଆଡ଼େ ଯାଉଥିଲେ, ଖୋଜି ବସୁଥିଲେ ପ୍ରାଚୀନ ସମୟର ବସ୍ତୁଗୁଡ଼ିକୁ। ଅତି ପୁରାତନ ଜିନିଷପତ୍ର ଗୁଡ଼ିକର ବ୍ୟବସାୟ କରୁଥିବା ଜଣେ ଦୋକାନୀଙ୍କ ଦୋକାନରେ ଦିନେ ପହଞ୍ଚିଗଲେ ପତିପତ୍ନୀ ଦୁହେଁ। ଦୁର୍ଲଭ ଜିନିଷଗୁଡ଼ିକୁ ପରଖି ଦେଖୁଥିବାବେଳେ ସେମାନଙ୍କ ନଜର ପଡ଼ିଗଲା ଗୋଟିଏ ଚା'କପ୍ ଉପରେ। ଚା'କପ୍‌ଟି ଥିଲା ଅତି ସୁନ୍ଦର। ଦୋକାନଟିରେ ଜିନିଷପତ୍ର ବିକୁଥିବା ଝିଅଟି ସେମାନଙ୍କ ହାତକୁ କପ୍‌ଟି ବଢ଼େଇଦେବା ମାତ୍ରେ ହଠାତ୍ ଘଟିଲା ଏକ ବିସ୍ମୟକର ଘଟଣା। କ'ଣ ଥିଲା ସେହି ଘଟଣାଟି ?

ସ୍ୱାମୀ ସ୍ତ୍ରୀ ଦୁହେଁ କପ୍‌ଟିକୁ ଧରିବାକ୍ଷଣି କପ୍‌ଟି କଥା କହିବା ଆରମ୍ଭ କରିଦେଲା। କ'ଣ କହିଲା ସେହି ନିର୍ଜୀବ ଚା' କପ୍‌ଟି ? ସେ କହିଲା-

"ଦେଖନ୍ତୁ, ମୁଁ ସବୁଦିନେ ଏମିତି ଚା' କପ୍‌ଟିଏ ହୋଇରହିନଥିଲି। ଏମିତି ବି ଗୋଟିଏ ବେଳଥିଲା ମୁଁ ଥିଲି କେବଳ ଲାଲ୍ ରଙ୍ଗର ମାଟି। ମୋ ମୁନିବ ମୋତେ ଉଠେଇନେଲେ। ମୋତେ ଭଲଭାବରେ ଚକଟିଲେ। ମୋତେ ଗୋଲଭାବରେ ଗୁଡ଼େଇ ଦେଇ ଜୋରରେ ଥାପୁଡ଼େଇବାରେ ଲାଗିଲେ ମୋତେ। ଜୋରରେ ଥାପୁଡ଼େଇବା ଯୋଗୁଁ ମୋତେ ଖୁବ୍ କଷ୍ଟ ହେଉଥିଲା। ସେହି କଷ୍ଟକୁ ସହିନପାରି ମୁଁ ଚିତ୍କାର ଛାଡ଼ିଲି, "ଦୟାକରି ମୋତେ ଛାଡ଼ିଦିଅ। ମୁଁ ଏ କଷ୍ଟ ସହିପାରୁ ନାହିଁ। ମୁଁ ନେହୁରା ହେଉଛି। ମୋ ଉପରେ କୃପାକର। ମୁକୁଳେଇ ଦିଅ ମୋତେ। ମୋତେ ଏକୁଟିଆ ରହିବା ନିମନ୍ତେ ଛାଡ଼ିଦିଅ। ହେଲେ କ'ଣ କଲେ ମୋ ମୁନିବ? ସେ କ'ଣ ମୋ କଥା ରଖିଲେ। ମୋତେ ମୁକ୍ତ କରିଦେଲେ ତାଙ୍କ କବଳରୁ?

"ନା, ମୋ କାତର ପ୍ରାର୍ଥନାର କୌଣସି ପ୍ରଭାବ ପଡ଼ିଲାନି ତାଙ୍କ ଉପରେ। ସେ କେବଳ ଟିକିଏ ମୁରୁକି ହସା ଦେଲେ। କହିଲେ, ଅପେକ୍ଷା କର। ବେଳ ଆସିନି।"

"ତା'ପରେ କ'ଣ କଲେନା, ମୋତେ ନେଇ ଥୋଇଦେଲେ ଗୋଟିଏ କୁମ୍ଭାରଚକ ଉପରେ। ଜୋରରେ ଘୂରେଇ ଚାଲିଲେ ଚକଟିକୁ। ଚକଟିର ଘୂରିବା ସହ ତାଳଦେଇ ମୁଁ ବି ଜୋରରେ ଘୂରି ଚାଲିଲି। ମୁଁ ପୁଣି ପାଟିକରି କହିଲି ," ବନ୍ଦକର, ତୁରନ୍ତ ବନ୍ଦ କରମୋ ମୁଣ୍ଡ ଘୂରେଇ ଦେଉଛି। ମୁଁ ସହିପାରୁନି। ବଡ଼ ଯନ୍ତ୍ରଣା ହେଉଛି ମୋତେ।"

"ମୋ ମୁନିବ କ'ଣ ଚକଟିକୁ ଘୂରେଇବା ବନ୍ଦ କରିଦେଲେ ? ଆଦୌ ନୁହେଁ। ସେ କେବଳ ନିଜର ମୁଣ୍ଡଟି ଟୁଙ୍ଗାରି ଦେଲେ ଏବଂ ପୁଣି ଦୋହରେଇଲେ ସେହି ସମାନ କଥା- କହିଲେ, ଅପେକ୍ଷା କର। ବେଳ ଆସିନି।"

"ଅବଶ୍ୟ ସେ ବନ୍ଦ କରିଦେଲେ ଚକ ବୁଲେଇବା। ହେଲେ ମୋତେନେଇ ରଖିଦେଲେ ହୁତ୍‌ହୁତ୍ ହୋଇ ଜଳୁଥିବା ଗୋଟିଏ ଚୁଲି ଭିତରେ। ତା' ଭିତରଟା କି ତାତିଲାରେ ବାବା! ଏମିତିକା ତାତି ମୋ ଜୀବନରେ ମୁଁ କେବେ ବି ଅନୁଭବ କରିନଥିଲି। ମୋ ସର୍ବାଙ୍ଗ ଜଳିବା ଭଳି ଲାଗିଲା ମୋତେ। ହେଲେ ମୋତେ ପୋଡ଼ି ପକେଇବାର ଉଦ୍ଦେଶ୍ୟ କ'ଣ ତାଙ୍କର ? ମୋତେ ଜଳେଇ କି ଫାଇଦା ପାଇବେ ସେ ? ମୁଁ ପୁନର୍ବାର ଚିତ୍କାର ଛାଡ଼ିଲି। ଚୁଲିର ମୁହଁକୁ ବନ୍ଦକରି ରଖିଥିବା ଦରଜାରେ ବାରମ୍ବାର ମୁଣ୍ଡ ପିଟିଲି ବାହାରି ଆସିବା ପାଇଁ। ଚୁଲିର ଗୋଟିଏ ଫାଙ୍କ ବାଟେ ମୁଁ ଦେଖିପାରୁଥିଲି ମୋ ମୁନିବଙ୍କୁ। ସେ ବାଆଁ ଡ଼ାହାଣ କରି ନିଜର ମୁଣ୍ଡ ହଲାଉଥିଲେ। ତାଙ୍କ ଓଠ ଚାଳନାରୁ ମୁଁ ଅନୁମାନ କରୁଥିଲି ଯେ ସେ ଦୋହରେଇ ଚାଲିଛନ୍ତି ସେହି ସମାନ କଥା- "ଅପେକ୍ଷା କର, ବେଳ ଆସିନି।"

"ଶେଷରେ ଦରଜା ଖୋଲିଗଲା। ମୁନିବ ମୋତେ ନେଇ ଗୋଟିଏ ଥାକ ଉପରେ ରଖିଦେଲେ। ଏହାପରେ ମୁଁ ଧିରେଧିରେ ଥଣ୍ଡା ହେବାକୁ ଆରମ୍ଭ କଲି। ମୁଁ ମନକୁ ମନ କହିଲି, "ଯାହାହେଉ ମୋ ଯନ୍ତ୍ରଣାର ଏତେବେଳେ ଯାଇ ଅନ୍ତ ଘଟିଲା। ସେ ମୋତେ ଉଠେଇନେଲେ। ମୋ ଉପରେ ବ୍ରସମାରି ସଫାସଫି କରିଦେଲେ ମୋତେ। ମୋ ଦେହସାରା ବୋଳିଦେଲେ ରଙ୍ଗ। ପରେପରେ ମୋ ଉପରକୁ ଛାଡ଼ିଲେ ଗରମ ବାଷ୍ପ। ଓଃ! ସେ ବାଷ୍ପ କି ବିଷାକ୍ତ ଆଉ ଭୟଙ୍କର! ମୁଁ ଭାବିଲି ଯେ ଅଣନିଃଶ୍ୱାସୀ ହୋଇ ସାଙ୍ଗେ ସାଙ୍ଗେ ମୋର ପ୍ରାଣ ଛାଡ଼ିଯିବ। ମୁଁ ପୁନର୍ବାର ଚିତ୍କାର କରି ଉଠିଲି, "ବନ୍ଦକର, ବନ୍ଦକର।" ସେ କେବଳ ମୁଣ୍ଡ ଟୁଙ୍ଗାରିଲେ। ଏଥରକ ବି କହିଲେ, ସେହି ସମାନ କଥା- "ଅପେକ୍ଷା କର, ବେଳ ଆସିନି।"

"ପରେ ପରେ ସେ ମୋତେ ନେଇ ପୁନର୍ବାର ଚୁଲି ଭିତରକୁ ପୂରେଇଦେଲେ। ଏଇ ଚୁଲିଟା ପୂର୍ବର ଚୁଲିପରି ନଥିଲା। ପୂର୍ବର ଚୁଲିଟି ତୁଳନାରେ ଏହାଥିଲା ଦୁଇଗୁଣ ଉତ୍ତପ୍ତ। ଏବଂ ମୁଁ ଜାଣିଲି ଯେ ମୋ ନିଃଶ୍ୱାସ କ୍ରମେ ବନ୍ଦ ହୋଇଆସୁଛି ଏବଂ ମୋର ମରଣ ଆଉ ଡ଼େରି ନାହିଁ। ମୁଁ ଅନୁରୋଧ କଲି। ହାତଯୋଡ଼ି କାକୁତି ମିନତି କଲି। ଚିତ୍କାର ଛାଡ଼ିଲି। ବେହାଲା ହୋଇଗଲି କାନ୍ଦି କାନ୍ଦି। ଯେତେବେଳେ ତାଙ୍କୁ ଚାହୁଁଥିଲି, ଦେଖୁଥିଲି ସେ କେବଳ ମୁଣ୍ଡ ଟୁଙ୍ଗାରି ଚାଲିଛନ୍ତି ଓ କହିଚାଲିଛନ୍ତି- "ଅପେକ୍ଷା କର, ବେଳ ଆସିନି, ଅପେକ୍ଷା କର, ବେଳ ଆସିନି।"

"ତା'ପରେ ମୁଁ ନିଶ୍ଚିତ ହୋଇଗଲି ଯେ ଆଉ କିଛି ଆଶା ନାହିଁ। ମୁଁ ଏଠାରୁ ବର୍ତ୍ତିପାରିବି ନାହିଁ। ତେଣୁ ଦୁର୍ଭାଗ୍ୟକୁ ଆଦରି ପଡ଼ି ରହିବା ବ୍ୟତୀତ

ଅନ୍ୟ କୌଣସି ଚାରାନାହିଁ ମୋ ପାଇଁ। କିନ୍ତୁ ତତ୍‌କ୍ଷଣାତ୍ ଚୁଲିର ଦରଜା ଖୋଲିଗଲା। ସେ ମୋତେ ଚୁଲି ଭିତରୁ ମୁକ୍ତ କରିଦେଲେ। ମୋତେନେଇ ଥୋଇଦେଲେ ଥାକ ଉପରେ। ବିତିଗଲା ଘଣ୍ଟାଟିଏ। ତା'ପରେ ?"

"ତା'ପରେ ସେ ମୋତେ ବଢ଼େଇଦେଲେ ଆଇନାଟିଏ। କହିଲେ, "ଦେଖିଲୁ ତୋ ମୁହଁକୁ, ତୋ ଦେହକୁ।" ତାଙ୍କ କଥା ଅନୁସାରେ ମୁଁ ଆଇନାକୁ ଅନେଇଲି। ମାତ୍ର ତତ୍‌କ୍ଷଣାତ୍ କହିଲି, "ନା, ନା ଏ ମୁଁ ନୁହଁ। ତାହା ମୁଁ ହୋଇନପାରେ। ଓଃ ଏହା ଖୁବ୍ ସୁନ୍ଦର, ମୁଁ ଖୁବ୍ ସୁନ୍ଦର।"

ତା'ପରେ ମୋ ମୁନିବ ମୋତେ କହିଲେ, "ମୁଁ ଭଲଭାବେ ଜାଣେ ଯେ ଚକଟା ଚକଟି କରି ଗୋଲ ଭାବରେ ଦଳିଲେ ଖୁବ୍ କଷ୍ଟ ହୋଇଥାଏ। ଜୋର୍‌ରେ ଥାପୁଡ଼େଇଲେ ବି କିଛି କମ୍ କଷ୍ଟ ହୁଏନି। ଚକରେ ରଖି ଘୂରେଇଲେ ସେ କଷ୍ଟ ତ ଭାଷାରେ ପ୍ରକାଶ କରିବା ମୁସ୍କିଲ। ତା' ସାଙ୍ଗକୁ ଜଳନ୍ତା ଚୁଲି ଭିତର ଅତି ଯନ୍ତ୍ରଣାଦାୟକ ଅନୁଭବ। ମାତ୍ର ଏବେ ତୋର ଯନ୍ତ୍ରଣା ସମାପ୍ତ, ତୋର ସୃଷ୍ଟି ସଂପୂର୍ଣ୍ଣ ସାର୍ଥକ। ତୋତେ ମୁଁ ଯେଉଁ ପ୍ରକାରେ ଗଢ଼ିବାପାଇଁ ଚାହିଁଥିଲି, ତୁ ପୂରାପୁରି ଠିକ୍ ସେହିପ୍ରକାରର ହୋଇଛୁ। ଏକଦମ୍ ମନଲାଖି !"

ମାଟି ପିଣ୍ଡୁଳାଟିଏ ନେଇ ତାକୁ କେଉଁପ୍ରକାରର ରୂପଦେବ, ତାହା କୁମ୍ଭାରକୁ ଜଣା। ଠିକ୍ ସେହିପରି ତାଙ୍କରି ପିଲା ସବୁ ପୁଅଝିଅଙ୍କୁ କେଉଁ ପ୍ରକାରରେ ଗଢ଼ିବେ, ତାହା ଜଣା ସଂସାରର ସର୍ବଶ୍ରେଷ୍ଠ କାରିଗର ବୋଲାଉଥିବା ଈଶ୍ୱର ବା ସ୍ରଷ୍ଟାଙ୍କୁ। ସେ ହେଉଛନ୍ତି କୁମ୍ଭକାର ଓ ଆମେ ସମସ୍ତେ ତାଙ୍କର ମାଟିପିଣ୍ଡୁଳା। ସେ ଆମକୁ ଚକଟି ଆମକୁ ଏପରି ଭଲଭାବରେ ଗଢ଼ିଦେବେ ଯେ ଆମଠାରେ ଭରି ହୋଇରହିଥିବ ଅସାଧାରଣ ଶକ୍ତି ଓ ଦକ୍ଷତା। ଯାହା ଫଳରେ ଆମେ ତାଙ୍କରି ଯନ୍ତ୍ର ହୋଇ ତାଙ୍କରି ଇଚ୍ଛା ଅନୁସାରେ, ତାଙ୍କରି କାର୍ଯ୍ୟ ହିଁ କରିଚାଲିଥିବୁ ଶରୀରରେ ଜୀବନ ରହିଥିବା ପର୍ଯ୍ୟନ୍ତ।

ଠିକ୍ ଏହିପରି ସଂପର୍କ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ। ଛାତ୍ରଛାତ୍ରୀମାନେ ଯେତେବେଳେ ବିଦ୍ୟାଳୟରେ ଭର୍ତ୍ତି ହୋଇଥାନ୍ତି, ସେତେବେଳେ ସେମାନେ ପ୍ରତ୍ୟେକ ଥାଆନ୍ତି ଗୋଟିଏ ଗୋଟିଏ ମାଟି ପିଣ୍ଡୁଳା ପରି। ମାତ୍ର ଅଦମ୍ୟ ନିଷ୍ଠା ଓ ଅଧ୍ୟବସାୟ ବଳରେ ତଥା ଅସୀମ ଧୈର୍ଯ୍ୟର ସହ ଶିକ୍ଷକମାନେ ମାଟିପିଣ୍ଡୁଳା ରୂପକ ସେହି ଛାତ୍ରମାନଙ୍କୁ ଗଢ଼ିଦେଇଥାଆନ୍ତି ଜଣେ ଜଣେ ସାର୍ଥକ ମଣିଷ ଭାବରେ। ଅବଶ୍ୟ ଏହି ଯାତ୍ରାପଥ ସଂପୂର୍ଣ୍ଣ ସହଜ ଓ ସରଳ ନୁହେଁ। କିନ୍ତୁ ପରିପୂର୍ଣ୍ଣ ଜୀବନ ପ୍ରାପ୍ତ ହେବା ନିମନ୍ତେ ଉପରେ ବର୍ଣ୍ଣିତ ଚା'କପ୍‌ଟି ଭଳି ବେଶ୍ କିଛି କଷ୍ଟ ସହିବା ପାଇଁ ପଡ଼ିଥାଏ ଛାତ୍ରଛାତ୍ରୀମାନଙ୍କୁ।

**'ଅଭୀପ୍‌ସା' ସେକ୍ଟର-୬, ପ୍ଲଟ ନଂ- ୧୧୩୧,**
**ଅଭିନବ ବିଡ଼ାନାସୀ, କଟକ- ୭୫୩୦୧୪**
**ଦୂରଭାଷ : ୯୪୩୭୭୬୬୧୧୭**

# ପୁଣ୍ୟର ପ୍ରଭାବ



ବିଭୁପ୍ରସାଦ ହରିଚନ୍ଦନ

ଜଣେ ବୈଷ୍ଣବ ସାଧୁ ତୀର୍ଥାଟନ କରିବା ନିମନ୍ତେ ନିଜ ଧର୍ମପତ୍ନୀଙ୍କ ସହିତ ବାହାରିଲେ ଓ ଦିନଯାକର ପଥଶ୍ରାନ୍ତ ପରେ ଏକ ଗ୍ରାମ ନିକଟରେ ପହଞ୍ଚିଲେ। ରାତ୍ରିଯାପନ ନିମନ୍ତେ ଗାଁ ମୁଣ୍ଡରେ ଥିବା ଏକ ସାଧାରଣ ଗୃହସ୍ଥଙ୍କୁ ଏକଥା କହିବା ମାତ୍ରେ ଗୃହସ୍ଥ ରାଜିହୋଇ ଗଲେ ଓ ସମସ୍ତ ପ୍ରକାର ସେବାଯତ୍ନ ସହ ସାଧୁ ଓ ତାଙ୍କ ସହଧର୍ମିଣୀଙ୍କ ସତ୍କାର ପୂର୍ବକ ଆତିଥେୟତା ପ୍ରଦାନ କଲେ। ରାତ୍ରି ପାହିଲା ଓ ସୂର୍ଯ୍ୟୋଦୟ ପୂର୍ବରୁ ସାଧୁ ସ୍ନାନ ଶୌଚାଦି କର୍ମ ସମାପନ ପରେ ଯିବାପାଇଁ ଉଦ୍ୟତ ହୁଅନ୍ତେ ଗୃହସ୍ୱାମୀ ସାଧୁଙ୍କୁ ବିନମ୍ର ଅନୁରୋଧ କଲେ ଯେ, "ମହାଭାଗ ଆପଣ ଜଣେ ଋଷିପ୍ରତିମ ବ୍ୟକ୍ତି ଏବଂ ଆପଣଙ୍କ ପାଖରେ ଅଗାଧ୍ୟ ପାଣ୍ଡିତ୍ୟ ମଧ୍ୟ ଅଛି। ଯେତେବେଳେ ଆପଣ ଆମ ଗ୍ରାମକୁ ଆସିଛନ୍ତି ଆମକୁ କିଛି ଭାଗବତ କଥା କହି କୃତାର୍ଥ କରିବା ସହିତ କିଛିଦିନ ଏହିଠାରେ ଅବସ୍ଥାନ କରି ପରେ ତୀର୍ଥାଟନ କଲେ ଭଲ ହୁଅନ୍ତା।" ଗ୍ରାମବାସୀମାନଙ୍କର ଅନୁରୋଧକୁ ଭାଙ୍ଗିନପାରି ସାଧୁ ସେହି ଗ୍ରାମରେ କିଛିଦିନ ଅବସ୍ଥାନ କରିବାକୁ ନିଷ୍ପତ୍ତି ନେଲେ।

ଗ୍ରାମଠାରୁ ଅନତିଦୂରରେ ଏକ ଚାଳଛପର ଘର ନିର୍ମାଣ କରାଗଲା। ସାଧୁ ଓ ସାଧୁପତ୍ନୀ ସେଠାରେ ଅବସ୍ଥାନ କରିବାକୁ ଲାଗିଲେ। ପ୍ରତିଦିନ ସଂଧ୍ୟାବେଳେ ସାଧୁ ପ୍ରବଚନ ଦେବାକୁ ଲାଗିଲେ ଓ ଗ୍ରାମର ନରନାରୀ ତାକୁ ଶ୍ରବଣ କରି କୃତକୃତ୍ୟ ହେଲେ। ଏହିପରି ଦିନ ପରେ ଦିନ ଗଡ଼ିଚାଲିଲା। କ୍ରମେ କ୍ରମେ ଦେଖାଗଲା ଗ୍ରାମର ଲୋକମାନେ ଈଶ୍ୱର ବିଶ୍ୱାସୀ ହେବା ସହିତ ସମସ୍ତ ଲୋକଙ୍କର ଅସମ୍ଭବ ଉନ୍ନତି ହେବାକୁ ଲାଗିଲା। ପ୍ରତ୍ୟେକ ପରିବାର ସୁଖଶାନ୍ତିରେ ଚଳିବାକୁ ଲାଗିଲେ। ଆର୍ଥିକ ଅବସ୍ଥାରେ ଦ୍ରୁତ ଉନ୍ନତି ଘଟିବାରେ ପ୍ରତ୍ୟେକ ପରିବାର ଧିରେ ଧିରେ ନିଜ ଚାଳ ଛପର ଘର ପରିବର୍ତ୍ତେ କୋଠାଘରମାନ କରିବାକୁ ଲାଗିଲେ ଓ ଅଳ୍ପ କେଇଟା ମାସ ମଧ୍ୟରେ ସମସ୍ତଙ୍କର କୋଠାଘର ସବୁ ହୋଇଗଲା। ଏଥି ସହିତ ଗାଡ଼ିମଟର ଓ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ଯାହାଯାହା ଆବଶ୍ୟକ ତାହା ସମସ୍ତଙ୍କ ହାତ ପାହାନ୍ତାରେ ଉପଲବ୍ଧ ହେଲା। ସମସ୍ତେ ଅତ୍ୟନ୍ତ ସୁଖଶାନ୍ତିରେ କାଳାତିପାତ କରିବାକୁ ଲାଗିଲେ। କିନ୍ତୁ କେହି ଜାଣିପାରିଲେନି ଯେ କିପରି ଏହା ସବୁ କମ୍ ସମୟ ଭିତରେ ସମ୍ଭବ ହେଲା। ପ୍ରତ୍ୟେକ ଗୃହିଣୀ ନିଜ ନିଜର ଶରୀରକୁ ସୁନାରୂପାର ଅଳଙ୍କାରରେ ସଜେଇ ହେଲେ ଓ ଖାଇବା ପିଇବା କେଉଁଥିରେ ମଧ୍ୟ କାହାର କିଛି ଅଭାବ ରହିଲାନାହିଁ।

ଦିନେ ଗ୍ରାମ ନିକଟରେ ଥିବା ନଦୀ ଶଯ୍ୟାରେ ଗ୍ରାମର ନାରୀମାନେ ଗାଧୋଉଥିବାବେଳେ ସାଧୁପତ୍ନୀ ସେଠାକୁ ଗାଧୋଇବା ପାଇଁ ଯାଇ ପହଞ୍ଚିଲେ। ସାଧୁପତ୍ନୀଙ୍କୁ ସମସ୍ତେ ପ୍ରଣାମ କରିବା ସହିତ ଅନୁରୋଧ କଲେ

ଯେ "ଆମ ସମସ୍ତଙ୍କର ଘର କୋଠା ହୋଇସାରିଲାଣି ତେଣୁ ଆପଣଙ୍କ ଘରଟିକୁ ମଧ୍ୟ କୋଠା କରିଦେବା ଓ ଭଲଭଲ ଖାଦ୍ୟ ପଦାର୍ଥ ମଧ୍ୟ ଆପଣଙ୍କ ଘରକୁ ପଠାଇ ଦେବାପାଇଁ ଆମେ ନିଷ୍ପତ୍ତି କରିଛୁ ଓ କିଛି କିଛି ଚାନ୍ଦାକରି ଆପଣଙ୍କ ପାଇଁ ସୁନାର ଗହଣା କରିବା ପାଇଁ ମନସ୍ଥ କରିଛୁ। ଖାଲି ଆପଣଙ୍କ ମତାମତକୁ ଆମେ ଅପେକ୍ଷା କରିଛୁ। ଯେହେତୁ ଆମେ ସମସ୍ତେ ଭଲରେ ରହିଲୁ ଓ ଆପଣ ହେଉଛନ୍ତି ଆମର ଗୁରୁପତ୍ନୀ, ତେଣୁ ଆପଣଙ୍କ ଭଲମନ୍ଦ କଥା ଆମେ ବୁଝିବା ଉଚିତ୍।"

ସବୁ ଶୁଣିଲେ ଗୁରୁପତ୍ନୀ କିନ୍ତୁ କିଛି କହିଲେ ନାହିଁ, ଘରକୁ ଆସି ସାଧୁଙ୍କୁ କହିଲେ "ହେ ମହାତ୍ମା! ଗ୍ରାମର ସବୁ ବ୍ୟକ୍ତିଙ୍କର କୋଠାବାଡ଼ି ହୋଇଗଲାଣି ସମସ୍ତେ ସୌଭାଗ୍ୟଶାଳୀ ଓ ଧନଶାଳୀ ହୋଇଗଲେଣି ହେଲେ ଆମକୁ ସୌଭାଗ୍ୟ ଓ ଧନ କାହିଁ ମିଳୁନାହିଁ?" ମହାତ୍ମା ସ୍ମିତ ହସି କହିଲେ, "ଆମର କୋଠାବାଡ଼ିର ଆବଶ୍ୟକତା କ'ଣ ଅଛି? ଆମେ ତ ଶାନ୍ତିରେ ଚାଳଛପର ଘରେ ରହିଛେ। ଶାଗ, ପଖାଳ ଖାଉଛେ। ଆମର ଆଉ ଅଧିକ କ'ଣ ଦରକାର ଯେ? ଆମେ ବୈଷ୍ଣବ! ଈଶ୍ୱର ଆରାଧନା ଆମର ସବୁକିଛି। ସାଂସାରିକ ଜିନିଷର ଆବଶ୍ୟକତା ଆମର ଦରକାର ନାହିଁ।" ଗୁରୁପତ୍ନୀ କହିଲେ, "ଆମ ଦୁଃଖ ଦେଖି ଗ୍ରାମର ମହିଳାମାନେ ଆମକୁ ସାହାଯ୍ୟ କରିବା ପାଇଁ ଚାହୁଁଛନ୍ତି। କିନ୍ତୁ ମୁଁ ସେମାନଙ୍କ ସାହାଯ୍ୟ ନେବାକୁ ଉଚିତ ମଣୁନାହିଁ। ଯଦି ଏ ଗାଆଁରେ ସମସ୍ତଙ୍କର ଉନ୍ନତି ସମ୍ଭବ ହେଲା, ତେବେ ଆମର କାହିଁକି ହେବନି?" ମହାତ୍ମା କହିଲେ, "ତୁମେ ସେ କଥା ବୁଝିପାରିବନି ଗୁରୁମାତା। କିଛି ପୁଣ୍ୟାତ୍ମାଙ୍କର ପ୍ରଭାବରେ ସମସ୍ତଙ୍କର କଲ୍ୟାଣ ହୋଇଥାଏ। କିଛି ପୁଣ୍ୟ ଓ ଧର୍ମର ପ୍ରଭାବରେ ସଂସାର ଚାଲିଛି। ସୂର୍ଯ୍ୟ ଓ ଚନ୍ଦ୍ର ଆତଯାତ ହେଉଛନ୍ତି ନଚେତ୍ ସବୁ ଶେଷ ହୋଇସାରନ୍ତାଣି। ତେବେ ଆମେ ନିର୍ଧନ ନୁହଁ। ଆମର ମଧ୍ୟ ଏଠାରେ ଅନେକ ପୁଣ୍ୟ ରୂପକ ଧନ ଅର୍ଜନ ହେଉଛି। ତୁମେ ଆଦୌ ବ୍ୟସ୍ତ ହୁଅନାହିଁ। ଆମେ ତ ଅନେକ ଶାନ୍ତିରେ ଅଛେ। ଆମର ଆଉ ଧନ କ'ଣ ହେବ।"

ଗୁରୁପତ୍ନୀ କହିଲେ, "ଯଦି ଆମର ଧନର ଆବଶ୍ୟକତା ନାହିଁ ବୋଲି କହୁଛ ତାହେଲେ ଆମେ ଚାଲ ଏ ଗାଆଁ ଛାଡ଼ି ଚାଲିଯିବା। ମୁଁ ଆଉ ଅଧିକ ଦିନ ଏ ଗାଁରେ ଚଳିପାରିବି ନାହିଁ। ଏତେସବୁ କୋଠାବାଡ଼ି ସମସ୍ତଙ୍କର ଉନ୍ନତ ଚଳଣି, ସୁନାରୂପାରେ ମଣ୍ଡିତ ସ୍ତ୍ରୀଲୋକମାନଙ୍କୁ ଦେଖିଲେ ମୋ ମନର ସ୍ଥିରତା ରହୁନାହିଁ। ମୁଁ ମଧ୍ୟ ସେଇ ପ୍ରକାର ହେବାପାଇଁ ଚାହୁଁଛି। ତେଣୁ ଚାଲ ଏଠୁ ପଳାଇଯିବା। ଫଳରେ ମୋ ମନର ବ୍ୟସ୍ତତା ଲାଘବ ହେବ।"

ସାଧୁ କହିଲେ ହେ, "ଗୁରୁମାତା, ଏଇ ଗାଁରୁ କୁଆଡ଼େ ଯିବା ଆମର ଠିକ୍ ହେବନି। ଲୋକମାନେ କେତେ ସୁଖଶାନ୍ତିରେ ଅଛନ୍ତି ତାହାହିଁ ଆମର ସୌଭାଗ୍ୟ ଓ ଆମେ ଯଦି ଏଠୁ ଚାଲିଯିବା ତାହାଲେ ଲୋକମାନଙ୍କର ଅମଙ୍ଗଳ ହେବ। ସେମାନେ ଦୁଃଖ ଯନ୍ତ୍ରଣା ପାଇବେ। ପୁଣି ଲୋକମାନଙ୍କୁ ଆମେ ଈଶ୍ୱରଙ୍କ କଥାକହି ଈଶ୍ୱର ଅଭିମୁଖେ କରାଇପାରିଛେ। ଆମେ ଚାଲିଗଲେ ସେମାନଙ୍କ ଅବସ୍ଥା କ'ଣ ହେବ, କେବେ ଭାବିଛ? ଆମ ନିମନ୍ତେ ସେମାନଙ୍କର କିଛି ଅମଙ୍ଗଳ ମୁଁ ଚାହେଁନି।"

ଗୁରୁପତ୍ନୀଙ୍କର ଏକାଜିଦ୍ ଏ ଗାଁଛାଡ଼ି ଆମେ ଅନ୍ୟତ୍ର ଯିବା। ଶତ ଅନୁରୋଧ ପରେ ମଧ୍ୟ ମହାତ୍ମାଙ୍କ କଥା ଗୁରୁପତ୍ନୀ ଶୁଣିଲେ ନାହିଁ। ତେଣୁ ସୂର୍ଯୋଦୟ ଆଗରୁ ଲୋକମାନେ ସେମାନଙ୍କୁ ଦେଖିବା ପୂର୍ବରୁ ସେମାନେ ଗାଁ ଛାଡ଼ି ଚାଲିଯିବା ପାଇଁ ନିଷ୍ପତ୍ତି କଲେ। ପୁନର୍ବାର ସାଧୁ ନିଜ ଧର୍ମପତ୍ନୀଙ୍କୁ ବୁଝାଇବାକୁ ଯାଇ କହିଲେ ହେ, "ଗୁରୁମାତା ଅନ୍ୟମାନଙ୍କ ଖୁସିରେ ଆମେ ଖୁସିହେବା ଉଚିତ୍, ଆଉ ଆମର ଅବର୍ତ୍ତମାନରେ ଏଠାରେ କେତେ ଯେ କ'ଣ ଅଘଟଣ ଘଟିପାରେ, ତୁମେ ତାକୁ ଥରେ ଚିନ୍ତାକର।"

ଲୋକମାନେ ସୁଖଶାନ୍ତିରେ ଅଛନ୍ତି, ତାଙ୍କର କିଛି ବି ଅସୁବିଧା ହେବନି ବୋଲି ଗୁରୁମାତା କହିଲେ। ତେଣୁ ସକାଳ ପାହିବା ପୂର୍ବରୁ ପୂର୍ବ ନିର୍ଦ୍ଧାରିତ ମତେ ଗୁରୁ ଓ ଗୁରୁପତ୍ନୀ ଗାଁ ଛାଡ଼ିଲେ ଓ ଅନତିଦୂରରେ ଥିବା ନଦୀକୂଳକୁ ଆସି ଶେଷ ପ୍ରଣାମ ପୂର୍ବକ ସାଧୁ ଗାଁ ଆଡ଼କୁ ଟିକେ ଦୃଷ୍ଟିପାତ କଲେ ଓ ପୁନର୍ବାର ଚାଲିବାକୁ ଉଦ୍ୟମ କଲେ। ହଠାତ୍ ଭୂମି ଦୋହଲୁଥିବାର ଗୁରୁମାତା ଜାଣିପାରି ସାଧୁଙ୍କୁ କହିଲେ ସ୍ୱାମୀ, "ଏ କ'ଣ ହେଉଛି। ମୁଁ ଭାବୁଛି ବୋଧେ ଭୂମିକମ୍ପ ହେଉଛି।" ସାଧୁ କହିଲେ, "ନିୟତିର ପରିଭାଷାକୁ କିଏ ବା ଅଟକାଇପାରିବ। ତେଣୁ ଚାଲ ଆମେ ଏଠାରୁ ଶୀଘ୍ର ପଳାଇଯିବା। ବର୍ତ୍ତମାନ ଲୋକମାନଙ୍କର କି ପ୍ରକାର ଅବସ୍ଥା ହେବ ତୁମେ ବୁଝିପାରୁଛ? ଗାଁ ଛାଡ଼ିବାକୁ ମୁଁ କାହିଁକି ମନାକରୁଥିଲି, ତୁମେ ଏବେ ବୁଝିପାରିଲ ତ।"

ଲୋକମାନଙ୍କର ଆର୍ତ୍ତଚିତ୍କାର ସହିତ କୋଳାହଳ ପୂରା ପରିବେଶକୁ ସ୍ତମ୍ଭୀଭୂତ କରିଥିଲା ଓ ନଦୀପାର ହୋଇ ସାଧୁ ନିଜ ଗନ୍ତବ୍ୟ ପଥରେ ଆଗେଇ ଯାଉଥିଲେ। ଲୋକମାନେ ଶରଣାପନ୍ନ ହେବାପାଇଁ ଗୁରୁଙ୍କ କୁଟୀରରେ ପହଞ୍ଚିଲାବେଳକୁ ସାଧୁ ଆଉ ସେଠାରେ ନଥିଲେ। ଅଳ୍ପ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ଗାଁଟି ଧୂଳିସାତ୍ ହୋଇଥିଲା। କୁଡ଼କଡ଼ ଶବ ସହିତ ବୁକୁଫଟା କାନ୍ଦ ହିଁ ଶୁଣା ଯାଉଥିଲା। ପରିଶେଷରେ କଥାକାର ଭାବରେ ଏତିକି କହିବି-

ପୁଣ୍ୟବାନ ଲୋକଙ୍କର ପୁଣ୍ୟର ପ୍ରଭାବେ,
ସୂର୍ଯ୍ୟ, ଚନ୍ଦ୍ର ଆତଯାତ ହୁଅନ୍ତି ସ୍ୱଭାବେ ।୧।
ପୁଣ୍ୟକାମ ବଳେ ଧର୍ମହୁଏ ସୁରକ୍ଷିତ,
ଧର୍ମନାଶ ହେଲେ ବିପଦ ଆସିବ ନିଶ୍ଚିତ ।୨।
ନୀତି, ଧର୍ମ ସ୍ୱାଧ୍ୟାୟରେ ରୁହନାରୀ ନର
ସୁଖଶାନ୍ତି ବିଭବରେ ପୂରିଯିବ ଘର ।୩।
ରାଜଧର୍ମ ପ୍ରଭାବରେ ରାଜ୍ୟର ମଙ୍ଗଳ
ପ୍ରଜାମାନେ ସେଥିପାଇଁ ପାଆନ୍ତି ସୁଫଳ ।୪।
ସାଧୁସଙ୍ଗ ପ୍ରଭାବରେ ମିଳେ ଯେଉଁ ଶାନ୍ତି,
ଅନୁଭବୀ ଜାଣେ ତାହା ଜ୍ଞାନୀ କହିଛନ୍ତି **।୫।**

**ସାନପଲା, ଖୋର୍ଦ୍ଧା**
**ଦୂରଭାଷ - ୭୦୭୭୯୮୩୮୪୦**



# ଭିଟାମିନ୍ 'ଏ' ଅଭାବ ଟିବିର କାରଣ ହୋଇପାରେ


ଡକ୍ଟର ମୁରାରିମୋହନ ଦାଶ

ଭିଟାମିନ୍ 'ଏ'ର ଅଭାବ ଲୋକମାନଙ୍କଠାରେ ଦଶଗୁଣ ଅଧିକ ଟିବି ପ୍ରବଣତା ସୃଷ୍ଟି କରିଥାଏ। ଏହି ସିଦ୍ଧାନ୍ତ 'କ୍ଲିନିକାଲ ଇନଫେକ୍‌ସିଅସ୍ ଡ଼ିଜିଜେସ୍ (Clinical Infectious Diseases) ପତ୍ରିକାରେ ଏବେ ପ୍ରକାଶ ପାଇଛି। ଶରୀରର ଭିଟାମିନ୍ 'ବି'ର ମାତ୍ରା ନିର୍ଦ୍ଧାରଣ କରିବା ସହଜ ହୋଇନଥିଲାବେଳେ ଭିଟାମିନ୍ ଓ ଟିବି ମଧ୍ୟରେ ଥିବା କାରଣ ଓ ଫଳାଫଳ (Cause and effect)ର ସମ୍ପର୍କରୁ ଏହା ଗବେଷକମାନେ ଜାଣିପାରିଛନ୍ତି।

ରୋଗୀମାନଙ୍କର ଚିକିତ୍ସା ସମ୍ବନ୍ଧୀୟ ମାନ ନିର୍ଦ୍ଧାରଣ (Clinical evaluation) କରିବା ସମୟରେ ଚିକିତ୍ସକମାନେ ଜାଣିବାକୁ ପାଇଛନ୍ତି ଯେ ଗୌଣ ପୋଷକର ଅଭାବ ଟିବିର କାରଣହୋଇପାରେ। ମୌଳିକ ଭିଟାମିନ୍‌ର ଅଭାବରୁ ଟିବି ପ୍ରସାରିତ ହୋଇଥାଏ ଓ ଲୋକମାନେ ମୃତ୍ୟୁମୁଖରେ ପଡ଼ନ୍ତି।ପରିପୂରକ ସେବନ କଲାପରେ ମଧ୍ୟ ଶରୀର ଏତେ କ୍ଷତିଗ୍ରସ୍ତ ହୋଇଯାଇଥାଏ ଯେ ତାହା ଆଉ କାମକରେ ନାହିଁ। କେନ୍ଦ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଟିବି ପାଇଁ ବର୍ଷକୁ ଏକଲକ୍ଷ ମହିଳା ବିବାହ କରିପାରନ୍ତି ନାହିଁ ଓ ତିନିଲକ୍ଷ ପିଲା ପାଠପଢ଼ା ଛାଡ଼ିଦିଅନ୍ତି। ପ୍ରତ୍ୟେକ ବର୍ଷ ୨.୭ ଲକ୍ଷ ଲୋକ ଟିବି ସଂକ୍ରମଣରେ ମୃତ୍ୟୁବରଣ କରନ୍ତି।

ଟିବି ରୋଗ ବ୍ୟାପିବାର ମୁଖ୍ୟ ଆଶଙ୍କା ଉପାଦାନ ମଧ୍ୟରେ ପୋଷଣର ଅଭାବ ଅନ୍ୟତମ। ଏହା ବ୍ୟତୀତ ଜନଗହଳିପୂର୍ଣ୍ଣ ସ୍ଥାନ, ଗମନାଗମନ ପାଇଁ ସର୍ବସାଧାରଣ ବ୍ୟବହାର କରୁଥିବା ଯାନ, ମଦ୍ୟପାନ, ଧୂମପାନ (ଟବାକୋର ବ୍ୟବହାର) ଏବଂ ପ୍ରତିରୋଧକ ଶକ୍ତିର ହ୍ରାସ ମଧ୍ୟ ଟିବି ସଂକ୍ରମଣ ଓ ପ୍ରସାରଣ ପାଇଁ ଦାୟୀ। ଏପରିକି ମଧ୍ୟମ ଓ ଉଚ୍ଚ ବର୍ଗର ଲୋକମାନେ ଭୁଲ ଖାଦ୍ୟ ବାଛିବା ଯୋଗୁଁ ପୋଷଣ ଜନିତ ଅଭାବର ଶିକାର ହୋଇଥାନ୍ତି।

ଏପର୍ଯ୍ୟନ୍ତ ଆମେ ଜାଣିଥିଲେ ଯେ ଭିଟାମିନ୍ 'ଏ'ର ଅଭାବରୁ 'ଅନ୍ଧାର କଣା' ରୋଗ ହୋଇଥାଏ। ଛାତି ବିଶେଷଜ୍ଞ ଡ଼ାକ୍ତରଙ୍କ କହିବା ଅନୁସାରେ ଭିଟାମିନ୍ 'ଏ' ପ୍ରତିରୋଧକ ଶକ୍ତିକୁ ନିୟନ୍ତ୍ରଣ (Modulate) କରି ସଂକ୍ରମଣକୁ ଏଡ଼ାଇଥାଏ। ସେଥିପାଇଁ ଯାହାର ପ୍ରତିରୋଧକ ଶକ୍ତି ନିମ୍ନ ସ୍ତରରେ ଥାଏ ତାକୁ ଅକ୍ଳେଶରେ ଟିବି ସଂକ୍ରମଣ କରିପାରେ। ପରୀକ୍ଷାରୁ ଜଣାଯାଇଛି ଯେ, ଯାହାର ପ୍ରତିରୋଧକ ଶକ୍ତି ନିମ୍ନ ସ୍ତରରେ ଥାଏ ତା'ର ଶରୀରରେ ନିଶ୍ଚିତ ଭାବରେ ଭିଟାମିନ୍ 'ଏ'ର ଅଭାବ ଥାଏ।




ଟିବି ଚିକିତ୍ସାରେ ଲିପ୍ତଥିବା ଡ଼ାକ୍ତର ସୁନିଥା ନାରେଡ଼ି (Consultant, Infections Diseases, Apolo Hospital, Hyderabad) କହନ୍ତି ଯେ ଏହି ରୋଗକୁ ସମ୍ପୂର୍ଣ୍ଣ ରୂପେ ଭଲକରିବା ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ପୁନରାବର୍ତ୍ତନ କରିପାରେ। କେତେବେଳେ ରୋଗୀ ଠିକ୍ ଭାବରେ ଔଷଧ ସେବନ କରେନାହିଁ ତ ଆଉ କେତେବେଳେ ଔଷଧ ଅଧାରୁ ବନ୍ଦ କରିଦିଏ। ରୋଗ ଥରେ ପୁନରାବର୍ତ୍ତନ କଲେ ତାହା ଭୟଙ୍କର ରୂପ ନେଇଥାଏ ଓ ସାଧାରଣ ଔଷଧ କାମ କରିନଥାଏ। ଯେଉଁ ରୋଗୀମାନେ ଅଧାରୁ ଚିକିତ୍ସା ବନ୍ଦ କରିଥାନ୍ତି ସେମାନେ ଅନ୍ୟମାନଙ୍କୁ ରୋଗ ସଂକ୍ରମଣରେ ସାହାଯ୍ୟ କରନ୍ତି।

ପୋଷଣ ଅଭାବ ସହିତ ଶ୍ରମିକମାନେ ଦଳଦଳ ହୋଇ ଏକାସାଙ୍ଗରେ କାମକଲେ ତାହା ମଧ୍ୟ ରୋଗ ସଂକ୍ରମଣରେ ସାହାଯ୍ୟ କରିଥାଏ। ଗୋଟିଏ କୋଠରିରେ ଅନେକ ଶ୍ରମିକ କାର୍ଯ୍ୟ କରିବା ପାଇଁ ବାୟୁ ସଂଚାଳନରେ ଉପଯୁକ୍ତ ସୁବିଧା ଥିବା ଆବଶ୍ୟକ। ଏବେ ହାଇଦ୍ରାବାଦର ବସ୍ତି ଅଞ୍ଚଳରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାଯାଏ ଯେ, ୪ ପ୍ରତିଶତ ଶିଶୁ ଶ୍ୱାସ ଓ ଟିବି ରୋଗରେ ଆକ୍ରାନ୍ତ। ଲୋକମାନଙ୍କ ଠାରେ ସଚେତନତାର ଅଭାବରୁ ଶେଷ ମୁହୂର୍ତ୍ତରେ ଡ଼ାକ୍ତରଖାନାରେ ପହଞ୍ଚୁଥିବାରୁ ଜୀବନ ରକ୍ଷା କରିବା ସମ୍ଭବ ହେଉନାହିଁ।

ଭିଟାମିନ୍ 'ଏ' ଲହୁଣୀ, ଘିଅ, ଦୁଗ୍ଧ, ଅଣ୍ଡାର କେଶର ଓ ଯକୃତରୁ ମିଳେ। ଉଦ୍ଭିଦଜାତ ଖାଦ୍ୟରେ ଏହା ଭିଟାମିନ୍ 'ଏ' ଆକାରରେ ନଥାଇ 'କାରୋଟିନ' ଆକାରରେ ଥାଏ। ପରିବାପତ୍ର ଯେତେ ଶାଗୁଆ ଦେଖାଯାଏ ସେଥିରେ ସେତେ ବେଶି ପରିମାଣର ପ୍ରାକ୍ ଭିଟାମିନ୍ 'ଏ' ବା କାରୋଟିନ୍ ଥାଏ। କାରୋଟିନ୍ ଭିଟାମିନ୍ 'ଏ'କୁ ପରିବର୍ତ୍ତିତ ହୋଇଥାଏ। ଶରୀରରେ ଅଧିକ ମାତ୍ରାରେ ଭିଟାମିନ୍ 'ଏ' ରହିଲେ ବାଳ ଖଦଡ଼ା (Rough) ହୋଇଯାଏ, ଚର୍ମ ଶୁଖିଯାଏ, ବାନ୍ତିଲାଗେ ଏବଂ ଯକୃତ, ଫୁସ୍‌ଫୁସ୍ ଓ ମସ୍ତିଷ୍କରେ ସମସ୍ୟା ଦେଖାଯାଏ। ଭିଟାମିନ୍ 'ଏ'ର ପରିମାଣ ବେଶି ହେଲେ ଭିଟାମିନ୍ 'କେ' ଶରୀରରେ ଠିକ୍ ଭାବରେ ବ୍ୟବହାର ହୋଇପାରେ ନାହିଁ। ଫଳରେ ରକ୍ତ ଜମାଟ ବାନ୍ଧିବାରେ ଅସୁବିଧା ହୋଇଥାଏ।

ଜି/ଏଲ-୧, ଭି.ଏସ୍.ଏସ୍.ନଗର ଭୁବନେଶ୍ୱର-୭
**ଦୂରଭାଷ** - ୯୪୩୭୧୧୦୭୧୫



(ଏବେ, କେବେ, କୋଉଠି- ୫୯)

# ବାଣୀ

ସତ୍ୟନାରାୟଣ ସାମନ୍ତରାୟ(ସତ୍ୟକଜ୍ଞ)

ବାଃ ! କି ସୁନ୍ଦର ବାଣୀ ! ! ପେଟ ପୂରିଯାଉଛି । ଆନନ୍ଦରେ ମନ ଭରି ଉଠୁଛି । କେତେ ବଢ଼ିଆ ବଢ଼ିଆ କଥା କହୁଛନ୍ତି । ବେଦ, ଉପନିଷଦ,ଗୀତା, ଭାଗବତ, ପୁରାଣରୁ କେତେ କେତେ ଉଦାହରଣ କଥାଛଳରେ ଆଣି ଥୋଉଛନ୍ତି । ସେସବୁ ଶୁଣିଲେ ମଣିଷ ଧନ୍ୟ ହୋଇଯିବ । ଶୁଣିବାକୁ କେତେ ଭଲଲାଗୁଛି । ତମେ ତାକୁ ଟିକିଏ ଶୁଣିଲେ ହୁଅନ୍ତାନି ? ବୟସ ହେଲାଣି । ଏଣିକି ମନରେ ଟିକିଏ ଠାକୁର ବିଶ୍ୱାସ ଆସୁ । କେବେ ତ ଆଗ୍ରହରେ ଠାକୁର କି ମନ୍ଦିର କୁଆଡ଼େ ଗଲନି । ସନ୍ଧ୍ୟା ହେଲେ ଟି.ଭି. ସାମନାରେ ବସି ଏଇ ଠାକୁର-ବାଣୀକୁ ଟିକିଏ ଶୁଣ । ପତ୍ନୀଙ୍କର ଏହାଥିଲା ମୋ ପ୍ରତି ଏକ ନରମ ତଥା ଚରମ ତାଗିଦା ।

ଏ ତାଗିଦାର କି ଉତ୍ତର ରଖିବି ? ମୁଁ ଯୋଉ ଉତ୍ତର ରଖିବି, ତାହା କେତେଦୂର ସେ ଗ୍ରହଣ କରିବେ ? ସିଏ ତ ସୁଅମୁହଁରେ ଠେଲି ହୋଇ ଆଗକୁ ଆଗକୁ ଚାଲିଯାଉଛନ୍ତି । ତଥାପି କହିଲି, ଯାହା ଶୁଣିବାକୁ ଭଲଲାଗୁଛି, ତାହା ଶୁଣାଯାଉ; ମାତ୍ର ସେଇ ଭଲଲାଗିବାକୁ କାମରେ କେତେ ଲଗେଇପାରୁଛ ତାକୁ ବି ଧ୍ୟାନ ଦିଆଯାଉ । ତା' ସହ ଯିଏ କହୁଛି, ତାହା ସିଏ କହିବାପାଇଁ କହୁଛି ନା ସିଏ ବି ଏହାକୁ ତା' ଜୀବନରେ ପାଳନ କରୁଛି, ସେକଥା ବି ଦେଖାଯାଉ । ଅବଶ୍ୟ ସେମାନେ କହିବେ, ଆମେ ଯାହା କହୁଛୁ ତାହା କର । ଆମର କାମକୁ ଅନୁଧ୍ୟାନ କରନାହିଁ । ଆମେ ଚିତାତିଳକମାରି  ସାଧୁ ହୋଇଛୁ । ତୁମଭଳି ସମାଜର ଗୋଟେ ସିଂହଭାଗ ଲୋକଙ୍କୁ କହିବାକୁ ଆମେ ଠିକା ନେଇଛୁ । ଆମେ କହିବୁ, ତୁମେ ଶୁଣିବ । ପ୍ରଶ୍ନ କରିବନାହିଁ । ପ୍ରଶ୍ନକଲେ ଆମେ ତୁମକୁ ନାସ୍ତିକ, ଅବିଶ୍ୱାସୀ, ଅଧମ, ଅବିବେକୀ, ପାମରଭଳି ଉପସର୍ଗ ଲଗେଇ ସମ୍ବୋଧନ କରିବୁ । ଆମର ଗୋଡ଼ାଣିଆ ଶ୍ରୋତା, ଭକ୍ତ, ଅନୁରକ୍ତମାନେ ତୁମକୁ ଛି ଛି କରିବେ । ଅତଏବ, ହେ ଆମ ସାମନାରେ କିମ୍ବା ନିର୍ବୋଧବାକ୍ସ ସାମନାରେ ବସି ଆମକୁ ଶୁଣୁଥିବା ଭକ୍ତଗଣ, ଆମେ ଯାହା କହୁଛୁ, ତାହା ଶୁଣ । ଶୁଣିବା ତୁମର କାମ । କହିବା ଆମର କାମ । ଆମର କହିବାପାଇଁ ବୁଦ୍ଧି ଅଛି । ତୁମମାନଙ୍କୁ ବଶୀଭୂତ କରିପାରିବାର କଳା ଆମକୁ ଜଣାଅଛି । ତୁମେ ଶୁଣୁଥାଅ । ଶୁଣିଶୁଣି ବଢୁଥାଅ । ପ୍ରଶ୍ନ ପଚାରିବା ମହାପାପ ।

ପାପର ଭୟରେ ହେଉ ବା ମୁକ୍ତିପାଇବା ଆଶାରେ ହେଉ, ମୋ ପତ୍ନୀ ଏଭଳି ବାଣୀସବୁକୁ ଆକର୍ଣ୍ଣ ଶୁଣି ଆକଣ୍ଠ ପାନ କଲାବେଳେ, ମୁଁ ତାଙ୍କୁ କେବେ ଆକଟ କରିପାରେନି । ମୁଁ ତାଙ୍କୁ କହିପାରିନି ଯେ, ଯିଏ ବୋକା, ନିର୍ବୋଧ କିମ୍ବା ମୂର୍ଖ ସେମାନେ ଶୁଣିବେ ଶୁଣନ୍ତୁ । ତୁମେ ଯଦି ଯା ଭିତରୁ ଜଣେ ତେବେ ଶୁଣିବାରେ ମୋର କୌଣସି ଆପତ୍ତି ନାହିଁ । ଅବଶ୍ୟ ଏହା ମନୋବୃତ୍ତି ଓ ମନୋଭାବର କଥା । ଆମ ମତରେ ଯଦି ସେହି ସମୟରେ କିଛି ବହି କିମ୍ବା ପତ୍ରପତ୍ରିକା ପଢ଼ାଯାଇପାରନ୍ତା, ତେବେ କ୍ଷତି କଣ ? ମନଭିତରେ ଉଠୁଥିବା ବହୁମୁଖୀ ଭାବନାର ପ୍ରତିଫଳନକୁ ବହିପଢ଼ା ମାଧ୍ୟମରେ ଅନୁଭବ କରାଯାଇପାରେ ।  ଯିଏ କହୁଛି ସିଏ ପଢ଼ିଛି ବୋଲି କହୁଛି । କାହାକୁ ତ କେହି ମନାକରିନି ପଢ଼ିକି ଆତ୍ମସ୍ଥ କରିବାକୁ । ନିଜେ ଅମଳ କରିଥିବା ଚାଉଳର ଭାତ ଓ କିଣାଚାଉଳର ଭାତ ବା ମଗାଚାଉଳର ଭାତ ଭିତରେ ନିଜେ ଅମଳ କରିଥିବା ଚାଉଳର ଭାତର ସୁଆଦ ନିଷ୍ଟେ ନିଆରା । ଅତଏବ, ଏଭଳି ଶୁଣିବାଦ୍ୱାରା ଜଣକର ଚିନ୍ତାଶକ୍ତି ଲୋପ ପାଇଯାଏ । କଳ୍ପନାବିଳାସୀ ବୋଲି ମଣିଷର ଯୋଉ ସୁନାମ ଥିଲା, ଏହାଦ୍ୱାରା ତାହା ବି ଲୋପ ପାଇଗଲାଣି । ଶୁଣିବାକଥା ଏକାନରେ ପଶି ସେ କାନରେ ବାହାରିଯାଏ । ପୁରୁଣାକାଳରେ ଲୋକେ ଶୁଣିଶୁଣି ମନେ ରଖୁଥିଲେ । ଜାଣିବାର ବା ମନେ ରଖିବାର ଏହା ଏକମାତ୍ର ମାଧ୍ୟମ ଥିଲା । ମାତ୍ର ବର୍ତ୍ତମାନର ସ୍ଥିତି ଅଲଗା ।

ପାପବୋଧରୁ ରକ୍ଷାପାଇବାପାଇଁ ମଣିଷ ଯେତେ ତତ୍ପର, ପାପ ନକରିବାପାଇଁ ସେତେ ତତ୍ପର ନହେବାଟା ମଣିଷ ପକ୍ଷରେ ଏକ ମସ୍ତବଡ଼ ବିଡ଼ମ୍ବନା । ଅପକର୍ମ ପାପ ଓ ଜାଣିଶୁଣି ଯେଉଁ ଅପକର୍ମ କରାଯାଏ, ତାହା ଆତ୍ମପ୍ରବଞ୍ଚନା । ଏଭଳି ଆତ୍ମପ୍ରବଞ୍ଚିତ ମଣିଷ ପାଇଁ ଆତ୍ମରକ୍ଷାର ଆୟୁଧ ଭାବରେ ସିଏ ଯାହାକୁ ଗ୍ରହଣ କରୁଛି, ତାହା ପୁନଃ ଏକ ଆତ୍ମପ୍ରବଞ୍ଚନାର ଫର୍ଦ୍ଦ ଯୋଡ଼ିଦେଉଛି । ଅତଏବ ପାପ ଉପରେ ଆହୁରି ପାପର ବୋଝରେ ଆକ୍ରାମାକ୍ରା ମଣିଷର ମନ ବହିପଢ଼ାଭଳି ଏକ ଆୟାଶସାଧ୍ୟ ବ୍ୟବସ୍ଥାକୁ ସହଜରେ ଗ୍ରହଣ କରିପାରୁନି । ସୁତରାଂ ବାବାବାଦର ଓ ପ୍ରବଚନବାଦର ପ୍ରଚାର ପ୍ରସାର ଏହାଦ୍ୱାରା ସୁଗମ ହେଉଛି । ପୁଣ୍ୟଫଳ ବୋଲି ଯାହାକୁ ମଣିଷ ଖାଉଛି ତାହା ପ୍ରକୃତରେ ବିଷଫଳ ବୋଲି ବୋଧେ ଯା'ଭିତରେ ମଣିଷ ଭୁଲିଗଲାଣି ।

ସେଦିନ ଇଡ଼େନ୍ ଗାର୍ଡ଼େନ୍‌ରେ ଆଦାମ୍ ଓ ଇଭ୍ ନିଷିଦ୍ଧଫଳ ଖାଇ ଖୁସି ମନଉଥିବାବେଳେ ଭଗବାନଙ୍କୁ ଦେଖି ଲୁଚିଲେ । ସେମାନେ ତାଙ୍କୁ ସନ୍ଦେହକଲେ । ନିଷିଦ୍ଧଫଳ ଖାଇବାକୁ ଭଗବାନ ସେମାନଙ୍କୁ ମନା କରିଥିବାରୁ ତାଙ୍କୁ ଦୋଷଦେଲେ । ଭଗବାନ ସେମାନଙ୍କୁ ଠକିଛନ୍ତି ବୋଲି ଅପବାଦ ଦେଲେ । କହିଲେ, ଆରେ ବାଃ, ତୁମେ ତ ଏକା ଚାଲାକ୍ । ଆମକୁ ଯୋଉ ଫଳଟା ଖାଇବାକୁ ମନାକରିଥିଲ ସେ ଫଳଟାର ସ୍ୱାଦ

ଏତେ ସୁନ୍ଦର! ତୁମେ ସବୁ ଉପଭୋଗ କରିବ, ଆମକୁ ଖାଇବାକୁ ମନାକରିବ? ସାଟାନ୍ ସିନା ଥିଲାବୋଲି ଆମକୁ ସେ ଫଳର ସ୍ୱାଦ ବତେଇଲା। ଖାଇବାକୁ ପ୍ରବର୍ତ୍ତେଇଲା। ଆମେ ଖାଇଲୁ। ଦୁନିଆର ରଙ୍ଗ ଦେଖିଲୁ। ଉଲଗ୍ନ ଥିଲୁ, ଲୁଗା ପିନ୍ଧିଲୁ। ଜୀବନକୁ ଉପଭୋଗ କଲୁ। ଜୀବନ ଉପଭୋଗର ଲୀଳାଭୂଇଁ ବୋଲି ସାଟାନ୍ ଠିକ୍ ଜାଣିଥିଲା। ସେ ଆମ ପାଇଁ ମହାପୁରୁଷ। ଏହା ପାରାଡ଼ାଇଜ୍ ଲଷ୍ଟର କାହାଣୀ- ପାଠକେ ଜାଣନ୍ତି। ଏଥିରେ ଥିବା ଲାଭକ୍ଷତିକୁ ମଧ୍ୟ ପାଠକେ ଜାଣନ୍ତି।

ତେବେ ପାଠକେ, ଏ ଦୁନିଆରେ ଏବେ ବି ନିଶ୍ଚିତ ଭାବରେ କିଛି ନା କିଛି ଓ କୋଉଠି ନା କୋଉଠି ଏମିତି ଅନେକ ନିଷିଦ୍ଧଫଳ ରହିଛି। ଖାଇବା ପୂର୍ବରୁ ପରଖିନେବା ଉଚିତ। ସାଟାନ୍‌ମାନେ ଏବେ ବି ବଞ୍ଚିଛନ୍ତି। ସେମାନଙ୍କ ଉପଦେଶକୁ ମହୌଷଧୀ ନଭାବିଲେ ପୁରୁଷାକାର ନିଶ୍ଚିତ ସାର୍ଥକ ହେବ। କାରଣ ସବୁ ଉପଦେଶ ଗ୍ରହଣୀୟ ନୁହେଁ।

**ବେଗୁନିଆ, ଖୋରଧା।**
**ଦୂରଭାଷ - ୯୪୩୮୭୩୪୮୧୬**

# ହେ କରୁଣା ସାଗର

ଶାନ୍ତି ଲତା ଦାସ

ତୁମଠାରେ ପରା ପ୍ରଭୁ
ସବୁ ଭରି ରହିଛି,
ତେବେ କିଆଁ ଭିକ୍ଷାଥାଳ
ମୋର ଖାଲି ପଡ଼ିଛି ?
ତୁମେ ଅଟ ସର୍ବବ୍ୟାପି
ସବୁ ତୁମେ ଦେଖୁଛ,
କି ପାପ କରିଛି ମୁହିଁ
ବିନା ଦୋଷେ ଦଣ୍ଡୁଛ।
ତଥାପି ତୁମ କରୁଣା
ଆଶାରେ ମୁଁ ବଞ୍ଚିଛି,
ଥାଳ ଭରି ଦେବ ବୋଲି
ଦିବା ନିଶି ରହିଁଛି।।
ନିରାଶା ପଥରେ ତୁମେ
ସାହାରା ତ ମୋହର,
ହାତ ଧରି ଡାକି ନିଅ
ହେ କରୁଣା ସାଗର।।

ବୁଢ଼ି ବଗିଚା, ଖୋରଧା

# ସବୁ କିଛି ବିଲୀନ

**ଧ୍ରୁବ ରଣା**

ଫୁଲ ଭଳି କଅଁଳ
ଲହୁଣୀ ଭଳି ମସୃଣ
ଆକାଶ ଭଳି ଉଦାର
ମାଟି ଭଳି ସହନଶୀଳ
ସାଗର ଭଳି ନିବିଡ
ଭଲ ପାଇବା ଭଳି
ଗଭୀରତାରେ ପରିପୂର୍ଣ୍ଣ
ମୋ ମୃଣ୍ମୟ ଶରୀରର
ସୂକ୍ଷ୍ମ ସ୍ୱରୂପଟି ଆଜି
ଆବେଷ୍ଟିତ ମୋର
ସମଗ୍ର ପରିବେଶର
ଗୋପନ ନିରବ ଆକ୍ରମଣରେ
କ୍ଷତାହତ, ରକ୍ତାକ୍ତ ।

ମୋ' ରାତିର ସାଥୀ
ମୋ' ଓଠର ତାତି
ମୋ' ବାହୁର ବଳ
ଏବେ ଅଭୀପ୍‌ସାର
ଚରମ ଲାଳସାଗ୍ନି ହୋଇ
ଦଗ୍ଧ କରୁଛନ୍ତି
ମୋର କଳିତ ଲଳିତ ଆତ୍ମସତ୍ତାକୁ ।

ମୋ' ମନର ବେଗ
ପ୍ରାଣର ଆବେଗ
ହୃଦୟର ସ୍ପନ୍ଦନରେ
ଏମାନେ ଅନ୍ଧାର ମଖା
ଅଂଗାରକାମ୍ଳର
ଟିପା ଟିପା ବହଳ ଆସ୍ତରଣ,
ଅବେଗିକ ନିଃସଂଗତାରେ
ଭାବପ୍ରବଣତାର ଶୂନ୍ୟତାରେ
ହୃଦ୍ୟତାର ବିଯୁକ୍ତାୟନରେ
ମୋ' ଆଖିର ଦୃଶ୍ୟ
ମୋ' ହୃଦୟର ଭାଷା
ମନର ଚିନ୍ତନ
ସବୁକିଛି ଆଜି ବିଲୀନ ।

**ଭଗତ ସିଂ ବିହାର**
**ବଡ଼ମ୍ବା, କଟକ**

# ବାଟବଣା

ଡ. ତ୍ରୈଲୋକ୍ୟ ନାଥ ରଥ



ଯିଏ ଶିଖାଇଲା ଚଲିବାକୁ ମତେ,
ଶିଖାଇଲା ଯିଏ କହି କଥା
ଶିଖାଇଲା କର୍ମ, ବିଚାର ଉତ୍ତମ
ଈଶ୍ୱର ବିଶ୍ୱାସ ନୀତିକଥା।।୧।।
ସିଏ ମୋର ମାଆ, ଗୁରୁଗୁରୁଜନ
ଗଢିଲେ ସେ ମୋତେ କେତେ ଯତ୍ନେ।
ବାଟବଣା ହେଲି ତାଙ୍କୁ ଭୁଲିଗଲି,
ବଡହୋଇ ଗର୍ବ ଅଭିମାନେ।।୨।।
ଶିକ୍ଷାଗୁରୁ ମୋତେ ଆଲୋକ ସନ୍ଧାନେ
କଢାଇଲେ ବାଟ ହାତଧରି।
ସାହିତ୍ୟ-ଭୂଗୋଳ, ଗଣିତ-ବିଜ୍ଞାନ
ଜ୍ଞାନରେ ମନକୁ ଦେଲେ ଭରି।।୩।।
ତାଙ୍କଠାରୁ ବଡ଼ ହୋଇଗଲି ବୋଲି
ବଢିଗଲା ମୋର ଅହଂକାର।
ବାଟବଣା ହେଲି କୁପଥେ ଚାଲିଲି
ଜୀବନ ବିଅର୍ଥ କଲି ମୋର।।୪।।
କର୍ମଗୁରୁ ଯେତେ ଶିଖାଇଲେ ମତେ
କର୍ମରେ ଦକ୍ଷତା ନିଷ୍ଠା ଯତ୍ନ,
କରି ପରିଶ୍ରମ ସେବାରେ ଉତ୍ତମ
ସତକର୍ମେ ଅରଜିବି ଧନ।।୫।।
ଧରମ କରମ ନିଷ୍ଠାକୁ ଛାଡିଲି
ଅଳସେ ବିଳାସେ କାଟି ଦିନ
ବାଟ ବଣା ହେଲି ଲୋଭି ସ୍ୱାର୍ଥୀ ହେଲି
ଦୁର୍ନୀତିକୁ କରି ଗଣ୍ଠିଧନ।।୬।।
ଧର୍ମଗୁରୁ ମୋତେ ଶିକ୍ଷା ଦେଇଥିଲେ
କରିବାକୁ ରୋଗୀ ଜନ ସେବା,
ଦୁଃଖି ରଙ୍କି ଭୋକି ଦୁର୍ବଳ ମାନଙ୍କୁ
ସାହାଯ୍ୟ କରିବି ରାତ୍ର ଦିବା।।୭।।
ବାଟବଣା ହେଲି ସ୍ୱାର୍ଥପର ହେଲି
ଭୁଲିଗଲି ସବୁ ଦାନଧର୍ମ,
ଦେଶକୁ ଲୁଟିଲି ଦଶକୁ ଶୋଷିଲି
ସନ୍ଥଜନଙ୍କୁ ମୁଁ ହେଲି ବାମ।।୮।।
କପଟ ବିଚାରେ ବିଶୁଦ୍ଧ ଆଚାରେ
ଈଶ୍ୱରଙ୍କୁ କଲି ମିଛ କାଠ,
କାମଲୋଭେ ମାତି ଆଚରି ଅନୀତି
ଜୀବନକୁ କଲି ପାପପୀଠ।।୯।।
ନାହାନ୍ତି ଈଶ୍ୱର ନାହିଁ କର୍ମଫଳ
ଆତ୍ମାରେ ବିଶ୍ୱାସ ହେଲା ଊଣା,
ଲୋଭ ଭୋଗ ସୁଖ ବାସନା ବିଳାସେ
ହୋଇଗଲି ମୁଁ ଯେ ବାଟବଣା।।୧୦।।

ଗୁରୁଜଙ୍ଗ,ଖୋରଧା
ଦୂରଭାଷ-୮୭୬୩୯୩୧୪୩୧

# ତୃଷ୍ଣା



ପୁଷ୍ପଲତା ସାମନ୍ତରାୟ

ତୃଷ୍ଣାକୁ ନିଜର କରିଥିବା ବ୍ୟକ୍ତି
ସର୍ବଦା ଅସୁଖୀ ରହେ,
କାରଣ ପୁଛିଲେ ସମ୍ମୁଖ ଉପରେ
ତୃଷ୍ଣା ଉପସ୍ଥିତ ହୁଏ।
ମାନବରତୃଷ୍ଣା ଶେଷ ହୁଏ ନାହିଁ
ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ,
ଶେଷକଥାକୁ ଭାବିଥାଏ ଯେବେ
ନୁହେଁ ସଙ୍ଗୀତ ରହିତ।
ସିମୀତ ସାମର୍ଥ୍ୟ ଦେଇପାରିବକି
ତୃଷ୍ଣାର ଆବଶ୍ୟକତା,
ତୁଳନାରେ ତୁଳି ହୋଇନପାରିବା
ଅକ୍ଷମତା ଦୁଃଖ ଦାତା।
ସମ୍ପଦେ ସମ୍ପୂର୍ଣ୍ଣ ଦେବାପାଇଁ ମନ
କେତେ ଭାବେ ବ୍ୟଗ୍ରଥାଏ,
ବିବେକ ସମ୍ପର୍ଣ୍ଣ ଆବଶ୍ୟକତାକୁ
ବୁଝିବା ଇଚ୍ଛା ନଥାଏ।
କେତେ ମହାରଥୀ ଭାସିଯାଇଛନ୍ତି
କାଳର କରାଳ ସ୍ରୋତେ,
ମର୍ମେ ମର୍ମେ ତାଙ୍କ ନିରୁକ୍ତ ବେଦନା
ସହିଯାଇଛନ୍ତି କେତେ।
ତୃଷ୍ଣାରୁ ମୁକତି ପାଇଛନ୍ତି ଯେତେ
ଆନନ୍ଦ ବିଭୋର ପ୍ରାଣ
ବୁଝିଛନ୍ତି ସେହୁ ଜୀବନତାତ୍ପର୍ଯ୍ୟ
ଧନମାନ ଯଉବନ।
ଚିର ନୁହଇଏ ଅଳୀକ ସଂସାରେ
ସ୍ରୋତସମ ବହିଯାଏ,
ମିଛ ମୋହ ପଛେ ଅଜ୍ଞାନ ମାନବ
ନିରନ୍ତର ଧାଇଁ ଥାଏ।

ଦଣ୍ଡତୋଟା,ପୁରୀ

# ହେ ଈଶ୍ୱର

ଦେବ ଦତ୍ତ

ହେ ଈଶ୍ୱର
ଅନୁଭବ କରିଚି ଜହ୍ନର ଶୀତଳତା
ସୂର୍ଯ୍ୟର ପ୍ରଖରତା କେତେ ତାପମାତ୍ରା
ହେଲେ ଜାଣି ପାରିନି ଜମା
ତମ ପ୍ରେମପୂର୍ଣ୍ଣ ଦରଦୀ ହୃଦୟଟା
କେତେ ଉଷ୍ମ ଅବା କୋମଳ।।

ପରଖିଛି ମୁଁ ତମ ସୃଷ୍ଟିର
ଶ୍ରେଷ୍ଠ ଜୀବର ମାନସିକତା
କେତେ ପ୍ରଭୁତ୍ୱ ଦାସତ୍ୱ
ହେଲେ ପରଖି ପାରୁନି ଜମା
ତମ ବିଶାଳ ସୃଷ୍ଟିର।।

ମାପିଛି ମୁଁ ସମୁଦ୍ରର ଗଭୀରତା
ସୂର୍ଯ୍ୟର ଦୂରତା କେତେ ଯେ ଆଲୋକବର୍ଷ
ହେଲେ ମାପିପାରୁନି ଜମା
ଦୂରତା ଶୂନ୍ୟ-ଶୂନ୍ୟ-ମହାଶୂନ୍ୟର
ତମ ଆଉ ମୋର।।

ଏଇତ ବିସ୍ମୟ
ବୁଦ୍ଧିର ବିନାଶରେ କାହିଁକି କେଜାଣି
କେଉଁ ବିଶ୍ୱସ୍ତତାରେ
ଉଠିଯାଏ ଉପରକୁ ହାତ ଦିଟା
ଆଉ ନଇଁଯାଏ ମୁଣ୍ଡ ମୋର
କାରଣ ତମେ ତ ଏ ସୃଷ୍ଟିର ଆଧାର।।

ସଂପାଦକ-ସ୍ମାଇଲ ପାଠାଗାର, ବଡଓରା, କଣାସ, ପୁରୀ
ଦୂରଭାଷ - ୮୦୧୮୦୯୭୮୮୫

## ଆମରିସତ୍ୟ ପାଇଁ ଲେଖା ଆବଶ୍ୟକ

ଓଡ଼ିଶାର ଆଗ୍ରହୀ ଲେଖକ/ଲେଖିକାମାନଙ୍କୁ ଅନୁରୋଧ ସେମାନେ ଛାତ୍ରଛାତ୍ରୀମାନଙ୍କର ଅର୍ନ୍ତନିହିତ ଗୁଣରାଜିର ବିକାଶ ପାଇଁ ଲେଖାମାନ ପଠାନ୍ତୁ। ବିଶେଷକରି ଲେଖାଗୁଡ଼ିକ ଯେକୌଣସି ବିଷୟରେ ହେଉନା କାହିଁକି ଶିକ୍ଷଣୀୟ ହେବା ଉଚିତ୍। ଲେଖା ପଠାଇବାର ଠିକଣା :

ଆମରିସତ୍ୟ
ଏମ୍.ପି. ହାଉସିଂବୋର୍ଡ କଲୋନୀ, ପୋ: ପି.ଏନ୍. କଲେଜ,
ଜିଲ୍ଲା - ଖୋରଧା, ପିନ୍ - ୭୫୨୦୫୭
ଫୋନ୍ - ୦୬୭୫୫ - ୨୨୦୯୮୦

## ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା। ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡି ଗୁଡିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ। ସଂଖ୍ୟା ଗୁଡିକ ୧ ଠାରୁ ୯ ମଧ୍ୟରେ ହୋଇଥିବ।

ସୁ-ଡୋକୁ ଉତ୍ତର ୨୭ ପୃଷ୍ଠାରେ

| | | | | | | | | |
|---|---|---|---|---|---|---|---|---|
| 4 | 1 | | | | 9 | 2 | | 6 |
| | | 5 | | 4 | 6 | | 3 | |
| 2 | 3 | | 1 | | | 4 | 7 | |
| | 9 | 3 | | 7 | | | | 2 |
| 6 | | | 9 | | 2 | | | 7 |
| 7 | | 2 | | 1 | | 5 | 9 | 4 |
| 8 | 4 | 9 | | | 1 | | | 5 |
| | 6 | | 8 | 2 | 7 | 9 | | |
| 3 | 2 | 7 | 5 | | | | 6 | 8 |

# ଲୋ ସଜନୀ ସଫାକର ମନତୁଠ

**ବାବାଜୀ ଚରଣ ଜେନା**



ବନେଇ ଚୁନେଇ କଥାକୁ କହିଲେ
ମିଛ ହୋଇଯାଏ ସତ,
ସଜେଇ ସାଜେଇ ଲେଖିଦେଲେ କିଛି
ଗପ ହୋଇଯାଏ ସତ,
ଲୋ ସଜନୀ ସଫାକର ମନତୁଠ .......... (୦)
ଚନ୍ଦନ ପେଡ଼ିରେ ଚନ୍ଦନ ଘୋରିଲେ
ମହକି ଉଠଇ ବାସ,
ଭଲକାମ କଲେ ଏଇ ଦୁନିଆରେ
କାଳ କାଳ ରହେ ଯଶ,
ଚଳେଇ ଚାଳେଇ ଦେଲେ କଥାସବୁ
ସୁଗମ ହୁଅଇ ପଥ,
ଲୋ ସଜନୀ ରହେ ନାହିଁ ଖଟ ଖଟ ..........(୧)
କି ସୁନ୍ଦର ଦିଶେ ପଦୁଅଁ ଫୁଲଲୋ
ପଙ୍କରୁ ହୋଇ ସେ ଜାତ,
ଗୁରୁ ଗୁରୁଜନ ଆଶିଷ ପାଇବୁ
କରୁଥିଲେ ମଥାନତ,
ଅଙ୍କେଇ ବଙ୍କେଇ କଥା କହୁଥିଲେ
ହେବେ ନାହିଁ କେହି ମିତ
ଲୋ ସଜନୀ ସରିବନି ଚଲାପଥ ..........(୨)

ଅହଲ୍ୟା ନିବାସ, ପୋପରଡ଼ା, ନୂଆବଜାର,
କଟକ- ୭୫୩୦୦୪
ଦୂରଭାଷ - ୯୪୩୭୮୩୪୭୧୯

# ଫୁଲଟିଏ ଫୁଟିବ

**ବିଳାସିନୀ ଦାଶ**



ଫୁଲଟିଏ ଫୁଟିବ ନିଶ୍ଚେ
ଫୁଟିବ ସେ ଫୁଟିବ,
ରୂପ, ରସ, ଗନ୍ଧ ତା'ର
ଚଉଦିଗେ ଛୁଟିବ।
ଫୁଟୁ ସିଏ ଲତାଗୁଳ୍ମେ
ଅବା ମହାଦ୍ରୁମେ,
ସୁଦୃଶ୍ୟ ଉଦ୍ୟାନେ କିମ୍ବା
ନିଘଞ୍ଚ ଅରଣ୍ୟେ।
ସୃଜେ ସିଏ ସମ୍ଭାବନାର
ନୂତନ ଦିଗନ୍ତ,
ଆଗାମୀ ସୃଷ୍ଟିର ବୀଜ
ଗର୍ଭେ ଧରିବାକୁ ସଦା
ବିନୟାବତ।
ତା' ସ୍ନିଗ୍ଧତା, ପବିତ୍ରତା,
ସ୍ରଷ୍ଟାଙ୍କର ସୃଷ୍ଟି ଅନବଦ୍ୟ,
ତା' ପୂର୍ଣ୍ଣତା ସାଜିବାରେ
ଦେବତାର ପ୍ରୀତି ନୈବେଦ୍ୟ।
କବିର ସ୍ୱପ୍ନିଳ ମନେ
ଫୁଟୁଥାଏ କବିତା'ର ଫୁଲ।
ରସୋତୀର୍ଣ୍ଣ କବିତା କଳିରେ
ସେ ଲେଖୁଥାଏ ଜୀବନ ସଂଗୀତ।
କାବ୍ୟଶିଳ୍ପୀ ପିନ୍ଧାଇ ଦିଏ
ଭାବନାକୁ ଭାଷାର ପୋଷକ
ମଧୁସ୍ରାବୀ କବିତା କୁସୁମ
ରସସିକ୍ତ କରୁଥାଏ
କବିପ୍ରାଣ ଅନେକଙ୍କୁ ଅନେକ।

ମଧୁସୂଦନ ନଗର
ଖୋର୍ଦ୍ଧା ମ୍ୟୁନିସିପାଲଟି



# ଭଲରେ ରଖିଛୁ ତ......!

**ଶମ୍ଭୁନାଥ ଦାସ**

ସାଗର ଓ କିଶୋର ଦୁଇବନ୍ଧୁ। ସରକାରୀ ଚାକିରୀ। ପାଖାପାଖି ଦୁଇଟି ଫ୍ଲାଟରେ ସସ୍ତ୍ରୀକ ରହୁଥାନ୍ତି। ପାଖରେ ସେମାନଙ୍କର ପ୍ରାୟ ସତୁରୀ ବର୍ଷ ବୟସ୍କା ମା'। ଉଭୟଙ୍କର ମା' ରୁଗ୍ଣପ୍ରାୟ। ପ୍ରାୟ ସାତବର୍ଷର ବୈବାହିକ ଜୀବନରେ କାହାରି କୋଳକୁ ସନ୍ତାନ ସନ୍ତତି ଆସିନଥିବାରୁ ଉଭୟଙ୍କ ମନରେ ଦୁଃଖ ଅପ୍ରମିତ। ଏଭଳି ଦୁଃଖକୁ ଲାଘବ କରିବା ସକାଶେ ଦୁଇବନ୍ଧୁ ମା'କୁ ଘରେ ଛାଡ଼ି ପ୍ରାୟ ପ୍ରତି ରବିବାର ସସ୍ତ୍ରୀକ ବୁଲାବୁଲି କରିବାକୁ ଯାଇ ସଂଧ୍ୟା ଅବା ରାତିରେ ଫେରନ୍ତି। କେବେ ସିନେମା ଥିଏଟର୍ ତ କେବେ ବଣପାହାଡ଼ର ପ୍ରାକୃତିକ ଦୃଶ୍ୟ, କେବେ ନୌକା ବିହାରତ କେବେ ଝରଣାୟିତ ପର୍ବତର ରମଣୀୟ ଶୋଭାଦର୍ଶନ। ସେଦିନ ସୂର୍ଯ୍ୟାସ୍ତର ଆଗମନ ଦେଖି ସସ୍ତ୍ରୀକ ଦୁଇବନ୍ଧୁ ପର୍ବତରୁ ଓହ୍ଲାଉଥିଲେ। ପ୍ରତିଧ୍ୱନିତ ଓ ଅନୁରଣିତ ବିହଙ୍ଗମ କାକଳିରେ ସେମାନେ ବିଭୋର ହୋଇଯାଉଥିଲେ ତ ଅଧିକନ୍ତୁ ସୂର୍ଯ୍ୟଙ୍କ ଲୋହିତ କିରଣ ବୃକ୍ଷ-ଲତାର ପତ୍ର ପୁଷ୍ପରେ ବିଞ୍ଚିହୋଇ ଯେଉଁ ରକ୍ତାଭ ଓ ସ୍ୱର୍ଣ୍ଣିମ ଦୃଶ୍ୟ ରାଜି ସୃଷ୍ଟି କରୁଥିଲା ସେଥିରେ ତାଙ୍କ ପାଦ କ୍ଷଣ-କ୍ଷଣିକେ ଅଟକି ଯାଉଥିଲା। ଏତିକିବେଳେ ପର୍ବତ ପାଦଦେଶରେ ଥିବା ଏକ ଶିବମନ୍ଦିରରେ ଆଳତିର ଘଣ୍ଟାଧ୍ୱନି ଭକ୍ତିଭାବର ପରିବେଶ ସୃଷ୍ଟି କରୁଥିଲା। କିଶୋର କହିଲା, "ଆସ ବନ୍ଧୁ, ମନ୍ଦିରକୁ ଯିବା!" ସାଗର କହିଲା, "ନାହିଁ ବନ୍ଧୁ, ଡ଼େରିହୋଇଗଲାଣି, ଘରେ ମାଆ ଏକୁଟିଆ ଚାହିଁବସିଥିବ, ଆସ ପଳେଇଯିବା! ପରେ କେବେ ସମୟ ଦେଖି ଆସିବା!" କିଶୋର କହିଲା, "ନା, ଆଜି ଯେତେବେଳେ ଆସିଛି ଭଗବାନଙ୍କୁ ପୂଜା ଆରାଧନା କରିକି ହିଁ ଯିବି।" ସସ୍ତ୍ରୀକ ସାଗର ବନ୍ଧୁ କଥାରେ ରାଜି ନହୋଇ ସେହିଠାରେ ହିଁ ହାତଯୋଡ଼ି ଭଗବାନଙ୍କୁ ପ୍ରଣାମ କରି ତରତର ହୋଇ ଘରକୁ ଫେରିଆସିଲେ ଏବଂ ଘରେ ଚାହିଁ ରହିଥିବା ମା'ଙ୍କର ସେବାଯତ୍ନରେ ଲାଗିଗଲେ।

ସସ୍ତ୍ରୀକ କିଶୋର ବନ୍ଧୁଙ୍କୁ ବିଦ୍ରୂପ କରି ମନ୍ଦିର ଆଡ଼କୁ ମୁହାଁଇଲେ ଏବଂ ଭୋଗରାଗ କିଣି ଆଳତିରେ ଭାଗନେଲେ। ପ୍ରାୟ ଦୁଇଘଣ୍ଟା ଧରି ମହାଦେବଙ୍କୁ ପ୍ରାର୍ଥନା କରି କୋଳକୁ ଏକ ପୁତ୍ର ସନ୍ତାନର ବରଭିକ୍ଷା କରି ଫେରିଲେ। ଫେରିଲାବେଳକୁ ମନ୍ଦିରର ଫାଟକ ପାଖରେ ବସିଥିବା ଦରିଦ୍ର ଓ ବ୍ୟାଧି ଜର୍ଜରିତ ଭିକ୍ଷୁକଙ୍କ ସିଲଭର କଂସା (ରସବାଟି)କୁ ଏକ ଟଙ୍କିଆ ମୁଦ୍ରା ଫିଙ୍ଗି ଠକ୍‌ଠକ୍ ଆବାଜ ସୃଷ୍ଟିକଲେ ଯେପରି ଏହି ଆବାଜ୍ ଶିବ-ଶଙ୍କରଙ୍କ କାନରେ ପଡ଼ିବ ଆଉ ଆଖପାଖ ଲୋକେ ତାଙ୍କର ଦାନୀପଣିଆ ବିଷୟରେ ଜ୍ଞାତ ହେବେ।

ଘରେ ଆସି ପହଞ୍ଚିଲାବେଳକୁ ରାତି ଦଶଟା। ଘରେ ପଶୁ ପଶୁ ପୁଅ (କିଶୋର) ମା'କୁ ଗାଳିଗୁଲଜ କରି କହିଲା, "ଘର ଟିକେ ଖରକି ନାହୁଁ କି ଠାକୁରଙ୍କୁ ଧୂପ-ଦୀପ ଟିକେ ଦେଇନାହୁଁ, ସାରାଦିନ କ'ଣ କରୁଛୁ?" ପୁଅର ଏହିକଥା ପରେ ବୋହୂ ଶାଶୂର ଚୁଟିଧରି ଛାଞ୍ଚୁଣିଟିଏ ଧରେଇ କହିଲା, "ଶୀଘ୍ର ଘର ଖରକ୍, ମଲାମଣିଷ ଭଳି ଶୋଇରହି ଘରଟାକୁ ଅପବିତ୍ର କରିସାରିଲାଣି!" ପୁଅ ଟି.ଭି ଅନ୍ କଲା ତ' ବୋହୂ ବାଥ୍‌ରୁମ୍ ଭିତରକୁ ପଶିଗଲା। ବଜାରରୁ କିଣିଆଣିଥିବା ବିରିୟାନି ପୁଅ-ବୋହୂ ଖାଇଲେ କିନ୍ତୁ ମା' ଦୁଃଖ ଓ ଅଭିମାନରେ ବିସ୍କୁଟ କି ପାଉଁରୁଟି ପର୍ଯ୍ୟନ୍ତ ବି କିଛି ନଖାଇ ଶୋଇଲେ।

ଏହିଭଳି ଦୁଇବନ୍ଧୁଙ୍କର ଜୀବନଶୈଳୀ ଗତି କରୁଥିବାବେଳେ କିଶୋରବାବୁଙ୍କ ପତ୍ନୀର ସାତମାସର ଗର୍ଭସନ୍ତାନ ନଷ୍ଟ ହୋଇଥିଲା। ପରନ୍ତୁ ସାଗରବାବୁଙ୍କ ପତ୍ନୀ କୋଳକୁ ଏକ ସୁନ୍ଦର ପୁତ୍ର-ସନ୍ତାନ ଆସିଥିଲା।

ସାଗର ବହୁତ ଖୁସି ମନରେ ତା' ନବଜାତ ପୁତ୍ରର ଏକୋଇଶିଆ ଉତ୍ସବ ବହୁ ଆଡ଼ମ୍ବରରେ କଲା। ଷୋହଳ ବର୍ଷ ପର୍ଯ୍ୟନ୍ତ ସତ୍ୟ-ନାରାୟଣ ପୂଜା କରିବାକୁ ମାନସିକ କରି ପ୍ରଥମ ପୂଜା ଆରମ୍ଭ କଲା। ସାଧୁ-ସନ୍ଥ, ଆତ୍ମୀୟ-ସ୍ୱଜନ ଓ ସାହିପଡ଼ିଶାଙ୍କୁ ନିମନ୍ତ୍ରଣ କରି ଖିରି-ପୁରି ଇତ୍ୟାଦି ମିଷ୍ଟାନ୍ନ ଭୋଜନରେ ଆପ୍ୟାୟିତ କଲା। ପରିବାରର ସମସ୍ତଙ୍କର ନୂଆ ପୋଷାକ ମଧ୍ୟରେ ସାଗର ତା' ମାଆ ଆଉ ମାଉସୀ (କିଶୋରର ମା') ପାଇଁ ଦୁଇଟି ସୁନ୍ଦର ସାଧା ପାଟଶାଢ଼ୀ ଆଣିଥିଲେ। ନିମନ୍ତ୍ରଣ ପୂର୍ବକ ସସ୍ତ୍ରୀକ କିଶୋର ସେହି ଏକୋଇଶିଆ ଉତ୍ସବରେ ଯୋଗଦାନ କରିଥିଲେ। ସାଗର ଉଦ୍‌ବେଗରେ କହିଲା, 'ବନ୍ଧୁ ମାଉସୀକୁ ସାଥିରେ ଆଣିବାକୁ କହିଥିଲି, ମାଉସୀ କାହାଁନ୍ତି?' କିଶୋର କହିଲା, 'ତା' ଦେହ ଭଲ ନାହିଁ ସେ ଆସିବାକୁ ମନାକଲା।' ଏହାଶୁଣି ସାଗର ମନଦୁଃଖ କରି ଭାବିଲା, ବେଶୀ ଦୂର ତ ନୁହଁ...... ମୁଁ ଯାଏ ମାଉସୀ ପାଖକୁ। ଏହାଭାବି ସେ ମାଉସୀର ଶାଢ଼ୀ ଓ ଅନେକ ପ୍ରକାର ମିଷ୍ଟାନ୍ନ ନେଇ ମାଉସୀ ପାଖକୁ ଗଲା। ପ୍ରଣାମ କରି କହିଲା, ମାଉସୀ କାହିଁକି ଗଲନାହିଁ? ମାଉସୀ କହିଲା, "ପୁଅବୋହୂତ ଗଲେ, ମୋର ଆଣ୍ଠୁ-ଅଣ୍ଟା-କମର ବିନ୍ଧାଛିଟିକା କରୁଛି, ଗଲିନାହିଁ, ପରେ କେତେବେଳେ ତୋ' ପୁଅକୁ ଯାଇ ଦେଖିଆସିବି, ତୋ' ପୁଅର କୋଟି ପରମାୟୁ ହେଉ!" ସାଗର କହିଲା, "ମାଉସୀ ଏ ଶାଢ଼ୀ ତମେ ପିନ୍ଧ, ଆଉ ମିଠା ଖାଅ! ମୁଁ ଯାଉଛି ତେଣେ ପୂଜା ସରିନାହିଁ। ଖିଆପିଆ ଚାଲିଛି...... କାଲି ଆଡ଼କୁ ଆସିବି......!"

ସାଗର ବାବୁଙ୍କ ଘରେ ଆନନ୍ଦ ମୁଖରିତ ଉତ୍ସବ ଧୀରେଧୀରେ ସମାପନ ହେଉଥିଲା। ଅତିଥିଗଣ ଖାଇପିଇ ଆନନ୍ଦରେ ଫେରୁଥିଲେ। ସସ୍ତ୍ରୀକ କିଶୋର ଆନନ୍ଦରେ ଖାଇଥିଲେ ସିନା କିନ୍ତୁ ଦୁଃଖରେ ଫେରୁଥିଲେ। ଘରକୁ ଆସି ମନଦୁଃଖରେ ଶୋଇଲେ। ଦୁହେଁ ଦୁଃଖ ଓ ଅଭିମାନରେ ଯେପରି

ଭଗବାନଙ୍କୁ କହୁଥିଲେ, "କାହିଁକି ପ୍ରଭୁ ଆମ କୋଳକୁ ଗୋଟିଏ ସନ୍ତାନ.....!" ନିଦଲାଗିଯାଇଛି ତ ଦୁହେଁ ଚାଲିଯାଇଛନ୍ତି ସେହି ମନ୍ଦିରକୁ। ମନ୍ଦିର ମହନ୍ତ କହିଲେ, "ଭଗବାନଙ୍କୁ ପ୍ରାର୍ଥନା କଲେ ବର ମିଳିପାରେ, କିନ୍ତୁ ସେହି ବର ଫଳପ୍ରଦ ହୁଏ ଦୀନ-ଦରିଦ୍ର ଓ ପିତାମାତାଙ୍କର ସେବା ଶୁଶ୍ରୁଷା କରୁଥିବା ଲୋକଙ୍କର।" ତୁମେ ପିତାମାତାଙ୍କର ସେବା କରୁନାହଁ, ଦେଖ ତୁମ ପିତା ଏହି ମନ୍ଦିର ପଛପଟେ ରହୁଛନ୍ତି.......। ଏତିକିବେଳେ କିଶୋରର ବାପା ମନ୍ଦିରର ଏକ ପାର୍ଶ୍ୱରୁ ବାହାରିଆସି କହିଲେ, ହଁ ମୁଁ ଏହିଠାରେ ରହି ସବୁ ଦେଖୁଛି, ତୋ' ମା'କୁ କାଲିଠାରୁ ଜ୍ୱର। ସେ ବୋହୂ ମା'କୁ କହିଲା ଔଷଧ ଦେବାକୁ....... , ତୋ' ପାଖକୁ ଫୋନ କରିବାକୁ, ସେ କିନ୍ତୁ ମୁହଁ ମୋଡ଼ିଦେଲା, ଆଉ ତୁ ଅଫିସରୁ ଆସି ସ୍ତ୍ରୀକୁ ଧରି ସିଧା ଚାଲିଗଲୁ ବନ୍ଧୁପୁତ୍ରର ଏକୋଇଶିଆ ଉତ୍ସବକୁ। ଦଶମାସ ଦଶଦିନ ଗର୍ଭରେ ରଖି ପେଟଚିରି ଯେଉଁ ମା' ତୋତେ ଜନ୍ମଦେଇଥିଲା........ ତୋ ଦେହର ଧୂଳିକୁ ଯେଉଁ ମା' ପଣତ କାନିରେ ପୋଛି ପକାଉଥିଲା...... ଯେଉଁ ମା' ତା' ଛାତିରୁ ଅମୃତ ନିଗାଡ଼ି ତୋତେ ବଡ଼ କରିଥିଲା....... ସେହି ଜନ୍ମଦାତ୍ରୀ ମା'କୁ ତୁ ଭଲରେ ରଖିଛୁ ତ........, ଭଲରେ ରଖିଛୁ ତ......!! ମନ୍ଦିର ବେଢ଼ା ପ୍ରତିଧ୍ୱନିତ ହେଉଥିଲା 'ଭଲରେ ରଖିଛୁ ତ' ଶବ୍ଦରେ। ଏହି ପ୍ରତିଧ୍ୱନିରେ କିଶୋରର ମୁଣ୍ଡ ଚକ୍କର ଖାଉଥିଲା......।' ଏତିକିବେଳେ କାନ୍ଥରେ ବାପାଙ୍କ ଫଟୋରେ ଦିଆଯାଇଥିବା ପ୍ଲାଷ୍ଟିକ୍ ଫୁଲହାରଟି କିଶୋର ଛାତିରେ ଦୂର୍‌କରି ପଡ଼ିବାରୁ କିଶୋରର ନିଦ ହଠାତ୍ ଭାଙ୍ଗିଗଲା। କାନ୍ଥ ଘଡ଼ିକୁ ଅନାଇଲାବେଳକୁ ଭୋର୍ ଛ'। ପତ୍ନୀ ଭୋର୍ ଛ'ଟା ଆଗରୁ ଉଠିଯାଆନ୍ତି ବାଥ୍‌ରୁମ୍‌କୁ। 'ବେଡ୍ ଟି' ଶବ୍ଦରେ କିଶୋର ବାବୁ ଉଠନ୍ତି ସକାଳ ସାତଟାରେ। ଆଜି କିନ୍ତୁ ନିଦ ଭାଙ୍ଗିଯାଇଛି ଘଣ୍ଟାଏ ଆଗରୁ 'ଭଲରେ ରଖିଛୁ ତ' ଶବ୍ଦରେ। ଛାତିରୁ ପ୍ଲାଷ୍ଟିକ ଫୁଲ ହାରଟିକୁ ତକିଆ ଆଡ଼କୁ ଆଡ଼େଇଦେଇ କିଶୋର ଧାଇଁଗଲା ମା' ଶୋଇଥିବା କୋଠରିକୁ; ସତେ ଯେପରି ପୁତ୍ର (ଅଜାତଶତ୍ରୁ) ଆଜି ପାଇଛି ପିତୃତ୍ୱ (ବିମ୍ବିସାର)ର ସନ୍ଧାନ......! ଦେଖିଲେ ବିଛଣାରେ ଥୁଆ ହୋଇଛି ଏକ ସୁନ୍ଦର ଧଳା ନୂଆ ପାଟଶାଢ଼ୀ, ଆଉ ମିଠେଇ ପ୍ୟାକେଟ୍। ମା' ମା' ଡ଼ାକି କିଶୋର ହଲାଇଦେଲା ମା'କୁ। କିନ୍ତୁ ମା' ଆଉ ନାହିଁ। ନିର୍ଜୀବ ଶରୀର ଉପରେ ମା' ମା' ଚିତ୍କାର କରି ମୁଣ୍ଡ ପିଟୁଥିଲେ କିଶୋର ବାବୁ। ପ୍ରତିଧ୍ୱନିତ ହେଉଥିଲା 'ମା'କୁ ଭଲରେ ରଖିଛୁ ତ........, ଆ ଜହ୍ନମାମୁଁ ଶରଗଶଶୀ...... ମୋ ବାବୁ ହାତରେ ପଡ଼ରେ ଖସି.......! ଚିତ୍କାର ଶୁଣି ପତ୍ନୀ ବାଥ୍‌ରୁମ୍‌ରୁ ତରତର ହୋଇ ବାହାରି ଆସିଲେ ଓ ଏମନ୍ତ ଦୃଶ୍ୟ ଦେଖି ଆବାକ୍ ହୋଇଗଲେ। ହଠାତ୍ ପରିବେଶ ଶୋକାତୁର ପାଲଟିଯାଉଥିଲା.......!'

**ମୁଖ୍ୟ ସଂପାଦକ: 'ଅଭିଯାନ'୧୭୫-ଏ/୧**
**ବିଶ୍ୱଲକ୍ଷ୍ମୀ ତାଲା ରୋଡ୍, କୋଲକାତା- ୭୦୦୦୬୦**
**ଦୂରଭାଷ - ୦୯୦୩୮୩୯୭୧୩୫**

# ପାଥେୟ


*ଡ. ପ୍ରଫୁଲ୍ଲ କୁମାର ସାମନ୍ତରାୟ*



ବିଲ୍‌ଗେଟ୍ ଲକ୍ଷ୍ମୀଙ୍କୁ ପୂଜା ନ କରି
ପୃଥିବୀର ଶ୍ରେଷ୍ଠ ଧନୀ,
ଆଇନ୍ ଷ୍ଟାଇନ୍ ସରସ୍ୱତୀ ଧ୍ୟାନ
ନ କରି ଜ୍ଞାନୀ ବିଜ୍ଞାନୀ ।
ଭାଗ୍ୟର ଉପରେ ବିଶ୍ୱାସ ନ କରି
କର୍ମ ବିଶ୍ୱାସର ବଳ,
ଈଶ୍ୱର ଦୃଢ଼ ବିଶ୍ୱାସ ରଖିଲେ ବି
ନହୁଅ ନିର୍ଭରଶୀଳ ।
ଓଁ ଅଟେ ଶ୍ରେଷ୍ଠ ଶବ୍ଦ ସଂସାରରେ
ଆମରି ପରିବାରରେ,
ଶ୍ରେଷ୍ଠ ସମୟ ନଥାଏ ବୟସରେ
ଥାଏ ସାହସିକତାରେ ।
ଶ୍ରେଷ୍ଠ କୃତିତ୍ୱ ଥାଏ ହସରେ
ଉଲ୍ଲସିତ ବଦନରେ,
ଶ୍ରେଷ୍ଠ ଦାୟିକତା ପ୍ରାପ୍ତ ହୋଇଥାଏ
ହୃଦୟ ବୁଝାମଣାରେ ।
ବିପଦର ବନ୍ଧୁ ଶ୍ରେଷ୍ଠ ବନ୍ଧୁ ଅଟେ
ଜୀବନ ଯାତ୍ରା ପଥରେ,
ଆଜିର ଦିନଟି ଶ୍ରେଷ୍ଠଦିନ ଅଟେ
ସଫଳତା ପାଇବାରେ ।
ଜୀବନ ପଥର ଝରାଫୁଲ ପରି
ଦଶଗୋଟି ସାରତତ୍ତ୍ୱ,
ଆଚରଣେ ସାର୍ଥକ ହୋଇଥାଏ
ବର୍ତ୍ତମାନ, ଭବିଷ୍ୟତ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଖୋରଧା
ଦୂରଭାଷ: ୯୪୩୭୧୩୩୪୬୪

# ଠିକ୍ କହିବା-ଠିକ୍ ଲେଖିବା



ତ୍ରିଲୋଚନ ମହାପାତ୍ର

| ଅଶୁଦ୍ଧ | ଶୁଦ୍ଧ |
|---|---|
| ଇଶ୍ୱର | ଈଶ୍ୱର |
| ଇର୍ଷା | ଈର୍ଷା |
| ଉତାପ | ଉତ୍ତାପ |
| ଉଣା | ଊଣା |
| କୁପ / କୁଅ | କୂପ / କୂଅ |
| କୃତିବାସ | କୃତ୍ତିବାସ |
| କମ୍ଭୁ | କମ୍ବୁ |
| କ୍ରିଡ଼ା | କ୍ରୀଡ଼ା |
| ଘୁରିବା | ଘୂରିବା |
| ଚୁର୍ଣ୍ଣ | ଚୂର୍ଣ୍ଣ |
| ତତ୍ୱ | ତତ୍ତ୍ୱ |
| ଦୁର୍ଦ୍ଧଶା | ଦୁର୍ଦଶା |
| ଦ୍ୱନ୍ଦ | ଦ୍ୱନ୍ଦ୍ୱ |
| ନିଳ | ନୀଳ |
| ନିର୍ଦେଶ | ନିର୍ଦ୍ଦେଶ |
| ପିଡ଼ା | ପୀଡ଼ା |
| ପୁର୍ଣ୍ଣ | ପୂର୍ଣ୍ଣ |
| ବାଣି | ବାଣୀ |
| ବର୍ହି ବିଭାଗ | ବହିର୍ବିଭାଗ |
| ସ୍ତମ୍ଭ | ସ୍ତମ୍ଭ |

ଭାରତୀ ବିହାର, ଜଟଣୀ
\ èbÛn :9938994822

# ବାଟୁଳିଖଡ଼ା



ଡକ୍ଟର ବସନ୍ତ କିଶୋର ସାହୁ

ବାଟୁଳି ନାହିଁ ଖଡାବି ନାହିଁ ଆଜି ଦିନରେ ଆଉ,
କେବଳ ଆମେ ତାହାରି ଗୁଣ ପାଟିରେ ଘୋଷୁଥାଉ ।
ମନେ ପଡୁଛି ପିଲାଦିନରେ ବାଟୁଳି ଖଡା ଧରି,
ସକାଳୁ ସଞ୍ଜ ତୋଟା ଗହଳେ ବୁଲୁଥିଲି ମୁଁ ଘୂରି ॥

ବାଟୁଳି ମାରି ପାରା ଚଢ଼େଇ ଉଡ଼ାଉଥିଲି କେତେ,
ଲୁଚିଲୁଚିକା ଗୋଡ଼ାଉ ଥିଲି ମାଙ୍କଡ଼ ପଲ ଯେତେ ।
କେବେକେବେ ବି ଏଇ ହାତରେ ଚଢ଼େଇଟିଏ ମାରି,
ଗାଳି ଓ ମାଡ଼ ଖାଇଛି କେତେ ସେଇ କଥାକୁ ଧରି ॥

ତେନ୍ତୁଳି ଆମ୍ବ ବାଟୁଳି ମାରି ଦେଉଥିଲି ବି ପାରି,
ସାଙ୍ଗ ମେଳରେ ଶିକାରୀ ବୋଲି ଖାତିରି ଥିଲା ଭାରି ।
ଦୁଷ୍ଟାମି ଯେତେ କରିଛି ମୁହିଁ ହିସାବ ତାର ନାହିଁ,
ବୟସ ଭାରେ ସେ ସବୁ କଥା ସ୍ମୃତିରେ ଅଛି ରହି ॥

କୁସୁପୁର-୭୫୪୨୦୫, ଭାୟା-ବାଲିଚନ୍ଦ୍ରପୁର, ଜି-କଟକ
**ଦୂରଭାଷ :** ୯୪୩୭୫୨୬୨୦୧

**୨୩ ପୃଷ୍ଠାର ସୁ-ଡୋକୁ ପ୍ରଶ୍ନର ଉତ୍ତର**

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 7 | 3 | 9 | 2 | 5 | 6 |
| 9 | 7 | 5 | 2 | 4 | 6 | 8 | 3 | 1 |
| 2 | 3 | 6 | 1 | 5 | 8 | 4 | 7 | 9 |
| 1 | 9 | 3 | 4 | 7 | 5 | 6 | 8 | 2 |
| 6 | 5 | 4 | 9 | 8 | 2 | 3 | 1 | 7 |
| 7 | 8 | 2 | 6 | 1 | 3 | 5 | 9 | 4 |
| 8 | 4 | 9 | 3 | 6 | 1 | 7 | 2 | 5 |
| 5 | 6 | 1 | 8 | 2 | 7 | 9 | 4 | 3 |
| 3 | 2 | 7 | 5 | 9 | 4 | 1 | 6 | 8 |

# ଆହାର ରୂପୀ ପ୍ରହାର



ପଦ୍ମନାଭ ସ୍ୱାଇଁ

ଆହାର ଆହାର ସର୍ବତ୍ର ପଡୁଛି ହୁରି,
ସ୍ୱାଭିମାନ ହରାଇ ସବୁ ହେବେ ଭିକାରୀ।
ଅନେକ ସ୍ଥାନରେ ଭାଇ ମିଳୁଛି ଆହାର,
ବୁଦ୍ଧିଜିବୀ ଜାଣନ୍ତି କେତେ ଲାଭ କାହାର ?
ଟଙ୍କାକିଆ ଚଉଳରେ ପେଟ ପୂରିଲାନି,
ତେଣୁ ଏ ସରକାର ରନ୍ଧା ଖାଦ୍ୟ ଦେଲେଣି।
ଶସ୍ତାରେ ଖାଇ ଲୋକେ ଅଳସୁଆ ହେଲେଣି,
ଚାଷ ନହୋଇ ଜମି ପଡ଼ିଆ ରହିଲାଣି।
ଦିନେ ଯେ ନମିଳିବ ଶ୍ରମିକ ମଜୁରିଆ,
ଜାଣିବା 'ଆହାର' ଯୋଜନା କେତେ ବଢ଼ିଆ।
ଚାଷବାସ ନହୋଇ ଜମି ରହିବ ପଡ଼ି,
ନଥିବ କେବେ ଭୟ ବନ୍ୟା,ବାତ୍ୟା,ମରୁଡ଼ି।
ପିଇବାକୁ ଲୋକଙ୍କୁ ନମିଳେ ଶୁଦ୍ଧ ପାଣି,
ପାନୀୟ ନିଗମ ତେଣେ ମଦ ବନ୍ୟା କଲାଣି।
ସରକାରୀ ଆହାର ନାହିଁ ବାଛ ବିଚାର,
ଧନୀଗରିବ ଖାଆନ୍ତି ତାହା ସଭିଙ୍କର।
ମାଲିକ ଖାଏ ସେଇଠି ଖାଏ ମଜୁରିଆ,
ଗରିବ ଫେରନ୍ତି ଭୋକରେ ହୋଇ ଛାନିଆଁ।
ଆହାର କେନ୍ଦ୍ର ଦର୍ଶାଏ ଆମର ପ୍ରଗତି,
ଏହା ଆମପାଇଁ ଭାଇ ନଆଣୁ ଦୁର୍ଗତି।
'ଆହାର' ଶବ୍ଦଟି ଲାଗେ କେଡ଼େ ସୁମଧୁର,
'ସ୍ୱାଭିମାନ'ରେ ଏହା କରେ ଶକ୍ତ ପ୍ରହାର।

ସଂପାଦକ,ଶ୍ରୁତିସୌରଭ
ଏଫ୍-୨୨,ସେକ୍ଟର-୧୮
ରାଉରକେଲା-୦୩
ଚଳଭାଷ-୯୮୬୧୩୩୫୩୨୧

# ଧନ୍ୟ ତୁ ମୟୂର

ଗୋବିନ୍ଦ ଚନ୍ଦ୍ର ମହାରଣା



ମୟୂର ପରି ସୁନ୍ଦର ପକ୍ଷୀ
ଅଛି ବା ଆଉ କାହିଁ
ରଙ୍ଗ ବେରଙ୍ଗ ଚନ୍ଦ୍ରିକା ତାର
ଚିତ୍ତକୁ ନିଏ ମୋହି।
ସୁନୀଳ କଣ୍ଠ ନୀଳ ନୟନ
ଆହାକି ମନଲୋଭା
ଶିରରେ ଚୂଳ କେଡେ ମଞ୍ଜୁଳ
ଦିଶଇ ଅତି ଶୋଭା।
ମେଘ ଦେଖିଲେ ଖୁସି ହୋଇ
ପାରିବ କିଏ କଳି
ପୁଚ୍ଛ ମେଲାଇ ଦେହ ଫୁଲାଇ
ନାଚଇ ଢଳି ଢଳି।
ବଡ ସାହାସୀ ବୀରତ୍ୱ ଠାଣି
ସ୍ୱାଭିମାନରେ ଭରା
ସେ ପାଇଁ ପ୍ରଭୁ କାର୍ତ୍ତିକ ତାକୁ
ବାହନ କଲେ ପରା।
କୃଷ୍ଣଙ୍କ ଶିରେ ମୟୂର ପୁଚ୍ଛ
ଦିଶେକି ମନୋହର
ଆମ ଦେଶର ଜାତୀୟ ପକ୍ଷୀ
ଧନ୍ୟରେ ତୁ ମୟୂର।
ସୁନ୍ଦର ରୂପ ଉତ୍ତମ ଗୁଣ
ଅଛି ମୟୂର ଠାରେ
ସେଥିପାଇଁ ସେ ସବୁରି ପ୍ରିୟ
ହୋଇଛି ଏ ସଂସାରେ।
ମୟୂରଟିକୁ ଭଲ ପାଇବା
ସୁରକ୍ଷା ତାକୁ ଦେବା
ଯେତେକ ଭଲ ଗୁଣ ତାହାର
ଆମେରେ ଶିଖିନେବା।

ମଙ୍ଗଳା ନଗର, ଲେନ-୧, ଖୋର୍ଦ୍ଧା
ମୋ-୯୪୩୮୭୩୪୬୪୪



# ଦାନ୍ତ



ଡା: ଧନେଶ୍ୱର ସାହୁ

**ଏହା କ'ଣ ?**

ପାଟିର ମାଢ଼ିରେ ଥିବା କଠିନ କ୍ୟାଲସିଫାଏଡ଼ ଜିନିଷକୁ ଦାନ୍ତ କୁହାଯାଏ।

**ଦାନ୍ତର ସୃଷ୍ଟି:-**

ଦାନ୍ତ ଜର୍ମରୁ ଦାନ୍ତର ସୃଷ୍ଟି। ଦାନ୍ତଜର୍ମ କେତେଗୁଡ଼ିଏ କୋଷର ଏକତ୍ରିକରଣରୁ ତିଆରି। ଏହି କୋଷଗୁଡ଼ିକ ପ୍ରଥମ ଫାରିଂଜିଆଲ ଅର୍ଚରେ ଏକ୍ଟୋଡ଼ର୍ମ ଓ ନ୍ୟୁରାଲକ୍ରେଷ୍ଟର ଏକ୍ଟୋସିଜେନକାଇମରୁ ଆସିଛି।

**ଦାନ୍ତର ଗଠନ:-**

ଦାନ୍ତର ବିଭିନ୍ନ ଅଂଶ ଅଛି।

୦ କ୍ରାଉନ୍:- ଏହା ଦାନ୍ତର ଉପରିଭାଗ। ଏହା ଦାନ୍ତର କାମୁଡ଼ିବା ଅଂଶ।

୦ ରୁଟ:- ଏହା ମାଢ଼ିର ହାଡ଼ ଭିତରେ ଥାଏ। ଏହା ଦାନ୍ତର ୨/୩ ଅଂଶ। ଏହା ଦାନ୍ତକୁ ଧରିରଖେ।

୦ ନେକ:- କ୍ରାଉନ ଓ ରୁଟର ମଝିଅଂଶ।

୦ ଗମଲାଇନ:- ଦାନ୍ତ ଓ ଗମ୍ ଯେଉଁଠାରେ ମିଶନ୍ତି।

୦ ଏନାମେଲ:- ଏହା ଦାନ୍ତର ବାହାର ସ୍ତର। ଏହା କଠିନତମ ମିନେରାଲପୂର୍ଣ୍ଣ ତନ୍ତୁରେ ତିଆରି।

୦ ଡ଼େଣ୍ଟିମ:- ଏନାମେଲ ତଳେ ଥିବା ସ୍ତର।

୦ ପଲ୍ପ:- ଦାନ୍ତ ମଝିରେ ଥିବା କଅଁଳ ଜିନିଷ। ଏଥିରେ ସ୍ନାୟୁ, ରକ୍ତନାଳୀ, ଲସିକାନଳୀ ଥାଏ।

୦ ସିମେଣ୍ଟମ:- ଏହା ଏକପ୍ରକାର କନେକ୍ଟିଭ ତନ୍ତୁ ଯିଏ ଦାନ୍ତକୁ ମାଢ଼ି ଓ ଗମ ସହ ଜୋରରେ ଜାବୁଡ଼ି ଧରେ।

**ଦାନ୍ତ କେତେପ୍ରକାରର ?**

ଦାନ୍ତ ଦୁଇପ୍ରକାରର।

**୧. ପ୍ରାଇମେରୀ ଦାନ୍ତ:-**

୦ ଏହାକୁ ଡ଼େସିଡ୍ୟୁଅସ ଦାନ୍ତ କିମ୍ବା ବେବିଦାନ୍ତ କିମ୍ବା ଟେମ୍ପୋରାଲି ଦାନ୍ତ କିମ୍ବା କ୍ଷୀର ଦାନ୍ତ କୁହାଯାଏ।

୦ ସମୁଦାୟ ପ୍ରାଇମେରି ଦାନ୍ତ ୨୦ଟି ଉପର ତଳ ମିଶି।

| | | |
|---|---|---|
| ସେଣ୍ଟ୍ରାଲ ଇନସିଜର | - | ୪ |
| ଲାଟରାଲ ଇନସିଜର | - | ୪ |
| କାନାଇନ | - | ୪ |
| ୧ମ ମୋଲାର | - | ୪ |
| ୨ୟ ମୋଲାର | - | ୪ |

୦ ପ୍ରାଇମେରି ଦାନ୍ତରେ କ୍ରାଉନ ଛୋଟ। ଏନାମେଲ ଓ ଡ଼େଣ୍ଟିନ ପତଳା, ଦାନ୍ତ ମୂଳ ଲମ୍ବା ଓ ସରୁ।

୦ ପିଲାର ପ୍ରଥମେ ତଳ ଦୁଇଟି ସେଣ୍ଟ୍ରାଲ ଇନସିଜର ଉଠେ।

**୨. ସେକେଣ୍ଡାରୀ ଦାନ୍ତ:-**

୦ ଏହାକୁ ପରମାନେଣ୍ଟ ଦାନ୍ତ କିମ୍ବା ଆଡ଼ଲଟ କୁହାଯାଏ।

୦ ସମୁଦାୟ ସେକେଣ୍ଡାରି ଦାନ୍ତ ୩୨ ଉପରତଳ ମିଶି।

| | | |
|---|---|---|
| ସେଣ୍ଟ୍ରାଲ ଇନସିଜର | - | ୪ |
| ଲାଟରାଲ ଇନସିଜର | - | ୪ |
| କାନାଇନ | - | ୪ |
| ପ୍ରିମୋଲାର | - | ୮ |
| ମୋଲାର | - | ୧୨ |

୦ ଏହା ଟେମ୍ପୋରାରି ଦାନ୍ତକୁ ରିପ୍ଲେସ କରେ।

**ଦାନ୍ତରେ କେତୋଟି ମୂଳ ଥାଏ ?**

ଏହା ବିଭିନ୍ନ ଦାନ୍ତ ଅନୁସାରେ ଅଲଗା। ଇନସିଜର, କାନାଇନ ଓ ଉପର ପ୍ରଥମ ପ୍ରିମୋଲାର ଛଡ଼ା ସମସ୍ତ ପ୍ରିମୋଲାରର ଗୋଟିଏ ମୂଳ ଥାଏ। ଉପର ୧ମ ପ୍ରିମୋଲାର ଓ ତଳ ମୋଲାରମାନଙ୍କର ୨ଟି ମୂଳ ଥାଏ। ଉପର ମୋଲାରଗୁଡ଼ିକର ୩ଟି ମୂଳଥାଏ।

**ପ୍ରାଇମେରି ଦାନ୍ତ ଉଠିବା ଓ ଖସି ପଡ଼ିବା ସମୟ:**

| ଉପର | ଉଠିବା | ଖସିପଡ଼ିବା ବା ଝଡ଼ିବା |
|---|---|---|
| ସେଣ୍ଟ୍ରାଲଇନସିଜର | ୭-୧୨ ମାସ | ୬-୮ ବର୍ଷ |
| ଲାଟରାଲଇନସିଜର | ୯-୧୩ ମାସ | ୬-୮ ବର୍ଷ |
| କାନାଇନ | ୧୬-୨୨ ମାସ | ୧୦-୧୨ ବର୍ଷ |
| ୧ମ ମୋଲାର | ୧୩-୧୯ ମାସ | ୯-୧୧ ବର୍ଷ |
| ୨ୟ ମୋଲାର | ୨୫-୩୩ ମାସ | ୧୦-୧୨ ବର୍ଷ |
| ତଳ | | |
| ସେଣ୍ଟ୍ରାଲଇନସିଜର | ୬-୧୦ ମାସ | ୬-୮ ବର୍ଷ |
| ଲାଟରାଲଇନସିଜର | ୭-୧୬ ମାସ | ୭-୮ ବର୍ଷ |
| କାନାଇନ | ୧୬-୨୩ ମାସ | ୯-୧୨ବର୍ଷ |
| ୧ମ ମୋଲାର | ୧୩-୧୯ ମାସ | ୯-୧୧ ବର୍ଷ |
| ୨ୟ ମୋଲାର | ୨୦-୩୧ ମାସ | ୧୦-୧୨ ବର୍ଷ |

ସେକେଣ୍ଡାରି ଦାନ୍ତ ଉଠିବା ସମୟ:

| | | |
|---|---|---|
| ସେଣ୍ଟ୍ରାଲ | ଲାଟରାଲ କାନାଇନ ୧ମ | ୨ୟ |
| ୧ମ | ୨ୟ | ୩ୟ |
| ଇନସିଜର | ଇନସିଜର | ପ୍ରିମୋଲାର |
| ପ୍ରିମୋଲାର | ପ୍ରିମୋଲାରପ୍ରିମୋଲାର | ପ୍ରିମୋଲାର |

**ଦାନ୍ତର କାମ:**

୦ ଇନସିଜର ଦାନ୍ତ ଖାଦ୍ୟ କାଟିବାରେ ସାହାଯ୍ୟ କରେ।

୦ କାନାଇନ ଦାନ୍ତ ଖାଦ୍ୟ ଛିଣ୍ଡାଇବାରେ ସାହାଯ୍ୟ କରେ ଓ ଖାଦ୍ୟ ଧରି ରଖିବାରେ ସାହାଯ୍ୟ କରେ।

○ ପ୍ରିମୋଲାର ଦାନ୍ତ ଖାଦ୍ୟ ଛିଣ୍ଡାଏ ଓ ଚୂର୍ଣ୍ଣ କରେ ବା ପେଷଣ କରେ।

**ଦାନ୍ତର ରୋଗ:**

○ କ୍ୟାରିଜ ବା ପୋକଖିଆ - ଜୀବାଣୁ ଏନେମେଲ ଓ ଗଭୀର ଜିନିଷ ନଷ୍ଟକରେ।

○ ପେରିଓଡ଼ୋଣ୍ଟାଇଟିସ - ଗଭୀର ଜିନିଷର ଇନଫ୍ଲାମେସନ (ପେରିଓଡ଼ୋଣ୍ଟାଲ ଲିଗାମେଣ୍ଟ, ମାଢ଼ି ହାଡ଼, ସିମେଣ୍ଟର୍ମ)

○ ଜିଂଜିଭାଇଟିସ - ଗମ ସରଫେସ ଇନଫ୍ଲାମେସନ

○ ପ୍ଲେକ - ଅଠାଳିଆ, ରଙ୍ଗହୀନ ଜିନିଷ। ଏହା ଜୀବାଣୁ ଓ ଜୀବାଣୁ ସିକ୍ରେସନ କରୁଥିବା ଜିନିଷ।

○ ଟାରଟାର - ଯଦି ପ୍ଲେକ ବାହାର କରାନଯାଏ ତେବେ ଏହା ମିନରାଲ ସାଥିରେ ମିଶି ଟାରଟାର ତିଆରି କରେ।

○ ଓଭରବାଇଟ - ଉପର ଦାନ୍ତ ତଳଦାନ୍ତ ଉପରେ ବାହାରକୁ ବାହାରିଥାଏ।

○ ଅଣ୍ଡରବାଇଟ - ତଳଦାନ୍ତ ଉପର ଦାନ୍ତଠାରୁ ବାହାରକୁ ବାହାରିଥାଏ।

○ ଦାନ୍ତ ଚୋବାଇବା - ଏହା ସାଧାରଣତଃ ରାତିରେ ଶୋଇବା ସମୟରେ ହୁଏ। ଷ୍ଟ୍ରେସ୍, ଉତ୍କଣ୍ଠା, ନିଦ୍ରା ବିଶୃଙ୍ଖଳା ହେଲେ ଏହା ହୁଏ।

○ ଦାନ୍ତ ସେନ୍‌ସିଟିଭିଟି - ଯେତେବେଳେ ଗୋଟିଏ କିମ୍ବା ଅଧିକ ଦାନ୍ତ ଗରମ କିମ୍ବା ଥଣ୍ଡାକୁ ସେନ୍‌ସିଟିଭ ହୁଏ। ଡେଣ୍ଟିନ ଏକ୍‌ପୋଜ ହେଲେ ଏହା ହୁଏ।

○ କନଜେନିଟାଲ ଦାନ୍ତ ରୋଗ

**ଦାନ୍ତ ରୋଗର ସଂକେତ ଓ ଲକ୍ଷଣ:**

ରୋଗ ଅନୁସାରେ ଭିନ୍ନ ଭିନ୍ନ।

○ ଦାନ୍ତ ବିନ୍ଧା
○ ସେନସିଟିଭ ଦାନ୍ତ
○ ଦାନ୍ତରୁ ରକ୍ତ ବାହାରିବା
○ ପାଟି ଘା
○ ପାଟିରୁ ଦୁର୍ଗନ୍ଧ ବାହାରିବା
○ ମାଢ଼ିରେ କଷ୍ଟହେବା
○ ପାଟି ଶୁଖିବା
○ ଓରାଲ ପିଅରସିଙ୍ଗ ଇନଫେକସନ
○ ଫାଟିବା କିମ୍ବା ଦାନ୍ତ ଭାଙ୍ଗିବା
○ ଦାନ୍ତର ରଙ୍ଗ ପରିବର୍ତ୍ତନ ହେବା
○ ମାଢ଼ି ଲାଲ ଓ ଫୁଲିବା
○ ହୁଗୁଳା ଦାନ୍ତ
○ ଚୋବେଇଲେ କଷ୍ଟ ହେବା
○ ଦାନ୍ତରେ କଣା ଦେଖାଯିବା
○ ଦାନ୍ତ ଚାରିପଟେ ପୁଜ ଦେଖାଯିବା

**ଦାନ୍ତ ରୋଗର ନିଦାନ:**

○ ସଙ୍କେତ ଓ ଲକ୍ଷଣ ଦେଖି।
○ ଦାନ୍ତ ଏକ୍‌ସରେ କରି।

**ଦାନ୍ତ ରୋଗର ଚିକିତ୍ସା:**

○ ସବୁଦିନ ଦାନ୍ତ ଘଷିବା

○ ଦାନ୍ତ ଫ୍ଲସିଙ୍ଗ କରିବା - ଫ୍ଲସ କିମ୍ବା ଦାନ୍ତ ଗମ କ୍ଲିନର ବ୍ୟବହାର କରି ଗମଲାଇନ ତଳ ଦାନ୍ତ ସଫା କରିହୁଏ ଯେଉଁଠାରେ ବ୍ରସିଙ୍ଗ କରିହୁଏ ନାହିଁ।

○ ଦାନ୍ତ ରିଂଜ କରିବା - ଗୋଟିଏ ଆଣ୍ଟିସେପ୍ଟିସ ପାଟି ସଫା ବ୍ୟବହାର କଲେ ଜୀବାଣୁ ମରିଯାନ୍ତି।

○ ଦାନ୍ତ ସଫା କରିବା - ୬ ମାସରେ ଥରେଦାନ୍ତ ଡ଼ାକ୍ତରଙ୍କ ପାଖରେ ଦାନ୍ତ ସଫା କରିବା ଉଚିତ। ଏହା ଦାନ୍ତ ଓ ଗମ ରୋଗ ପକ୍ଷତିଶେଧ କରେ।

○ ଦାନ୍ତ ଫିଲିଙ୍ଗ କରିବା
○ ରୁଟ କେନାଲ ଚିକିତ୍ସା
○ ଦାନ୍ତ ଉପାଡ଼ିବା
○ ବ୍ରେସେସ
○ ମାଉଥ ଗାର୍ଡ଼

○ ଡେଣ୍ଟାଲ ସିଲାଣ୍ଟସ - ଏକ ପ୍ଲାଷ୍ଟିକ ସିଲାଣ୍ଟ ଦାନ୍ତରେ ଆପ୍ଲାଏ କରାଯାଏ। ଏହାଦ୍ୱାରା ଦାନ୍ତରେ ଜୀବାଣୁ ଲୁଚି ରହିପାରନ୍ତି ନାହିଁ। ଦାନ୍ତ ପୋକ ଖାଇବାରୁ ରକ୍ଷାକରେ।

○ ଦାନ୍ତ ଧଳା କରିବା
○ କୃତ୍ରିମ ଦାନ୍ତ ଲଗେଇବା

କୌଣସି ଲୋକର ଦାନ୍ତ ବିନ୍ଧା ହେଲେ, ଦାନ୍ତରେ ଥଣ୍ଡା ଗରମ ବାଜିଲେ କଷ୍ଟ ହେଲେ, ଦାନ୍ତରୁ ରକ୍ତ ବୋହିଲେ, ଦାନ୍ତମୂଳେ ପୂଜ ହେଲେ, ଦାନ୍ତ ହୁଗୁଳା ହେଲେ, ପାଟିରୁ ଦୁର୍ଗନ୍ଧ ବାହାରିଲେ, ମାଢ଼ି ବିନ୍ଧାହେଲେ, ଚୋବେଇଲେ କଷ୍ଟହେଲେ, ପାଟି ଶୁଖିଲେ, ଦାନ୍ତରେ କଣାହେଲେ, ଦାନ୍ତ ରଙ୍ଗ ବଦଳିଲେ, ଦାନ୍ତ ଫାଟିଲେ କିମ୍ବା ଭାଙ୍ଗିଗଲେ ଅବହେଳା ନକରି ଦାନ୍ତ ଡ଼ାକ୍ତରଙ୍କ ପରାମର୍ଶ କରିବା ଉଚିତ। ନହେଲେ ଅସୁବିଧାରେ ପଡ଼ିପାରନ୍ତି।

**ଏମ୍.ବି.ବି.ଏସ୍.ଏମ୍.ଏସ୍**
**ପୂର୍ବତନ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ, ଖୋର୍ଦ୍ଧା**

# ଯୁଦ୍ଧ, ପ୍ରଥମ ଲୋକ, ମଝିରେ ସମସ୍ତେ ଓ ଶେଷ ଲୋକଟି

ରତ୍ନାକର ଦାସ

ପ୍ରତିପକ୍ଷ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲାଣି । ଗଣମାଧ୍ୟମରୁ ସୂଚନା ପାଇ ଆତଂକିତ ହୋଇ ପଡ଼ିଲା ଆକ୍ରମିତ ହେବାକୁ ଥିବା ସମସ୍ତ ଭୂଖଣ୍ଡ । ଗୀତା, ବାଇବେଲ୍, କୋରାନ ପଢ଼ିବା ଠାରୁ ଆରମ୍ଭ କରି ଅଖଣ୍ଡ ଦୀପ ଜାଳିବା, ଘୃତାହୁତି ଦେବା, ଈଶ୍ୱରଙ୍କ ମଥାରେ ୧୦୮ ପାଣି ଢ଼ାଳିବା ପର୍ଯ୍ୟନ୍ତ ବ୍ୟସ୍ତ ରହିଲେ ଭୂଖଣ୍ଡର ଅଧିକାଂଶ ଅଧିବାସୀ । ଆଉ କେତେକ କିଛି ନ କରି କେବଳ ଧ୍ୟାନ ମୁଦ୍ରାରେ ଅନ୍ୱେଷଣ କଲେ ଈଶ୍ୱରଙ୍କୁ ଆସନ୍ନ ବିପଦ ଅପସରି ଯିବା ପାଇଁ ।

ଯୁଦ୍ଧ ହେଲେ ବୋମା ପଡ଼ିବ, ସମସ୍ତେ ଜଳିଯିବେ । ଏଇ ଚିନ୍ତାକୁ ମୁଣ୍ଡରେ ପୂରାଇ ବାସ୍ତୋରୀ ବର୍ଷର ବୁଢ଼ୀ ଯୁଜା ମା' ପଚାରିଲା - ଆରେ ଭାବ ! ତୁ ତ ମାଷ୍ଟର ଚାକିରି କରିଚୁ, ସବୁ ଜାଣିଥିବୁ । କଥା ଏଇଆ ଯେ, ଜଗନ୍ନାଥ ପାଖକୁ କେମିତି ଟଙ୍କା ପଠାନ୍ତି ମତେ ବତେଇଲୁ ? ମୁଁ ଏଇ ଭିକ ଦୁଃଖ କରି ଟଙ୍କା କେଇଟା ମୋ ଟିଣା ବାକ୍ସରେ ସାଇତିଥିଲି ଯେ, ସେଇଟାନି ତା'ର ପାଖକୁ ପଠାଇଦେବି । ସିଏ କାଳେ ଆମକୁ ଏଭଳି ବିପଦରୁ ବଞ୍ଚେଇ ପାରିବ ? ଯଦି ସମସ୍ତେ ଚାଲିଯିବା, ତା ଆଗରୁ ସେ କାଳିଆ ମୋ ଟଙ୍କା କେଇଟା ହେଲେ ପାଉ ।

ଭାବଗ୍ରାହୀ ଶିକ୍ଷକ ହେଲେ ବି ତା' ମୁଣ୍ଡରେ ଚେତା ପଶିଲା, ବାସ୍ତୋରୀ ବର୍ଷର ବୁଢ଼ୀ ପାଖରୁ ଏମିତି ଗହୀରିଆ କଥା ଶୁଣି । ସେ ରାତି ଆଉ ଶୋଇ ପାରିଲାନି ଭାବସାର୍ ତହିଁ ଆରଦିନ ଭାଇ, ବନ୍ଧୁ, କୁଟୁମ୍ବ ସମସ୍ତଙ୍କୁ , ଏପରିକି ଯାହାଙ୍କ ସହିତ ତା'ର ଶତ୍ରୁତା ଥିଲା ସେମାନଙ୍କୁ ବି ଡ଼ାକି ବଡ଼ ଧରଣର ଭୋଜିଭାତର ବ୍ୟବସ୍ଥା କଲା ।

ଦିନକୁ ଦିନ ଯୁଦ୍ଧର ଭୟାବହତା ସଂପର୍କରେ ଗଣମାଧ୍ୟମଠାରୁ ଆରମ୍ଭ କରି ସାଧାଣର ଲୋକଙ୍କ ମଧ୍ୟରେ ଜୋରଦାର୍ ଆଲୋଚନା ଚାଲିଲା। ଗାଁ, ସାହି, ଦୋକାନ, ବଜାର, ବସ୍, ଟ୍ରେନ୍ ସବୁଠି ସେଇ ଗୋଟିଏ କଥା ।

ଏ ନେଇ କିଛି ଲୋକ ଗଚ୍ଛିତ ଧନକୁ ନିଜ ଖାଇବାପିଇବାରେ ବ୍ୟୟ କରିବାକୁ ଲାଗିପଡ଼ିଲେ । ଆଉ କେତେକ ଦୂର ଦୂରାନ୍ତକୁ ପଳାଇଯିବା ପାଇଁ ସଜବାଜ ହେଲେ ବଂଚିବାର ଆଶା ନେଇ ।

ଗୃହପାଳିତ ପଶୁମାନେ ଖାଇବା ପିଇବା ଛାଡ଼ି ଆଖିରୁ ଲୁହ ଢାଳିଲେ ତ କୀଟ ପତଙ୍ଗମାନେ ମୌନ ରହିଲେ ଖେଳାବୁଲାକୁ ଭୁଲି । ବୃକ୍ଷଲତାଗଣ ବି ନିରବ ନିଶ୍ଚଳ ମୁଦ୍ରାରେ ଦୁଃଖ ଜଣାଇ ସମର୍ପିତ ହେଇଗଲେ ପ୍ରଭୁଙ୍କ ନିକଟରେ ।

ଶେଷରେ ଥିଲା ଯେ ଅଞ୍ଚଳର ଆଦେଶ ଅନୁମତି ଦେଉଥିବା ସର୍ଦାରଙ୍କ ପାଳି । ତାଙ୍କ ଦାୟିତ୍ୱରେ ବର୍ଷକ ପାଇଁ ଖର୍ଚ୍ଚ କରିବାକୁ ଥିବା ଅର୍ଥକୁ ସିଏ ଦିନ କେଇଟାରେ ଖର୍ଚ୍ଚ କରିବାକୁ ଆଦେଶ ଦେଇ ମୋଟା ଅଙ୍କର ଅର୍ଥକୁ ନିଜ ହାତମୁଠାରେ ରଖିଲେ ।

ମିଳିଥିବା ସୂଚନା ଅନୁଯାୟୀ ପ୍ରତିପକ୍ଷର ଯୁଦ୍ଧଜନିତ ଆକ୍ରମଣ କୌଣସି କାରଣରୁ ସ୍ଥଗିତ ହୋଇଗଲା ।

ପ୍ରଥମ ଲୋକ ବାସ୍ତୋରୀ ବର୍ଷର ଭିକାରୁଣୀ ବୁଢ଼ୀ ଶାନ୍ତିରେ ନିଶ୍ୱାସ ମାରୁଥିଲା ଏ କଥା ଶୁଣି । ତା' ପେଜୁଆ ଆଖି ଓ ଗାରଟଣା ମୁହଁରେ ଜୀଇଁବାର ସ୍ୱପ୍ନମାନେ ଉଙ୍କି ମାରୁଥିଲେ - ତା' ପଠାଇଥିବା ଭିକ୍ଷାବୃତ୍ତିର ସଂଚିତ ଅର୍ଥକୁ ଜଗନ୍ନାଥ ନିଜେ ଗ୍ରହଣ କରି ଯୁଦ୍ଧ ବନ୍ଦ କରିଦେଲେ ।

ମଝିରେ ଥିବା ସମସ୍ତ ଜୀବ ଓ ଉଦ୍ଭିଦମାନେ ପରସ୍ପର ଆସନ୍ନ ମୃତ୍ୟୁରୁ ବଂଚିଯିବାର ପରିଭାଷା ବିତରଣ କରୁଥିଲେ ସେମାନଙ୍କ ମୁହଁରେ ଗଜୁରି ଆସୁଥିବା ହସ ମାଧ୍ୟମରେ ।

ଶେଷ ଲୋକଟି ପାଇଁ ଯୁଦ୍ଧ ସ୍ଥଗିତ ହୋଇଯିବା ଥିଲା ଦୁଃସମ୍ବାଦ। ସିଏ ସମ୍ଭାବନାମୟ ପ୍ରାତଃ ସୂର୍ଯ୍ୟରେ ଭେଟୁଥିଲା ଘନଘଟା ଅନ୍ଧାରମାନଙ୍କୁ। ନାଁ ଆଗକୁ ବଢ଼ାଇ ପାରୁଥିଲା ପାଦ ନା ଫେରାଇ ପାରୁଥିଲା ପଛକୁ। ହଠାତ୍ ପାଗଳଙ୍କ ଭଳି ଅଟ୍ଟହାସ୍ୟ କରୁଥିଲା ଯେ ଆମ୍ବୁଲାନ୍ସଟା ସାଇରନ୍ ମାରୁଥିଲା ତା ଉଆସ ସମ୍ମୁଖରେ ।

*ଶଂଖୋ, ଆନନ୍ଦପୁର, କେନ୍ଦୁଝର*
*ମୋ - ୯୪୩୭୭୭୫୧୭୩୩*

## ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କୁ ଫି' ଛାଡ଼

ଉଚ୍ଚଶିକ୍ଷା ଓ ବୈଷୟିକ ପାଠ୍ୟକ୍ରମରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସମସ୍ତ ପ୍ରକାରର ଫି' ଛାଡ଼ ସୁବିଧା ଦେବାପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଉଭୟ ସରକାରୀ ତଥା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ ପଢୁଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଠାରୁ ଚଳିତ ଶିକ୍ଷାବର୍ଷରୁ ଟ୍ୟୁସନ୍ ଫି', ପରୀକ୍ଷା ଫି' ଓ ସାର୍ଟିଫିକେଟ୍ ଫି' ଆଦାୟ ନକରିବାକୁ ରାଜ୍ୟସରକାର ନିର୍ଦ୍ଦେଶ ଦେଇଛନ୍ତି।

# ଆମ ଏ ଦେଶ ଭାରତବର୍ଷ

ମଞ୍ଜୁ ଦାସ



ଏଇ ଦେଶ ଆମ ଦେଶ ସୁନାର ଦେଶ
ସାରା ଜଗତରେ ଖ୍ୟାତ ଭାରତବର୍ଷ
ଭାରତ..... ଭାରତ..... ଭାରତ
ରଖିବା ତା ମାନ ମହତ
ଆସରେ ଗାଇବା ତାହାରି ଯଶ ।।୦।।

ହିମାଳୟ ଶୋଭିତ ଯେ, ମୁକୁଟ ସମ
ସାଗର ହରଷେ ଧୁଏ ତା' ଚରଣ
ସାଗର..... ସାଗର..... ସାଗର
ରଖିଛି ରତ୍ନ ଭଣ୍ଡାର
ଆସରେ ଲଭିବା ତା' ପରଶ ।।୧।।

ଗହନ ବନାନୀ ତା'ର କେତେ ସୁନ୍ଦର
ବିହଙ୍ଗମ ସୁରେ ଝରେ ମଧୁ ଝଙ୍କାର
ବନାନୀ..... ବନାନୀ..... ବନାନୀ
ଧରିଛି ତାକୁ ଏ ଧରଣୀ
ସିଏ ଯେ ଆମର ଚିର ନମସ୍ୟା ।।୨।।

ନୀଳ ଝରଣାରୁ ଝରେ ଶୀତଳ ଜଳ
ଫିକ୍ ଫିକ୍ ହସେ ଯା'ର ଲହରୀମାନ
ଝରଣା..... ଝରଣା..... ଝରଣା
କରିବ କିଏ ସେ କଳନା
ଡାକଇ ଆଦରେ ନାଚିବା ଆସ ।।୩।।

ଚାଟରା (ନଡ଼ିଆ ବାଗ)
ଜଗତସିଂହପୁର- ୭୫୪୧୦୩
ମୋ- ୯୨୩୭୮୫୫୪୭୮

# ସୁନ୍ଦର କରିବା ଆମ ପରିବେଶ

ଶ୍ରୀ ଚନ୍ଦ୍ରଶେଖର

ଆସ ହେ ସଭିଏଁ ଆସ
ସୁନ୍ଦର କରିବା ଏ ପରିବେଶ
ଲଗାଇବା ବୃକ୍ଷ ବେଲ ଓ ପଣସ
ବର, ପୋଲାଙ୍ଗ ସହିତ କେନ୍ଦୁ
ଆସ ଭାଇ ଆସ ବଂଧୁ
ନହେଲେ-
ସମୟ ଆସିବ ସମୟ ବିତିବ
କେବଳ ଯା' କାନ୍ଦୁ କାନ୍ଦୁ।।

ରାସ୍ତାର ଉନ୍ନତି କରିବା ପାଇଁକି
କାଟିଦେଲ ତୁମେ ଗଛ
ବାଟୋଇ କିଭଳି ଥକା ମେଣ୍ଟାଇବ
ଭାବିଲନି ଆଗପଛ
ପାଇବା କିଭଳି ଅମ୍ଳଜାନ ସଂଗେ ଛାଇ
ବର, ଲିମ୍ବ, ସଂଗେ ଅଶ୍ୱତ୍‌ଥ ରୋପିବା
ଆସ ବଂଧୁ ଆସ ଭାଇ।।

ପୁଅ କରିଦେଲା କୋଠା ଘରଟାଏ
ମଉସା ମାଉସୀ ଖୁସି
କଂକ୍ରିଟ୍ ଦାଣ୍ଡରେ କାଦୁଅ ଲାଗେନି
ଧାନ, ମୁଗ, ବିରି ଅମଳ କରୁଛି
ଚଷାପୁଅ ହସିହସି।।

ଖରାଦିନେ କିନ୍ତୁ ରହି ହେଉନାହିଁ
ବୁଲାଇ ଦେଉଛି ମୁଣ୍ଡ
ସେଥିପାଇଁ ଆସ ଗଛ ଲଗାଇବା
ସଭିଏଁ ହୋଇକି ଋଣ୍ଡ।।

ଆସ ଭାଇ ଆସ ବଂଧୁ
ନହେଲେ-
ସମୟ ଆସିବ ସମୟ ବିତିବ
କେବଳ ଯା' କାନ୍ଦୁ କାନ୍ଦୁ।।

ସଂପର୍କ- ଡ଼ମ୍ପୁର, ବେରବୋଇ, ପୁରୀ
ମୋ- ୯୯୩୮୫୨୧୫୨୪


# ପୂର୍ବତନ ରାଷ୍ଟ୍ରପତି
# ଭାରତ ରତ୍ନ ଅବଦୁଲ କଲାମ



ଡ.ଶରଚ୍ଚନ୍ଦ୍ର ମହାପାତ୍ର

ରାମେଶ୍ୱରମ୍ ହିନ୍ଦୁମାନଙ୍କର ପବିତ୍ର ତୀର୍ଥ ସ୍ଥଳୀ। ପ୍ରତିଦିନ ଶହ ଶହ ତୀର୍ଥଯାତ୍ରୀ ଏଠାକୁ ଆସନ୍ତି। ପ୍ରସିଦ୍ଧ ଶିବମନ୍ଦିର ପାଇଁ ଏହା ବିଶ୍ୱ ବିଖ୍ୟାତ।

ଏହି ପବିତ୍ର ଭୂମିରେ ଭାରତର ପୂର୍ବତନ ରାଷ୍ଟ୍ରପତି ଅବଦୁଲ୍ କଲାମ୍‌ଙ୍କର ଗୋଟିଏ ମଧ୍ୟବିତ୍ତ ମୁସଲିମ ପରିବାରରେ ଜନ୍ମ ହୋଇଥିଲା। ୧୯୩୧ ମସିହା ଅକ୍ଟୋବର ମାସ ୧୫ ତାରିଖରେ। ପିତାଙ୍କ ନାମ ଜଇନୁଲ୍ଲାବଦ୍ଦିନ ଓ ମାତାଙ୍କ ନାମ ଆମ୍ମି ଆମ୍ମା। ତାଙ୍କର ପିତା ଥିଲେ ଅତ୍ୟନ୍ତ ଧର୍ମ ପରାୟଣ ଓ ପରୋପକାରୀ। ପ୍ରତିଦିନ ସନ୍ଧ୍ୟାବେଳେ ସେ ମସ୍‌ଜିଦ୍ ଯାଇ ପ୍ରାର୍ଥନା କରୁଥିଲେ। ମସଜିଦ୍‌ରୁ ଫେରିଲାବେଳକୁ ଲୋକମାନେ ବାହାରେ ଜଳପାତ୍ର ଧରି ବସିଥାନ୍ତି। ସେ କିଛି ପ୍ରାର୍ଥନା ବୋଲି ଏହି ପାତ୍ରମାନଙ୍କର ଜଳରେ ଟିପ ବୁଡାଇ ଦିଅନ୍ତି। ଏହାକୁ ରୋଗୀମାନେ ବିଶେଷତଃ ବିକଳାଙ୍ଗମାନେ ପାନ କରନ୍ତି। ଅନେକ ଭଲହୋଇ ଯାଇ ତାଙ୍କୁ ଧନ୍ୟବାଦ ଦିଅନ୍ତି। ସେ କହନ୍ତି ଏହା ଆଲ୍ଲାଙ୍କ ଦୟା। ତାଙ୍କର ମା ଅତ୍ୟନ୍ତ ସ୍ନେହଶୀଳା ଥିଲେ। ଅନ୍ୟକୁ ଖୁଆଇବାରେ ସେ ଆନନ୍ଦ ପାଆନ୍ତି। ପ୍ରତିଦିନ ତାଙ୍କ ଘରେ କେହି ନା କେହି ବାହାର ଲୋକ ଖାଆନ୍ତି। କଲାମ ତାଙ୍କର ବାଲ୍ୟଜୀବନର ସ୍ମୃତି ଚାରଣ କରି କହନ୍ତି ଯେ ତାଙ୍କର ମା'ଙ୍କ ରୋଷେଇ ଘରେ କଦଳୀ ପତ୍ର ଗୋଟିଏ ପକାଇ ଦିଅନ୍ତି। ତାହାରି ଉପରେ ଭାତ, ସୁବାସିତ ସମ୍ବର, ଚଟନୀ ଓ ଅନ୍ୟ ଖାଦ୍ୟ ସାମଗ୍ରୀ ବାଢି ଦିଅନ୍ତି। କଲାମ ମା'ଙ୍କ ହାତ ପରଶା ଖାଦ୍ୟ ଖାଇ ପରମ ତୃପ୍ତି ଲାଭ କରି ଥାଆନ୍ତି। ଏହି ସମୟଟି ତାଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଦାୟକ ଅଟେ।



ତାଙ୍କ ପରିବାର ଥିଲା ଏକ ମଧ୍ୟବିତ୍ତ ପରିବାର। ଡଙ୍ଗାରେ ଯାତ୍ରୀମାନଙ୍କୁ ରାମେଶ୍ୱରମରୁ ଧନୁଷ୍କୋଟି ନେବା ଆଣିବାରେ ତାଙ୍କର ଭଲ ରୋଜଗାର ହେଉଥିଲା। ମାତ୍ର ଦୁର୍ଭାଗ୍ୟର ବିଷୟ ଥରେ ପ୍ରବଳ ତୋଫାନ ହେଲା ଓ ଏ ନୈକାଟି ଭାସିଗଲା। ତାଙ୍କର ଏ ବ୍ୟବସାୟ ବନ୍ଦ ହୋଇଗଲା। ପରିବାରର ଆର୍ଥିକ ଅବସ୍ଥାରେ ଅବନତି ଘଟିଲା।

ନିଜ ପିତା ତାଙ୍କ ପାଇଁ ଥିଲେ ଆଦର୍ଶ। ସେ ଥିଲେ ରାମେଶ୍ୱର ମନ୍ଦିରର ମୁଖ୍ୟ ପୁରୋହିତ ଲକ୍ଷ୍ମଣା ଶାସ୍ତ୍ରୀଙ୍କର ଅନ୍ତରଙ୍ଗ ବନ୍ଧୁ। ଉଭୟେ ଏକାଠି ବସି ଧର୍ମ ଓ ଆଧାତ୍ମିକତା ଉପରେ ଆଲୋଚନା କରୁଥିଲେ। ଏହାର ପ୍ରଭାବ କାଲାମଙ୍କ ଉପରେ ପଡିଥିଲା। ଏଣୁ ସେ ଭବିଷ୍ୟତରେ ସବୁ ଧର୍ମକୁ ସମ୍ମାନ ଦେଉଥିଲେ। ସେ କୋରାନ ସହ ଗୀତା, ଉପନିଷଦ୍, ରାମାୟଣ ଓ ମହାଭାରତ ମଧ୍ୟ ପଢୁଥିଲେ। ତାଙ୍କର ଭବିଷ୍ୟତର ଲେଖା ମାନଙ୍କରେ ଏହି ଧର୍ମଗ୍ରନ୍ଥମାନଙ୍କର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳେ। ଉଦାହରଣ ସ୍ୱରୂପ ସେ ଗୋଟିଏ ପୁସ୍ତକରେ ଲେଖିଛନ୍ତି ଯେ ମହାଭାରତରେ ବିଦୁରଙ୍କ ଚରିତ୍ର ତାଙ୍କୁ ସବୁଠାରୁ ଭଲ ଲାଗେ। ବିଦୁର ଥିଲେ ଯଥାର୍ଥର ମହାତ୍ମା। କଲାମ ରୁଦ୍ରବୀଣା ମଧ୍ୟ ବଜାଉ ଥିଲେ।

ତାଙ୍କର ପିତା ଅତ୍ୟନ୍ତ କର୍ମଠ ଥିଲେ। ସମୟର ଅପବ୍ୟବହାର ଆଦୌ କରୁନଥିଲେ। ସେ ଭୋର ୪ ରେ ଉଠି ପ୍ରଥମେ ନମାଜ୍ ପଢନ୍ତି। ତାପରେ ତାଙ୍କ ଘରଠାରୁ ୪ ମାଇଲ ଦୂରରେ ଥିବା ତାଙ୍କର ଏକ ନଡିଆ ବଗିଚାକୁ ସେ ଯାଆନ୍ତି। ଦଶ ବାର ଗୋଟି ନଡିଆ ବାନ୍ଧିକରି ଘରକୁ ଆଣନ୍ତି। ଖାଦ୍ୟ ପଦାର୍ଥ ପ୍ରସ୍ତୁତି ଓ ଘରଖର୍ଚ୍ଚ ପାଇଁ ଏହା ସାହାଯ୍ୟ କରେ।

ତାଙ୍କର ବାଲ୍ୟଶିକ୍ଷା ରାମେଶ୍ୱର ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା। ମନ୍ଦିରର ମୁଖ୍ୟ ପୁରୋହିତ ଲକ୍ଷ୍ମଣା ଶାସ୍ତ୍ରୀଙ୍କର ପୁଅ ରମଣାଧା ଶାସ୍ତ୍ରୀ ଥିଲେ ତାଙ୍କର ଆଦରର ସାଥୀ। ସେମାନେ ଶ୍ରେଣୀରେ ଏକାଠି ବସନ୍ତି। ସେହି ସ୍କୁଲରେ ଯୋଗ ଦେଇଥିବା ଜଣେ ନୂଆ ଶିକ୍ଷକ ଦେଖିଲେ ଯେ ଶୁଭ୍ର ଉପବୀତ ସ୍କନ୍ଧରେ ଧାରଣ କରିଥିବା ଓ ମସ୍ତକରେ ଚନ୍ଦନ ଲେପିତ ହୋଇ ଗୋଟିଏ ବ୍ରାହ୍ମଣ ବାଳକ ପାଖରେ ମସ୍ତକରେ ଟୋପି ପିନ୍ଧିଥିବା ଗୋଟିଏ ମୁସଲିମ ବାଳକ ବସିଛି। ସେ ଏହା ସହି ପାରିଲେନି। ଏଣୁ ସେ କଲାମଙ୍କୁ ପଛ ଧାଡିରେ ଯାଇ ବସିବାକୁ କହିଲେ। କଲାମ ଲୁହ ଛଳ ଛଳ

ଆଖିରେ ଯାଇ ପଛ ଧାଡିରେ ବସିଲେ। ସାଙ୍ଗ ରମଣା ଶାସ୍ତ୍ରୀ ଅତି ବିକଳ ଭାବରେ ତାଙ୍କ ଆଡକୁ ଚାହୁଁ ଥାଆନ୍ତି।

ସ୍କୁଲରୁ ଘରକୁ ଗଲାପରେ ଏମାନେ ଘରେ ଏକଥା କହିଲେ। ପରେ ଲକ୍ଷ୍ମଣା ଶାସ୍ତ୍ରୀ ଏ ଶିକ୍ଷକଙ୍କୁ ଡକାଇ ପଚାରିଲେ ଯେ ସେ ଏପରି କାହିଁକି କଲେ ? ସରଳ କୋମଳ ବାଳକଙ୍କ ମନ ମଧ୍ୟରେ ଧାର୍ମିକ ସଂକୀର୍ଣ୍ଣତା ସେ କାହିଁକି ଭର୍ତ୍ତି କଲେ। ଶିକ୍ଷକଙ୍କୁ ସେ ଭର୍ତ୍ସନା କଲେ। ଶିକ୍ଷକ ଭୁଲ ସ୍ୱୀକାର କଲେ ଓ ଭବିଷ୍ୟତରେ ଏଭଳି ଆଉ ଭୁଲ ସେ କରିବେ ନାହିଁ ବୋଲି କହିଲେ।

ଏହି ବିଦ୍ୟାଳୟରେ ପଢିଲାବେଳେ ଅନ୍ୟ ଏକ ଘଟଣା ମଧ୍ୟ ତାଙ୍କ ମନ ଉପରେ ରେଖାପାତ କରିଥିଲା। ଏହି ସ୍କୁଲର ବିଜ୍ଞାନ ଶିକ୍ଷକ ଥିଲେ ଶିବ ସୁବ୍ରମନିଆ ଆୟାର। ସେ ଥିଲେ ନୈଷ୍ଠିକ ହିନ୍ଦୁ। ମାତ୍ର ସମାଜରେ ସଂସ୍କାର ଆଣିବାକୁ ସେ ବଦ୍ଧପରିକର ହୋଇଥିଲେ। କଲାମଙ୍କୁ ଖାଇବାକୁ ସେ ତାଙ୍କ ଘରକୁ ନିମନ୍ତ୍ରଣ କଲେ। ତାଙ୍କର ସ୍ତ୍ରୀ ଅତ୍ୟନ୍ତ ରକ୍ଷଣଶୀଳା ଥିଲେ। ସେ ପ୍ରତିବାଦ କଲେ। କିନ୍ତୁ ଆୟାର ତାଙ୍କ କଥା ଶୁଣିଲେ ନାହିଁ। କଲାମ ଆସିଲେ, ଉଭୟ ରୋଷେଇ ଘରେ ଖାଇ ବସିଲେ। ତାଙ୍କ ସ୍ତ୍ରୀ ଦେଖୁଥାନ୍ତି କଅଣ ହେଉ। ସେ ରାଗିକରି କବାଟ ପାଖରେ ଠିଆ ହୋଇ ଏମାନଙ୍କୁ ବାରମ୍ବାର ଚାହୁଁଥାଆନ୍ତି, ମାତ୍ର ଏମାନେ ଖାଇଲେ। କଲାମ ବାହାରେ ପତ୍ର ପକାଇ ଦେଲେ। ନିଜ ଜାଗାଟିକୁ ସଫା କରିଦେଲେ। ଆୟାର ଆଉଥରେ ଆସିବାକୁ କଲାମଙ୍କୁ କହିଲେ। ମାତ୍ର କଲାମ ଟିକିଏ ସଙ୍କୋଚ ବୋଧକଲେ। ଆୟାର ତାଙ୍କୁ ବୁଝାଇ ଦେଲେ ଯେ ସାମାଜିକ ସଂସ୍କାର ଆଣିବାକୁ ହେଲେ ଏ ପ୍ରକାର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ। କିଛିଦିନ ପରେ କଲାମ ଯେତେବେଳେ ଖାଇବାକୁ ଆସିଲେ ତାଙ୍କ ସ୍ତ୍ରୀ ନିଜ ହାତରେ ପରଶି ଦେଇଥିଲେ ସ୍ନେହର ସହିତ। ତାଙ୍କ ମନର ପରିବର୍ତ୍ତନ ଘଟିଥିଲା। ପ୍ରକୃତରେ ସାମାଜିକ ସଂସ୍କାର ଆଣିବାକୁ ହେଲେ ଆମର ଧୈର୍ଯ୍ୟ ଓ ସହିବା ଶକ୍ତି ଥିବା ଦରକାର।

କଲାମ ପିଲାଦିନରୁ ପରିଶ୍ରମ କରି ଅର୍ଥ ରୋଜଗାର କରିବା ଓ ସରଳ ଜୀବନ ଯାପନ କରିବାର କୌଶଳ ଶିଖିଥିଲେ। ୧୯୩୯ରେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଆରମ୍ଭ ହୋଇଗଲା। ରାମେଶ୍ୱରମ ଷ୍ଟେସନରେ ଟ୍ରେନ ରହିଲା ନାହିଁ । ରାମେଶ୍ୱରମ ଓ ଧନୁଷ୍କୋଟି ମଝିରେ ଗୋଟିଏ ଜାଗାରେ ଖବର କାଗଜ ପ୍ୟାକେଟ ତଳକୁ ପକାଯାଉଥିଲା। ଏଜେଣ୍ଟ ଥିଲେ ଶାମସୁଦ୍ଦିନ। ତାଙ୍କୁ ସାହାଯ୍ୟ କରିବା ପାଇଁ ଏହି ସ୍ଥାନରୁ ଖବର କାଗଜ ସଂଗ୍ରହ କରି ତାକୁ ଘର ଘର ବୁଲି ଦେଉଥିଲେ କାଲାମ। ଏଥିରେ ତାଙ୍କର କିଛି ରୋଜଗାର ମଧ୍ୟ ହେଲା। ଏହା ତାଙ୍କର ପ୍ରଥମ ରୋଜଗାର। ଏହି ସମୟରେ ତେନ୍ତୁଳି ମଞ୍ଜିର ଦାମ ଖୁବ ବଢିଗଲା। କଲାମ ତେନ୍ତୁଳି ମଞ୍ଜି ସଂଗ୍ରହ କରି ଦୋକାନରେ ବିକି ମଧ୍ୟ ଅର୍ଥ ରୋଜଗାର କଲେ। ପରିଶ୍ରମ କରି ସତ୍ ଉପାୟରେ ଅର୍ଥ ରୋଜଗାର କରିବ ଓ ଚଳଣିରେ ସଞ୍ଜମତା ଅବଲମ୍ବନ କରିବ। ତାହା ହେଲେ ଜୀବନରେ ସୁଖୀ ହବ। କଲାମ ଏହା ପିଲା ବେଳୁ ଶିଖିଥିଲେ।

ପ୍ରାଥମିକ ବିଦ୍ୟାଳୟ ପାଠ ଶେଷ କରି ହାଇସ୍କୁଲରେ ପଢିବା ପାଇଁ ସେ ରାମନାଥପୁରମ୍ ଆସିଲେ। ଏହି ବିଦ୍ୟାଳୟରେ ଆୟା ଦୁରାଇ ସୋଲୋମନ ବୋଲି ଜଣେ ଶିକ୍ଷକ କଲାମଙ୍କୁ କିପରି ବିଜ୍ଞାନ ଓ ଗଣିତରେ ଭଲ କରିବାକୁ ହେବ ତାହା ଶିଖାଇ ଦେଇଥିଲେ। ସେ ହେଲେ କଲାମଙ୍କର ମାର୍ଗ ଦର୍ଶକ। ଏହି ସମୟରେ ଗୋଟିଏ ଘଟଣା ଘଟିଗଲା। ଶ୍ରେଣୀରେ ରାମକୃଷ୍ଣ ଆୟାର ପଢାଉଥାଆନ୍ତି। କଲାମ ସେ ଶ୍ରେଣୀ ଗୃହକୁ ଭୁଲରେ ପଶିଗଲେ। ଶୃଙ୍ଖଳା ଭଙ୍ଗ କରିଥିବାରୁ ସେ କଲାମଙ୍କୁ ବେତରେ ବାଡେଇଲେ। କିନ୍ତୁ କିଛିଦିନ ପରେ କଲାମ ଗଣିତରେ ୧୦୦ ରୁ ୧୦୦ ପାଇବାରୁ ସେ ସମସ୍ତଙ୍କ ସମ୍ମୁଖରେ ତାଙ୍କୁ ପ୍ରଶଂସା କରି କହିଲେ ଯେ ତାଙ୍କଠାରୁ ଯିଏ ମାଡ ଖାଇଛି ସେ ଜୀବନରେ ଜଣେ ସଫଳ ମଣିଷ ଭାବରେ ପ୍ରତିଷ୍ଠା ଲାଭ କରିଛି। ଅନ୍ୟ ଭାବରେ ସେ କଲାମଙ୍କ ଭବିଷ୍ୟତ ବିଷୟରେ କହିଥିଲେ। ହାଇସ୍କୁଲ ପାଠ ସରିବା ପରେ କଲାମ ତ୍ରିଚିଠାରେ କଲେଜ ପଢା କଲେ। ଏଠାରୁ ମଧ୍ୟ କୃତିତ୍ୱର ସହ ବିଏସସି ପାଶ କଲେ। ତାଙ୍କର ଜୀବନ ଲକ୍ଷ୍ୟ ଥିଲା ମହାକାଶରେ ଉଡିବା। ହୁଏତ ପାଇଲଟ ହେବା। ଏଣୁ ମହାକାଶ ବିଜ୍ଞାନ ପ୍ରତି ଆକୃଷ୍ଟ ହୋଇ ସେ ଇଞ୍ଜିନିୟରିଂ ପଢିବାକୁ ଇଚ୍ଛାକଲେ। ମାନ୍ଦ୍ରାଜରେ ପ୍ରସିଦ୍ଧ ଇଞ୍ଜିନିୟରିଂ କଲେଜ ଏମଆଇଟିକୁ ଦରଖାସ୍ତ ଦେଲେ ପଢିବା ପାଇଁ। ନାମ ଲେଖିବା ପାଇଁ ସେ ମଧ୍ୟ ମନୋନୀତ ହେଲେ। ତେବେ ନାମଲେଖା ପାଇଁ ଏତେଟଙ୍କା ଆସିବ କେଉଁଠୁ। ସେ ନିରାଶ ହୋଇ ପଡିଲେ। ଏହି ସମୟରେ ତାଙ୍କର ଭଉଣୀ ଜୋହରା ନିଜର ସୁନା ଅଳଙ୍କାରା ବନ୍ଧା ପକାଇ ତାଙ୍କୁ ଟଙ୍କା ଦେଲେ। ଭଉଣୀର ସାହାଯ୍ୟ ଯୋଗୁ ସେ ପଢିପାରିଲେ। ଏଭଳି ଭଉଣୀ ଦୁନିଆରେ କମ୍ ଅଛନ୍ତି। ତାଙ୍କରି ତ୍ୟାଗ ବଳରେ ଭବିଷ୍ୟତ କଲାମ ସୃଷ୍ଟିହେଲେ।

ଏହି ଅନୁଷ୍ଠାନର ଅଧ୍ୟାପକ ଶ୍ରୋଣ୍ଡେର ତାଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲେ। ଏଠାରେ ପଢିଲା ବେଳେ କଲାମ ଶିଖିଲେ ଯେ କଠୋର ପରିଶ୍ରମ ଓ ଦୃଢ ମନୋବଳ ଦ୍ୱାରା ଅସମ୍ଭବ ବି ସମ୍ଭବ ହୋଇପାରେ।

ଥରକର ଘଟଣା। ଶେଷ ବର୍ଷରେ କଲାମ ଓ ତାଙ୍କର କିଛି ସହପାଠୀଙ୍କୁ ଉପରେ ଉଡି ପାରୁଥିବା ଲଢୁଆ ବିମାନ ନିର୍ମାଣ ପ୍ରକଳ୍ପ ଦାୟିତ୍ୱ ଦିଆଗଲା। ନିର୍ଦ୍ଦେଶକ ଥରେ ଏମାନଙ୍କ କାମ ଦେଖିବାକୁ ଆସିଲେ। ଦେଖିଲେ କାମ କିଛି ହୋଇ ନାହିଁ। ବିରକ୍ତ ହୋଇ କହିଲେ ଯଦି ତିନି ଦିନ ଭିତରେ ଏ କାମ ଶେଷ ନ ହୁଏ ତେବେ କଲାମଙ୍କ ବୃତ୍ତି ବନ୍ଦ ହୋଇଯିବ। କଲାମ ଖାଇବା ପିଇବା ସବୁ ଭୁଲିଯାଇ ଦିନ ରାତି କାମ କରି ତିନିଦିନରେ ଏହା ଶେଷ କଲେ। ଶ୍ରୀନିବାସ କାମ ଶେଷ ହେବା ଦେଖି ବହୁତ ଖୁସି ହୋଇ ତାଙ୍କର ପ୍ରଶଂସା କଲେ। ଶିକ୍ଷା ଶେଷପରେ ଶିକ୍ଷକଙ୍କ ସହ ଛାତ୍ରମାନଙ୍କର ଏକ ମିଳିତ ଫଟୋ ଉଠିଲା। ସବୁଛାତ୍ର ପଛରେ ଠିଆହେଲେ ମାତ୍ର ଗୁରୁମାନଙ୍କ ପାଖରେ ବସିବା ସୁଯୋଗ କେବଳ କଲାମଙ୍କୁ

ଦିଆଗଲା । ସେମାନେ କଲାମଙ୍କ ଉଜ୍ଜଳ ଭବିଷ୍ୟତ ଦେଖି ପାରିଥିଲେ ପାଠ ଶେଷ ହେଲା । କଲାମଙ୍କୁ ଦୁଇଟି ଜାଗାରେ ସାକ୍ଷାତ୍‌କାର ପାଇଁ ପତ୍ର ମିଳିଲା । ଗୋଟିଏ ଦିଲ୍ଲୀରେ ଅନ୍ୟଟି ଡେରାଡୁନରେ ପାଇଁ ପତ୍ର ମିଳିଲା । ଡେରାଡୁନରେ ପାଇଲଟ ହେବା ପାଇଁ,ମାତ୍ର ଦିଲ୍ଲୀରେ ଯାନ ନିର୍ମାଣରେ କାର୍ଯ୍ୟ କରିବା ପାଇଁ । ଡେରାଡୁନରେ ସେ ଅସଫଳ ହେଲେ। ମାତ୍ର ଦିଲ୍ଲୀରେ ସଫଳ ହେଲେ। ତାଙ୍କର ଇଚ୍ଛା ଥିଲା ପାଇଲଟ ହେବା ପାଇଁ। ଏଣୁ ସେ ଏଥିରେ ନିରାଶ ହୋଇ ଋଷିକେଶରେ ସ୍ୱାମୀ ଶିବାନନ୍ଦଙ୍କୁ ଦେଖା କରିଥିଲେ। ଶିବାନନ୍ଦ ତାଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ ଯାହା ଈଶ୍ୱରଙ୍କ ଇଚ୍ଛା ତାହାହିଁ ଜୀବନରେ ଘଟେ । ସେ କଅଣ ହେବେ ତାହା ଆଗରୁ ସ୍ଥିର ହୋଇଛି । ସମର୍ପଣ ଭାବନେଇ ସେ କାମ କରନ୍ତୁ।

ଇଞ୍ଜିନିଅର ଭାବରେ ଦିଲ୍ଲୀ ଓ କାନପୁରରେ କାମ କରି ସେ ବାଙ୍ଗାଲୋରକୁ ବଦଳି ହେଲେ। ଏଠାରେ ଏକ ଡୋଭରକ୍ରାଫଟ ନିର୍ମାଣ କାମ ତାଙ୍କୁ ଦିଆଗଲା। ସେ ତାଙ୍କର ସାଥୀମାନଙ୍କ ସହିତ ଏ କାମରେ ମନୋନିବେଶ କଲେ। ସେ ଏ କାମକୁ ଠିକ ସମୟରେ ଶେଷ କଲେ। ଏହାର ନାମ ଦେଲେ ନନ୍ଦି। ସେ ସମୟର ଦେଶରକ୍ଷା ମନ୍ତ୍ରୀ ଭି.କେ କୃଷ୍ଣମେନନ୍ ତାଙ୍କ କାମ ଦେଖିବାକୁ ଏଠାକୁ ଆସିଥିଲେ କଲାମ ତାଙ୍କୁ ଏଥିରେ ବସାଇ ଉପରେ ଉଡାଇ ଆଣିଥିଲେ। ମେନନ୍ ବହୁତ ଖୁସି ହେଲେ । ନେହୁରୁଙ୍କୁ ଏ କଥା କହିଲେ। ତେବେ କଲାମ ମେନନଙ୍କୁ ବସାଇ ଏ ଯାନରେ ଯିବା ବେଳେ ଅନ୍ୟମାନେ ବ୍ୟସ୍ତ ହୋଇ ପଡି ଥିଲେ। କଲାମ ନିଜର ସଫଳତା ପାଇଁ ପ୍ରଶଂସିତ ହେଲେ। ଏହାପରେ ବମ୍ବେରେ ଖୋଲାଯାଇଥିବା ମହାକାଶ ଗବେଷଣା କେନ୍ଦ୍ରରେ ରକେଟ ଇଞ୍ଜିନିଅର ଭାବରେ ଯୋଗଦେଲେ। ଏଥି ପାଇଁ ବରିଷ୍ଠ ବୈଜ୍ଞାନିକ ସରାଭାଇ ତାଙ୍କୁ ଯୋଗ୍ୟ ବିବେଚିତ କରିଥିଲେ। ଏହାପରେ ଅଧିକ ଜ୍ଞାନ ଆହରଣ କରିବା ପାଇଁ ତାଙ୍କୁ ଆମେରିକା ପଠାଯାଇଥିଲା। ଭାରତ ଫେରି କଲାମ ଲଢୁଆ ସାମରିକ ବିମାନ ତିଆରି ଓ କ୍ଷେପଣାସ୍ତ୍ର ନିର୍ମାଣ କାର୍ଯ୍ୟରେ ମନୋନିବେଶ କଲେ।

କିନ୍ତୁ ଏହି ସମୟରେ ତାଙ୍କ ଜୀବନରେ ଅନେକ ଦୁର୍ଯୋଗ ଘଟିଗଲା। ତାଙ୍କର ଭିଣୋଇ ଯେ କି ଜୀବନରେ ତାଙ୍କୁ ବହୁତ ସାହାଯ୍ୟ କରିଥିଲେ ସେ ଚାଲିଗଲେ। ତାଙ୍କର ପିତାଙ୍କ ମୃତ୍ୟୁ ଓ ମାତାଙ୍କ ମୃତ୍ୟୁ ଗୋଟିଏ ପରେ ଗୋଟିଏ ଘଟିଗଲା। ପୁନଶ୍ଚ ତାଙ୍କର କର୍ମକ୍ଷେତ୍ରର ପ୍ରଧାନ ପ୍ରେରଣା ଉସ୍ତ ବିକ୍ରମ ସରଭାଇ ମଧ ଚାଲିଗଲେ। ଅତି ଧୈର୍ଯ୍ୟର ସହିତ ସେ ଦୁଃଖକୁ ଗୋଟିଏ ପରେ ଗୋଟିଏ ସହିନେଲେ। ବ୍ୟକ୍ତିଗତ ଜୀବନର ଦୁଃଖଗୁଡିକୁ ସହି ମଧ ଗବେଷଣା କ୍ଷେତ୍ରରେ ସେ ଆଗେଇ ଚାଲିଥାନ୍ତି। ଦେଶରକ୍ଷା କ୍ଷେତ୍ରରେ ଭାରତ କିଭଳି ସମର୍ଥ ହେବ ଓ ଅନ୍ୟମାନଙ୍କର ମୁକାବିଲା କରିପାରିବ ଏହା ଥିଲା ତାଙ୍କର ମୂଳ ଲକ୍ଷ୍ୟ।


ପ୍ରଥମେ କିଛିଟା ଅସୁବିଧା ଦେଖା ଦେଇଥିଲେ ମଧ ଏ୍ ଏଲ ଭି--୩ ସଫଳ ହେଲା। ଏଥିପାଇଁ ଇନ୍ଦିରା ଗାନ୍ଧି ବ୍ୟକ୍ତିଗତ ଭାବରେ ତାଙ୍କୁ ଡକାଇ ପ୍ରଶଂସା କରିଥିଲେ। କଲାମ ଆଉ ପଛକୁ ଚାହିଁ ନାହାନ୍ତି।

ତ୍ରିଶୁଳର ସଫଳ ପରୀକ୍ଷା, 'ପୃଥିବୀ କ୍ଷେପଣାସ୍ତ୍ରର ପରୀକ୍ଷା ଓ ସଫଳତା, ଅଗ୍ନିର ସଫଳତା ଏ ସବୁ ତାଙ୍କରି କୃତିତ୍ୱ। କଲାମ ଅନୁଭବ କରିଥିଲେ ଯେ କ୍ଷେପଣାସ୍ତ୍ର ସହିତ ପରମାଣୁ ଶକ୍ତି ଦ୍ୱାରା ଭାରତ ବିଶ୍ୱରେ ଶକ୍ତିଶାଳୀ ରଷ୍ଟ୍ର ଭାବରେ ପରିଗଣିତ ହେବ। ଏଣୁ ସେ ଅଟଳଜୀଙ୍କ ଦକ୍ଷ ନେତୃତ୍ୱ ଓ କଲାମଙ୍କ ଜ୍ଞାନ କୌଶଳ ବଳରେ ପୋଖରଣଠାରେ ଆଣବିକ ପରୀକ୍ଷା କରାଇ ବିଶ୍ୱକୁ ଭାରତ ଚମକାଇ ଦେଲା। ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କର ଧମକକୁ ଭାରତ ଖାତିର କଲାନାହିଁ।

କଲାମ ଗୌରବର ତୁଙ୍ଗିମାରେ ପହଞ୍ଚିଥିଲେ ଯତେବେଳେ ସେ ୨୦୦୨ ଜୁଲାଇ ୨୫ରେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ। ଦେଶବାସି ତାହାହିଁ ଚାହୁଁଥିଲେ। ରାଷ୍ଟ୍ରପତି ଭାବରେ ଦକ୍ଷତା ଓ ନିରପେକ୍ଷତା ସହ ସେ କାର୍ଯ୍ୟ କରିଛନ୍ତି। ରାଷ୍ଟ୍ରପତି ଭବନ ସାଧାରଣ ମଣିଷପାଇଁ ଉନ୍ମୁକ୍ତ ଥିଲା। ସେ ଛାତ୍ରମାନଙ୍କ ସହ ଖୋଲା ଖୋଲି ମିଶୁଥିଲେ। ସେ ଜୀବନରେ ବହୁ ସମ୍ମାନ ପାଇଥିଲେ। ଶ୍ରେଷ୍ଠ ସମ୍ମାନ ହେଉଛି ଭାରତ ରତ୍ନ। ତେବେ ଏହି ମହାମାନବ ଶିଲଂରେ ଛାତ୍ରମାନଙ୍କୁ ସମ୍ବୋଧନ କରିବାକୁ ଯାଇ ହଠାତ୍ ସଜ୍ଞାହୀନ ହୋଇ ଟଳି ପଡିଲେ। ତାଙ୍କର ପ୍ରାଣବାୟୁ ଚାଲିଗଲା। ଦେଶବାସୀଙ୍କର ସେବା, ବିଜ୍ଞାନରେ ଗବେଷଣା ଓ ଛାତ୍ରଛାତ୍ରୀଙ୍କ ପାଇଁ ଗଭୀର ସ୍ନେହ ଇତିହାସରେ ତାଙ୍କୁ ଅମର କରିଛି। ୨୭.୭.୧୫ ଦିନଟି ଥିଲା ଆମପାଇଁ ସବୁଠୁ ଦୁଃଖର ଦିନ। କଲାମଙ୍କ ଅବର୍ତ୍ତମାନ କଥା ଭାବିଲେ ଏବେ ବି ଚକ୍ଷୁ ଲୋତକରେ ଭରିଯାଏ।

ଧନ୍ୟ କଲାମ ମରଣରେ ବି।
ତୁମେ ଅମର ହୋଇଗଲ।

ମଙ୍ଗଳା ନଗର,ଖୋର୍ଦ୍ଧା
ଦୂରଭାଷ:୮୮୯୫୫୯୬୬୭୫



# ସ୍ୱତନ୍ତ୍ର ରାଷ୍ଟ୍ରରେ ଇଚ୍ଛା ମଧ୍ୟ ସ୍ୱତନ୍ତ୍ର ହେବା ଦରକାର



ଉମାଶଙ୍କର ପ୍ରସାଦ

ରବିନ୍ଦ୍ରନାଥ ଠାକୁର ଯେତେବେଳେ 'ଜନଗଣ ମନ' ଲେଖିଥିଲେ ତାଙ୍କର ମାନସ ପଟରେ ଏହି ଭାବନା ଥିଲା ଯେ ଗୋଟିଏ ସ୍ୱତନ୍ତ୍ର ରାଷ୍ଟ୍ରରେ ଇଚ୍ଛା ମଧ୍ୟ ସ୍ୱତନ୍ତ୍ର ହେବା ଦରକାର। ଆମ ଦେଶର ଦେଶ ମାତୃକା ଓ ଦେଶ ପ୍ରୀତିର ଯେଉଁ ତିନୋଟି ଗୀତ ଦିବଂଗତ ସ୍ରଷ୍ଟାମାନେ ରଚନା କରି ଆଜି ମଧ୍ୟ ଅମର ହୋଇ ଜନମାନସରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ପାରିଛନ୍ତି ତାର ଯେଉଁ ଐତିହାସିକ ପୃଷ୍ଠଭୂମି ଅଛି ଆଜି ମଧ୍ୟ ଅନେକ ଜାଣି ପାରିନାହାଁନ୍ତି। ଯେଉଁ ଦୁଇଜଣ ସ୍ରଷ୍ଟା ରାଷ୍ଟ୍ରଗୀତ ରଚନା କରିଥିଲେ ଉଭୟେ କଲିକତାରେ ବ୍ରାହ୍ମଣକୁଳରେ ଜନ୍ମଲାଭ କରିଥିଲେ। ଜଣେ ପୁରାତନ ପନ୍ଥି ଥିବାବେଳେ ଅନ୍ୟ ଜଣେ ଉଦାରବାଦୀ ଚିନ୍ତା ଧାରାର ଥିଲେ ଏବଂ ଉଭୟେ ବଙ୍ଗଳାର ପୁନର୍ଜାଗରଣ ପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ଜଣେ ବ୍ରିଟିଶ ସରକାର ଅଧିନରେ ଡେପୁଟି କଲେକ୍ଟର, ଡେପୁଟି ମାଜିଷ୍ଟ୍ରେଟ ଥାଇ ମଧ୍ୟ ଜଣେ କବି, ଉପନ୍ୟାସକାର, ସାମ୍ବାଦିକଭାବରେ ନିଜର ବଳିଷ୍ଠ ଲେଖନୀରେ ବଙ୍ଗଳା ସାହିତ୍ୟକୁ ସମୃଦ୍ଧ କରିଥିଲେ ଓ କଲିକତା ବିଶ୍ୱବିଦ୍ୟାଳୟର ପ୍ରଥମ ସ୍ନାତକୋତ୍ତର ଏବଂ ଜଣେ ହିନ୍ଦୁ ରାଷ୍ଟ୍ରବାଦୀ ଥିଲେ। ଅନ୍ୟ ଜଣେ ଘରେ ପଢି ନିଜକୁ ଜଣେ କବି, ଉପନ୍ୟାସକାର, ସଂଗୀତକାର, ଚିତ୍ରକରଭାବରେ ପ୍ରତିଷ୍ଠା କରିବା ସହ ନାଇଟହୁଡ୍ ଉପାଧି ପାଇଥିଲେ ଏବଂ ଯାହାକୁ ଜାଲିଓ୍ୱାନା ବାଗ୍ ହତ୍ୟାକାଣ୍ଡ ପରେ ବର୍ଜନ କରିଥିଲେ, ସେ ମହାତ୍ମାଗାନ୍ଧୀଙ୍କ ମିତ୍ର, ନୋବେଲ ପୁରସ୍କାର ବିଜେତା ଏବଂ ସ୍ୱତନ୍ତ୍ର ସଂଗ୍ରାମର ଅଗ୍ରଣୀ ବ୍ୟକ୍ତିତ୍ୱ ଥିଲେ ରବୀନ୍ଦ୍ରନାଥ ଠାକୁର ।

ବଙ୍କିମଚନ୍ଦ୍ର ୧୮୩୬ ରେ 'ବନ୍ଦେ ମାତରମ୍' ରଚନା କରିଥିଲେ। ପାଞ୍ଚବର୍ଷ ପରେ ତାଙ୍କର ରଚିତ 'ଆନନ୍ଦ ମଠ' ଉପନ୍ୟାସରେ ଏହା ସ୍ଥାନିତ ହୋଇଥିଲା। ତାଙ୍କରଏହି ରଚନା ଦିନେ ଭାରତର ଜାତୀୟ ସଙ୍ଗୀତର ସ୍ଥାନ ଗ୍ରହଣ କରିବ ଏକଥା ବଙ୍କିମଚନ୍ଦ୍ର ସ୍ୱପ୍ନରେ ଭାବି ନଥିଲେ। ଏଥିରେ ଜାତୀୟତାବୋଧର ମହକ ଥିବାରୁ ବିଶ୍ୱକବି ରବିନ୍ଦ୍ରନାଥ  ଏଥିରେ ସ୍ୱର ସଂଯୋଜନା କରିବା ସହ ଏହାକୁ ୧୮୯୬ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ପ୍ରଥମେ ରାଜନୈତିକ ସଭାମଞ୍ଚରେ ଏହା ଗାନ କରା ଯାଇଥିଲା। ଏହି ଗୀତ ସ୍ୱତନ୍ତ୍ରତା ଆନ୍ଦୋଳନର ଏପରି ଲୋକପ୍ରିୟ ହୋଇଗଲା ଯେ ଇଂରେଜମାନେ ଏହାକୁ ଉଚ୍ଛେଦ କରିବା ପାଇଁ ଆଦେଶ ଜାରି କରିଥିଲେ। ଏହି ସ୍ୱାତନ୍ତ୍ୟ ଲୋପ ବିରୁଦ୍ଧରେ  ବନ୍ଦେ ମାତରମ୍ ଆହ୍ୱାନରୁ ଜାଗି ଉଠିଥିଲା ସ୍ୱଦେଶୀ ଆନ୍ଦୋଳନ। ଦିନକୁ ଦିନ ଏହା ଆହୁରି ଲୋକପ୍ରିୟ ହେବାରେ ଲାଗିଲା। ଏହି ଗୀତର ପ୍ରଥମ ଦୁଇ ଅନୁଚ୍ଛେଦକୁ କଂଗେସ କାର୍ଯ୍ୟକାରୀ ସଂଗଠନ ରାଷ୍ଟ୍ରଗୀତ ଭାବରେ ସ୍ୱୀକାର କରିଥିଲେ।

ଏହାର ପ୍ରାୟ ୩୦ ବର୍ଷ ପରେ ରବିନ୍ଦ୍ରନାଥ ଠାକୁର ଜନ-ଗଣ-ମନ ରଚନା କଲେ। ଯାହା ପଛରେ ଏକ ହୃଦୟ ସ୍ପର୍ଶୀ କାହାଣୀ ଛପି ରହିଛି। ୧୯୧୧ ମସିହା ଡିସେମ୍ବର ୧୨ ତାରିଖ ମଙ୍ଗଳବାର ଦିନ ଦିଲ୍ଲୀର ତତ୍କାଳୀନ ୫ମ ଜର୍ଜଙ୍କର ଦରବାର ଉତ୍ସବ ମୁଖର। ଜଣେ ରାଜଭକ୍ତ ସମ୍ରାଟ ପଞ୍ଚମ ଜର୍ଜଙ୍କର ସ୍ତୁତିଗାନ କରି ପୁରସ୍କୃତ ଆଶାରେ କବିତାଟିଏ ଲେଖି ଦେବା ପାଇଁ ଅନୁରୋଧ କରିଥିଲେ। ଏପରି ଘୃଣ୍ୟ ରାଜାର ବଡିମାଗାନ ଅନୁରୋଧ କରିବା କଥା ତାଙ୍କୁ ବାଧି ଥିଲା। ତଥାପି ଜଣେ ରାଜଭକ୍ତର ଅନୁ ରୋଧ ରକ୍ଷାକରି ତାଙ୍କ କଲମରୁ ଆପେ, ଆପେ ଝଙ୍କୃତ ହୋଇଥିଲା **ଜନ-ଗଣ-ମନ-ଅଧିନାୟକ ଜୟ ହେ ଭାରତ ଭାଗ୍ୟ ବିଧାତା**। ଏହି ଗୀତଟି ୧୯୧୧ ମସିହା ଡିସେମ୍ବର ୨୭ ତାରିଖ ବୁଧବାର ଦିନ କଲିକତାରେ ଅନୁଷ୍ଠିତ ହେଉଥିବା ଜାତୀୟ କଂଗ୍ରେସ ଅଧିବେଶନରେ ଗାନ କରାଯାଇଥିଲା। ଏବଂ ପରବର୍ଷ ଅର୍ଥାତ ୧୯୧୨ ମସିହା ଜନୁଆରୀ ମାସରେ ରବିନ୍ଦ୍ରନାଥଙ୍କ ସମ୍ପାଦିତ 'ତତ୍ତ୍ୱବୋଧିନୀ' ପତ୍ରିକାରେ ଏହାର ବିଶ୍ଳେଷଣ ସହିତ ପ୍ରକାଶ ପାଇଥିଲା। ୧୯୧୯ ମସିହାରେ କବି ନିଜେ ଏହାର ଇଂରାଜୀ ଅନୁବାଦ କରି "ମର୍ଣିଙ୍ଗ୍ ସଙ୍ଗ୍ ଅଫ ଇଣ୍ଡିଆ"(Morning Song of India)ଭାରତର ପ୍ରଭାତ ସଂଗୀତ ନାମରେ ପ୍ରକାଶ କରିଥିଲେ।

ସ୍ୱାଧୀନତା ଲାଭ ପୂର୍ବରୁ କେନ୍ଦ୍ରରେ ପ୍ରତିଷ୍ଠିତ ଜାତୀୟ ସରକାର ସ୍ୱାଧୀନ ଭାରତର ସଂଗୀତ ମନୋନୟନ ପାଇଁ ଗଭୀର ଆଲୋଚନା, ପର୍ଯ୍ୟାଲୋଚନା କରି ଦୁଇଟି ସଂଗୀତ ପ୍ରସ୍ତାବ  ବନ୍ଦେ ମାତରମ୍ ଓ ଜନ-ଗଣ-ମନକୁ ପ୍ରେରିତ କରିଥିଲେ। ଏହି ସଂପର୍କରେ ଜାତିସଂଘକୁ ଏକ ପ୍ରତିନିଧି ଦଳ ଯାଇଥିଲେ। ଭାରତ ସରକାରଙ୍କ ପରାମର୍ଶ କ୍ରମେ ଜାତିସଂଘ ବାଦ୍ୟଯନ୍ତ୍ର ଅର୍କେଷ୍ଟ୍ରାରେ ଭାରତର ରାଷ୍ଟ୍ରୀୟ ସଂଗୀତ ରୂପେ ଗାନ କରାଯାଇଥିଲା। ମାତ୍ର ଏହାର ବେତାର କେନ୍ଦ୍ରରେ ରେକର୍ଡ କରାଯାଇଥିବା ସ୍ୱର ଭାରତୀୟମାନଙ୍କୁ ନାପସନ୍ଦ ହେବାରୁ ବି.ବି.ସି ଲଣ୍ଡନସ୍ଥ ସଂଗୀତଜ୍ଞମାନଙ୍କର ସ୍ୱର ସଂଗୀତ ରେକର୍ଡ କରାଯାଇ ଗାନ କରାଯାଇ ଥିଲା ଯାହା ୫୦ସେକେଣ୍ଡ ସମୟ ନେବା ସହ ଭାରତୀୟମାନଙ୍କୁ ସନ୍ତୋଷ ପ୍ରଦାନ କରିଥିଲା। ପରବର୍ତ୍ତୀ ସମୟରେ ଡଃ ଆମ୍ବେଦକରଙ୍କ ନେତୃତ୍ୱରେ ୧୯୫୦ ଜାନୁୟାରୀ ୨୬ ତରିଖରେ ଏହାକୁ ରାଷ୍ଟ୍ରଗୀତର ମର୍ଯ୍ୟାଦା ମିଳିବା ସହଏହି ଦିବସକୁ ଆମେ ସାଧାରଣ ତନ୍ତ୍ର ଦିବସ ରୂପେ ପାଳନ କରିଥାଉ। ମାତ୍ର ଏଥିରେ ଏକ ବିରୋଧୀ ଭାଷର ଗନ୍ଧ ବାରି ହୋଇଯାଉଥିଲା। ଗାନ୍ଧୀଙ୍କୁ ବନ୍ଦେ ମାତାରମ୍ ପସନ୍ଦ ଥିଲା ବେଳେ ସୁଭାଷବୋଷଙ୍କୁ  ଜନ-ଗଣ-ମନ

ପସନ୍ଦ ଥିଲା। ସୁଭାଷବୋଷ ଆଜାଦ ହିନ୍ଦ୍ ରେଡିଓର ଲେଖକ ମୁମତାଜ ହୁସେନ ଏବଂ ଆଜାଦ ହିନ୍ଦ୍ ଫୌଜର କର୍ଣ୍ଣଲ ଆବିବହସନ ସଫ୍ରାନିଙ୍କ ଦ୍ୱାରା ଏହାର ଅନୁବାଦ ମଧ୍ୟ କରାଇଥିଲେ। ୧୫ ଅଗଷ୍ଟ ୧୯୪୭ରେ ଭାରତ ସ୍ୱାଧୀନ ହେଲା ଏବଂ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ତ୍ରିରଙ୍ଗା ଉଡାଇ ଥିଲେ। ସେହି ସମୟରେ ରାମସିଂ ଠାକୁରଙ୍କୁ ତାଙ୍କ ସହଯୋଗୀମାନଙ୍କ ସହ 'କୌମିତରାନା' ସ୍ୱର ବଜାଇବା ପାଇଁ ଆମନ୍ତ୍ରିତ କରା ଯାଇଥିଲା। ଫଳରେ ସମସ୍ତ ମୁସଲିମ ସଂପ୍ରଦାୟ ବନ୍ଦେ ମାତରମ୍‌କୁ ଅସ୍ୱୀକାର କରିଥିଲେ ମାତ୍ର ମୌଲାନା ଆଜାଦ୍ କଂଗ୍ରେସ କାର୍ଯ୍ୟକାରିଣୀର ଏପରି ସଦସ୍ୟ ଥିଲେ ଯେ କି ଏପରି ରାଷ୍ଟ୍ରୀୟ ସଂଗୀତକୁ ସ୍ୱୀକାର କରିଥିଲେ।

ବର୍ତ୍ତମାନ ଏହି ଦୁଇଟି ରାଷ୍ଟ୍ରଗୀତିକୁ ଏପରି ଦୃଷ୍ଟିରେ ଦେଖାଯାଉଛି ସତେ ଯେପରି ଦୁହିଁଙ୍କ ମଧ୍ୟରେ କିଛି ବିବାଦ ଅଛି। ମାତ୍ର ଦୁଇଟି ଯାକ ଗୀତ ଭାରତୀୟମାନଙ୍କ ଦ୍ୱାରା ସର୍ବାଦୃତ ଓ ପ୍ରଶଂସନୀୟ। ଜନ-ଗଣ-ମନ ଏକ ସ୍ୱଦେଶ ଉତ୍ସବରେ ଗାନ କରାଯାଉ ଥିବା ବେଳେ ବନ୍ଦେ ମାତରମ୍ ହିନ୍ଦୁତ୍ୱର ବିକାଶର ରାସ୍ତା ଦେଖାଇଥାଏ। ମାତ୍ର ପ୍ରକୃତ ପକ୍ଷେ ବନ୍ଦେ ମାତରମ୍ ମା ଦୂର୍ଗାଙ୍କର ଏକ ସ୍ତୁତିଗାନର ଏକ ପରିଚାୟକ। ଏହି ଦୁଇ ଗୀତର କବି ସ୍ୱତନ୍ତ୍ରତା ସଂଗ୍ରାମର ଭିନ୍ନ ଦୃଷ୍ଟିକୋଣରୁ ଆସିଥିଲେ ମଧ୍ୟ ସେମାନଙ୍କର ଦେଶପ୍ରୀତି ଏକ ଥିଲା। ଆଉ ଗୋଟିଏ ଗୀତ ଦେଶ ପ୍ରୀତିର ଅନନ୍ୟ ଉଦାହାରଣ। ସାରେ ଜାହାଁ ସେ ଆଚ୍ଛା ଯାହାକି ଆଜକୁ ୧୧୩ ବର୍ଷ ପୂର୍ବେ ୧୬ ଅଗଷ୍ଟ ୧୯୦୪ରେ ଇକ୍‌ବାଲଙ୍କ ଦ୍ୱରା ରଚନା କରା ଯାଇ ସପ୍ତାହିକ ପତ୍ରିକା **ଇତେହାଦ**ରେ ପ୍ରକାଶ ପାଇଥିଲା। ଯଦିଓ ଏହା ପିଲାମାନଙ୍କ ପାଇଁ ଉଦ୍ଧିଷ୍ଟ ଥିଲା ମାତ୍ର ଏହା ବ୍ରିଟିଶ ରାଜ ବିରୁଦ୍ଧରେ ଝଙ୍କୃତ ଥିବାର ଅନୁମେୟ ହୋଇଥିଲା। ଆଜି ବି ଆମର ସେନାବାହିନୀ ସଂଗୀତକାର ରବିଶଙ୍କର ଦ୍ୱାରା ଏହି ଗୀତକୁ ଭିନ୍ନସ୍ୱରରେ ଗାନ କରି ଦେଶର ସୁରକ୍ଷା କରୁଛନ୍ତି। ଏହି ଗୀତକୁ ମହାତ୍ମାଗାନ୍ଧୀ ଯାରବାଡା ଜେଲରେ ଥିବା ବେଳେ ପ୍ରାୟ ୧୦୦ରୁ ଅଧିକଥର ଗାଇଥିଲେ। ଏହି ଗୀତକୁ ମୁସଲମାନ ସଂପ୍ରଦାୟ ଗାଇବାକୁ ଆଗଭର ଥିବାବେଳେ ଜନ ଗଣ ମନକୁ ଗାଇବା ପାଇଁ ଉଦାଦୀନ ମନୋଭାବ ପୋଷଣ କରିଛନ୍ତି କାରଣ ଏହି ଗୀତ ରାଷ୍ଟ୍ରକୁ ଈଶ୍ୱରଙ୍କଠାରୁ ଅଗ୍ରଣୀ ସମ୍ମାନ ଦେଉଛି। ବନ୍ଦେ ମାତରମ୍‌କୁ ମଧ୍ୟ ଅନେକ ଲୋକ ଗାନ କରିବାକୁ କୁଣ୍ଠାବୋଧ କରୁଛନ୍ତି କାରଣ ଏହି ଗୀତରେ ହିନ୍ଦୁ ଦେବୀଙ୍କ ପ୍ରଶସ୍ତି ଗାନ କରାଯାଇଛି। ଅନେକ ଭାବୁଛନ୍ତି ତାଙ୍କ ଉପରେ ଏହି ଗୀତ ଗାନ କରିବା ପାଇଁ ବାଧ୍ୟତାମୁଳକଭାବେ ଲଦି ଦିଆଯାଉଛି। ମାତ୍ର ଦେଶପ୍ରୀତିର ଗାଥା ଜବରଦସ୍ତ ଗାନ କରିବା ବିରୁଦ୍ଧରେ ଥିଲେ ରବିନ୍ଦ୍ରନାଥ। ବର୍ତ୍ତମାନ ଉତ୍ତର ପ୍ରଦେଶ ସରକାର ଏକ ଅଦ୍ଭୁତ ନୀତି ପ୍ରଣୟନ କରି ରାଜ୍ୟରେ ଥିବା ମଦ୍ରାସା ବିଦ୍ୟାଳୟମାନଙ୍କରେ ଏହି ରାଷ୍ଟ୍ରଗୀତି ଗାନ କରିବା ସହ ତାହାର ଭିଡିଓ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଯାହା ଭବିଷ୍ୟତରେ ଏକ ବିରୋଧାଭାଷକୁ ଜନ୍ମ ଦେଇପାରେ, ଯେଉଁଥିରେ ରାଜନୀତିର ଗନ୍ଧ ବାରି ହେଇଯାଉଛି। ଯଦି ଭାରତ ସ୍ୱାଧୀନ ହେବାପରେ ଆମକୁ ସ୍ୱତନ୍ତ୍ରତା ମିଳିଲା ତେବେ ଆମର ଭାବନା ଓ ଇଚ୍ଛା ମଧ୍ୟ ସ୍ୱତନ୍ତ୍ର ହେବା ଦରକାର।

ବରିଷ୍ଠ ସାମ୍ବାଦିକ
ଭଗତଲେନ, ମେନ୍‌ରୋଡ, ଖୋରଧା
୮୮୯୫୫୪୭୪୯୦

# ନିବେଦନ

ଶ୍ରୀମତୀ ଉଷାରଣୀ ଶତପଥୀ



ଗୋକୁଳାନନ୍ଦ ମାଧବ.....
ନୀଳାଦ୍ରିଶ ନୀଳପଦ୍ମ.....
କୋଟି କନ୍ଦର୍ପ ନିନ୍ଦିତ.....
ମହାବଳୀୟାରଭୂଜ....... (୫)

ଜୟ ଜୟ ଜଗନ୍ନାଥ......
ତ୍ରିଲୋକର ନାଥ.....
ସୁଢ଼ଳ କମଳ ନେତ୍ର....
ଘେନ କୋଟି ପ୍ରଣିପାତ....... (୬)

ଦୁଃଖହାରି ସନାତନ....
କେଶବ ମଧୁସୂଦନ.....
ନିରାକାର ପରଂବ୍ରହ୍ମ.....
ଶ୍ରୀହରି ଗରୁଡ଼ାସନ..... (୭)

ଚନ୍ଦନ ଚର୍ଚ୍ଚିତ ଅଙ୍ଗ....
ଉଜ୍ଜ୍ୱଳ ଶ୍ୟାମଳ ରଙ୍ଗ.....
ସାଗରେ ନୀଳ ତରଙ୍ଗ.....
ଆକାଶରେ ତୁମରଙ୍ଗ..... (୮)

ମଧୁସୂଦନ ନଗର, ଖୋର୍ଦ୍ଧା,
୯୪୩୯୨୪୩୦୭୮

# ସଙ୍କଟରେ ବିବାହ ବନ୍ଧନ



ଅଜୟ କୁମାର ସାହୁ

ବେଦୀ ମୂଳରେ ଠାକୁରଙ୍କୁ ସାକ୍ଷୀ ରଖି ସାତ ଜନମକୁ ବିବାହ ବନ୍ଧନରେ ଆବଦ୍ଧ ହେଲୁ ବୋଲି ବର କନ୍ୟା ଶପଥ ନିଅନ୍ତି । ସାତ ଜନମତ ବହୁ ଦୂରରେ କିନ୍ତୁ ସଂପ୍ରତି ବିବାହର କେତେକ ମାସ କିମ୍ବା ବର୍ଷ ମଧ୍ୟରେ ଏହି ବନ୍ଧନ ଦୁର୍ବଳ ହୋଇ ବିଚ୍ଛେଦ ପର୍ଯ୍ୟନ୍ତ ଯାଉଛି । ଏଥିପାଇଁ ଆଧୁନିକ ଯୁବକ ଯୁବତୀଙ୍କର ମାନସିକ ଅପରିକ୍ୱତା, ଉପଯୁକ୍ତ ଶିକ୍ଷା ଓ ସଂସ୍କାର ଅଭାବହିଁ ଏକ ପ୍ରକାର ଦାୟୀ । ଅତୀତ ସହ ବର୍ତ୍ତମାନଙ୍କୁ ତୁଳନା କଲେ ଆକାଶ ପାତାଳ ତଫାତ୍ ଦେଖାଯାଏ । କବି ଗୋଦାବରୀଶ ମିଶ୍ରଙ୍କ ରଚିତ କବିତା "କାଳିଜାଇ" ରେ ଝିଅ କାଳିଜାଇ ଶାଶୂ ଘରକୁ ଯିବା ସମୟରେ ବାହୁନି ବାହୁନି କାନ୍ଦିବା ସମୟରେ ନିଜର ମନର କଥା ପ୍ରକାଶ କରି ବାପାଙ୍କୁ ପ୍ରଶ୍ନ କରିଥିଲେ ଯେ "ବାପା, ଆପଣ ବରର ରୂପ, ବିଦ୍ୟା ଏବଂ ବିଭବ ମଧ୍ୟରୁ କେଉଁ ଗୁଣଟିକୁ ପସନ୍ଦ କରି ମୋତେ ତାଙ୍କ ସହିତ ବିବାହ ଦେଲ ।

"ବର ବୋଲି ଯାର ଧରାଇଲ ହାତ କି ତା'ର ଦେଖିଲ ଶିରି,
ରୂପ ବିଦ୍ୟା ଆଉ ବିଭବ ବାପାହେ ତିନ୍ନିହେଁ ତିନ୍ନିକି ବଳି"

ଉକ୍ତ ପଦ୍ୟାଂଶରୁ ଜଣାଯାଏ ଯେ ବାପା ଝିଅ ପାଇଁ ଠିକ୍ କରିଥିବା ବର ନିକଟରେ ବୋଧହୁଏ ଉପରୋକ୍ତ ଗୁଣରୁ ଗୋଟିଏ ହେଲେ ଗୁଣ ନଥିଲା । ତେଣୁ ସେ ଖୁସି ନଥିଲା । ଜାଇ ମଧ୍ୟ ତା ବୋଉଠାରୁ ବିଦାୟ ନେବାବେଳେ କହିଥିଲା ଯେ ସେ ତାର କପାଳ ଆଦରି ଶାଶୂ ଘରକୁ ଯାଉଛି ।

"କପାଳ ଆଦରି ଯାଉଛି ବୋଉଲୋ,ପାସୋରି ନ ଦେବୁ ମନୁ"

ଏଣୁ ସେତେବେଳର ପାରିବାରିକ ସଂସ୍କାର ଓ ପ୍ରଥାକୁ ବିରୋଧ ନ କରି ଝିଅଟି(କାଳିଜାଇ) ବାପା ଓ ମାଙ୍କ ପସନ୍ଦକୁ ସମ୍ମାନ ଦେଇ ଚିଲିକା ମଧ୍ୟରେ ଥିବା ପାରିକୁଦ ରାଇଜକୁ ବିନା ପ୍ରତିବାଦରେ ବୋହୂ ହୋଇ ଯାଉଥିଲା । ସଂପ୍ରତି ପରିସ୍ଥିତି କିନ୍ତୁ ବଦଳି ଯାଇଛି ଦେଖା ଯାଉଛି ଅଧିକାଂଶ ଝିଅ ନିଜ ପସନ୍ଦର ପୁଅକୁ ଜୀବନ ସାଥୀ ରୂପେ ଗ୍ରହଣ କରୁଛନ୍ତି ସେ ହେଉ ମୂର୍ଖ, ଅଶିକ୍ଷିତ କିମ୍ବା ଦରିଦ୍ର । ଆଧୁନିକ ଯୁଗରେ ମୋବାଇଲ୍, ଫେସବୁକ୍ କିମ୍ବା ହ୍ୱାଟ୍ସଆପ ମାଧ୍ୟମରେ ସେ ପୁଅଟି ସହ ସମ୍ପର୍କ ସ୍ଥାପନ କରି ଶେଷରେ ଝିଅକୁ ବିବାହ କରିଥାଏ । ଦୂରଦୃଷ୍ଟି ଅଭାବରୁ ଝିଅଟି ନେଉଥିବା ନିଷ୍ପତ୍ତିର ଭବିଷ୍ୟତ ଫଳାଫଳ ପ୍ରତି ଧ୍ୟାନ ଦେଇ ନଥାଏ । ଫଳରେ ବିବାହର କିଛି ମାସ କିମ୍ବା ବର୍ଷ ପରେ ବିବାହ ବନ୍ଧନର ବିଚ୍ଛେଦ ଘଟିଥାଏ । ଏପରି ଏକ ଅପରିଣାମଦର୍ଶୀ ନିଷ୍ପତ୍ତି କେବଳ ଯେ ସେହିପରି ଝିଅମାନଙ୍କର ସୁନେଲି ସ୍ୱପ୍ନକୁ ଧୂଳିସାତ କରିଦିଏ ତାହା ନୁହେଁ ତାହାସହିତ ଜନ୍ମ ଦେଇଥିବା ପିତାମାତାଙ୍କର ମୁଣ୍ଡରେ ହଠାତ୍ ଏକ ଚଡକ ପଡିଥାଏ । ସମାଜରେ ସେମାନଙ୍କର ମାନ ସମ୍ମାନରେ କଳଙ୍କ ଲାଗିବା ସହ ଝିଅର ଅବଶିଷ୍ଟ ଜୀବନ କଥା ଚିନ୍ତା କରି ପରିଣତ ବୟସରେ ସେମାନଙ୍କୁ ଅତ୍ୟନ୍ତ ଦୁଃଖ କଷ୍ଟ ଭୋଗିବାକୁ ପଡିଥାଏ ।

ପୁଅଟିର ମିଥ୍ୟା ରଙ୍ଗୀନ କଥାସବୁ ଯେପରିକି ଯୋଗ୍ୟତା ପରିବାରର ଖାନଦାନି, ନିଜର ଚାକିରି ଇତ୍ୟାଦିରେ ଫସିଯାଇ ଝିଅଟି କୌଣସି ସତ୍ୟାସତ୍ୟ ସନ୍ଧାନ ନକରି ନିଜେ ନିଜେ ବିବାହ ପରି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏକ ତରଫା ନେଇଥାଏ । ନେଡିଗୁଡ କହୁଣୀକୁ ବହିଗଲାପରେ ବେଳେବେଳେ ଝିଅଟି ଆତ୍ମହତ୍ୟା ପାଇଁ ଏକ ଚରମ ନିଷ୍ପତ୍ତି ନେଇଥାଏ । କାରଣ ସେତେବେଳେ ବାପା,ମାଆ କିମ୍ବା କୌଣସି ବନ୍ଧୁବାନ୍ଧବଙ୍କୁ ଦୋଷ ଦେବାପାଇଁ ତାକୁ ସୁଯୋଗ ନଥାଏ । ଆତ୍ମହତ୍ୟା ପରି ଏକ ଚରମ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରି ଝିଅଟି ଶେଷରେ ବାପା ମା ନିଜ ବନ୍ଧୁବାନ୍ଧବ ବ୍ୟତିତ ବିବାହ କରିଥିବା ପୁଅ ଏବଂ ତାର ପରିବାରକୁ ମଧ୍ୟ କାଠ ଗଡାକୁ ଟାଣି ନେଇଥାଏ । ସେତେବେଳେ ଦୋଷୀ ନିର୍ଦ୍ଦୋଷ ସମସ୍ତେ ଆଇନର ସନ୍ଦେହରେ ପରିସରକୁ ଆସିଯାଇଥାନ୍ତି । ଦୁଇ ପରିବାର ସଦସ୍ୟମାନେ ଅତ୍ୟଧିକ ମାନସିକ ଚାପର ଶିକାର ହୋଇଥାନ୍ତି ।

ପରିସ୍ଥିତି ଏପରି ହେଲାଣି ଯେ ବିବାହ ପୂର୍ବରୁ କେବଳ ପୁଅ ପକ୍ଷ ନୁହେଁ ଝିଅ ପକ୍ଷ ମଧ୍ୟ ପରସ୍ପରର ପରିବାର, ଆଭିଜାତ୍ୟ ବନ୍ଧୁବାନ୍ଧବ, ଶିକ୍ଷା, ସଂସ୍କାର ଆଦି ବିଷୟରେ ସଂପୂର୍ଣ୍ଣ ବିବରଣୀ ସଂଗ୍ରହ କରିବା ଉଚିତ । ଅତୀତରେ ପୁଅ ଏବଂ ଝିଅ ପକ୍ଷର ସଦସ୍ୟମାନେ ପରସ୍ପର ପରିବାରର ଖାନଦାନୀ ଚାଲିଚଳନ ଇତ୍ୟାଦି ବିଷୟ ନିଜେ କିମ୍ବା ବନ୍ଧୁବାନ୍ଧବଙ୍କ ମାଧ୍ୟମରେ ସଂଗ୍ରହ କରି ଶେଷ ନିଷ୍ପତ୍ତି ନେଉଥିଲେ । ସୁବିଧା ଅସୁବିଧାବେଳେ ମଧ୍ୟସ୍ଥିମାନେ ବସି ଉପୁଜୁଥିବା କଳହ କିମ୍ବା ମନୋମାଳିନ୍ୟକୁ ସହଜରେ ସମାଧାନ କରି ଉଜୁଡୁଥିବା ସଂସାରକୁ ସଜାଡୁ ଥିଲେ ।

ସଂପ୍ରତି ପରିବାର କୋର୍ଟ କିମ୍ବା ମହିଳା କମିଶନଙ୍କ ନିକଟକୁ ପ୍ରତ୍ୟହ ପାରିବାରିକ ମାମଲାମାନ ଆସୁଛି । ଯାହାର ସମାଧାନ କରିବା କୋର୍ଟର ମୁଣ୍ଡ ବ୍ୟଥାର କାରଣ ହୋଇଛି । କୋର୍ଟରେ ଏପରି ପାରିବାରିକ ବିଚ୍ଛେଦ ମାମଲା ଦିନକୁ ଦିନ ବଢି ଚାଲିଛି । ଦୁଇ ପକ୍ଷ ପରିବାରର ସଦସ୍ୟମାନେ ପରିଣତ ବୟସରେ ଅସୀମ ମାନସିକ ଯନ୍ତ୍ରଣା,ଅର୍ଥବ୍ୟୟ ସମୟ ଅପଚୟରେ ପେଶି ହୋଇ ଯାଉଛନ୍ତି । ସୁନାର ସଂସାର ଚୂନା ହୋଇଯାଉଛି । ଏ ସବୁକୁ ବିଚାରକୁ ନେଇ ଅଧୁନା ପୁଅ ଝିଅମାନେ ସତର୍କତାର ସହ ନିଜର ଜୀବନ ସାଥୀ ବାଛିବା ଉଚିତ ହେବ ।

ଏନ୍-୫,୨୨୩, ଆଇ.ଆର.ସି. ଭିଲେଜ,
ଭୁବନେଶ୍ୱର-୧୫
ଦୁରଭାଷ-୯୪୩୭୩୦୭୨୬୪



# ଘଡିଆଳ

ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର


ଘଡିଆଳ ଏକ ପ୍ରଜାତିର କୁମ୍ଭୀର ଓ ଏହା ସରିସୃପ ଶ୍ରେଣୀର ମେରୁଦଣ୍ଡୀ ପ୍ରାଣୀ ଅଟେ। ଆମ ଭାରତ ତଥା ପୃଥିବୀରେ ବିଭିନ୍ନ ପ୍ରକାରର କୁମ୍ଭୀର ଦେଖାଯାଆନ୍ତି, ସେମାନଙ୍କ ମଧ୍ୟରେ ଘଡିଆଳ ଅନ୍ୟତମ ଓ ଆମ ଓଡ଼ିଶାର ନଦୀମାନଙ୍କରେ ଏମାନଙ୍କର ବାସସ୍ଥଳୀ। ବିଶେଷ କରି ଭାରତରେ ଏମାନେ ଦେଖାଯାଉଥିବାରୁ ଏମାନଙ୍କୁ ଭାରତୀୟ ଘଡିଆଳ କୁହାଯାଏ। ଏମାନଙ୍କର ବୈଜ୍ଞାନିକ ନାମ ହେଉଛି Gavialis gangeticus । ଏମାନେ ବେଳେବେଳେ ନଦୀ କୂଳରେ ଥିବା ସ୍ଥଳଭାଗ ଉପରକୁ ଚାଲିଆସିଥାନ୍ତି। ବିଶେଷ କରି ସୂର୍ଯ୍ୟକିରଣରେ ନିଜକୁ ସାମିଲ୍ କରିବା ଏବଂ ବାଲିରେ ବସାବାନ୍ଧିବାକୁ ପସନ୍ଦ କରିଥାନ୍ତି। ଏମାନଙ୍କର ଏକ ଦୀର୍ଘ ଅଣଓସାରିଆ ଥଣ୍ଟରହିଥାଏ। ଏହି ଥଣ୍ଟ ଛୋଟବେଳୁ ଆରମ୍ଭ ହୋଇ ବୟସ୍କ ପର୍ଯ୍ୟନ୍ତ ବଢିଥାଏ। ପୁରୁଷମାନଙ୍କ ଥଣ୍ଟକୁ 'ଘର' କୁହାଯାଏ। ଏହି ଥଣ୍ଟ ସାହାଯ୍ୟରେ ଏମାନେ ବିଭିନ୍ନ ପ୍ରକାରର କାର୍ଯ୍ୟ ଯଥା ଖାଦ୍ୟ ଗ୍ରହଣ, ପୁରୁଷମାନେ ସ୍ତ୍ରୀମାନଙ୍କୁ ଆକର୍ଷଣ କରିବା ଓ ସଙ୍ଗମ ବେଳେ ସାହାଯ୍ୟ କରିଥାଏ। ଏମାନଙ୍କ ଦେହର ଲମ୍ବ ପ୍ରାୟ ୭ମିଟର ଓ ଲାଞ୍ଜ ଓସାରିଆ ଅଟେ। ଲାଞ୍ଜ ସାହାଯ୍ୟରେ ପାଣିରେ ଶିଘ୍ର ପଁହରି ପାରନ୍ତି। ସ୍ଥଳ ଭାଗକୁ ଯିବା ସମୟରେ ସେମାନେ ତାଙ୍କ ଦେହକୁ ଗଡେଇ ଗଡେଇ ଆଗକୁ ଚାଲିଥାନ୍ତି। ଏମାନେ ଛୋଟଛୋଟ ପ୍ରାଣୀ, କୀଟପତଙ୍ଗ, ବେଙ୍ଗ, କଙ୍କଡା ଓ ମାଛ ଆଦି ଖାଇଥାନ୍ତି। ବୟସ୍କ କୁମ୍ଭୀରମାନେ ମାଛ ଖାଇବାକୁ ପସନ୍ଦ କରିଥାନ୍ତି। ଏମାନେ ଭିନ୍ନଭିନ୍ନ ତିନି ପ୍ରକାର ଉପାୟରେ ଶିକାର କରିଥାନ୍ତି। ଯଥା ଗୋଟିଏ ସ୍ଥାନରେ ରହି ଶିକାରକୁ ଧରିଥାନ୍ତି, ଶିକାରକୁ ଗୋଡେଇ ଗୋଡେଇ ଧରିଥାନ୍ତି ଓ ଏମାନଙ୍କର ଚର୍ମରେ ଥିବା ଘ୍ରାଣଶକ୍ତି ଦ୍ୱାରା ଶିକାରକୁ ଟାଣି ଆଣନ୍ତି।

ଏମାନେ ଶୀତଋତୁରେ ସ୍ଥଳଭାଗକୁ ଆସି ସୂର୍ଯ୍ୟକିରଣର ଉତ୍ତାପକୁ ଗ୍ରହଣ କରିବା ପାଇଁ ଭଲ ପାଇଥାନ୍ତି। ଗ୍ରୀଷ୍ମ ଋତୁରେ ଖୁବ୍ କମ୍ ସମୟ ସ୍ଥଳଭାଗକୁ ଆସିଥାନ୍ତି। ଏମାନଙ୍କ ବିଶେଷତ୍ୱ ହେଉଛି ଏମାନଙ୍କ ଚର୍ମରେ ଏକ ପ୍ରକାର ଘ୍ରାଣ କେନ୍ଦ୍ର ଥାଏ ଓ ଦେହରେ ଛୋଟ ଛୋଟ ଦାଗ ଥାଏ, ଯାହାକି ସେମାନେ ପାଣିର ଗତିକୁ ଆକଳନ କରିଥାନ୍ତି। ଏମାନଙ୍କ ଆଖି ୨ଟି ଖୁବ୍ ଶକ୍ତିଶାଳୀ ଓ ରାତ୍ରୀରେ ମଧ୍ୟ ଭଲଭାବରେ ଦେଖିପାରନ୍ତି।

ଏମାନଙ୍କର ସଙ୍ଗମ ସମୟ ନଭେମ୍ବର ମାସରୁ ଫେବୃୟାରୀ ମାସମାଧ୍ୟରେ ହୋଇଥାଏ। ପୁରୁଷମାନେ ଏକ ଶବ୍ଦ ସୃଷ୍ଟି କରନ୍ତି ଯାହାକି ସ୍ତ୍ରୀମାନେ ଆକର୍ଷିତ ହୋଇ ଆସିଥାନ୍ତି। ଜଳ ମଧ୍ୟରେ ଭାସମାନ ଅବସ୍ଥାରେ ପ୍ରାୟ ୩୦ମିନିଟ୍ କାଳ ସଙ୍ଗମ ହୋଇଥାଏ। ନଦୀ କୂଳରେ ସ୍ତ୍ରୀମାନେ ଗାତ ଖୋଳି ଅଣ୍ଡା ଦେଇଥାନ୍ତି ଓ ଥରକେ ୨୦ ରୁ ୬୦ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି। ଅଣ୍ଡାଗୁଡିକର ଓଜନ ପ୍ରାୟ ୧୫୦ଗ୍ରାମ୍, ୫.୫ସେମି. ଓସାର ଓ ୮.୬ସେମି. ଲମ୍ବ ଅଟେ। ପ୍ରାୟ ୬୦ ରୁ ୮୦ ଦିନ ମଧ୍ୟରେ ଅଣ୍ଡାଗୁଡିକରୁ ଛୁଆ ବାହରି ଥାଏ। ଛୁଆମାନଙ୍କର ଲମ୍ବ ୧୮ସେମି. ହୋଇଥାଏ। ଏହି ସମୟରେ ସ୍ତ୍ରୀ ମାନେ ଛୁଆମାନଙ୍କୁ ଜଗିରହିଥାନ୍ତି। ସ୍ତ୍ରୀ ଘଡିଆଳମାନେ ୮ବର୍ଷରେ ଓ ପୁରୁଷ ମାନେ ୧୫ ବର୍ଷରେ ପ୍ରାପ୍ତ ବୟସ୍କ ହୋଇଥାନ୍ତି। ଏମାନଙ୍କର ଜୀବନ କାଳ ୧୦୦ବର୍ଷ ଅଟେ।

ଘଡିଆଳ କୁମ୍ଭୀରମାନଙ୍କ ଅଣ୍ଡା ଓ ଥଣ୍ଟରୁ ବିଭିନ୍ନ ପ୍ରକାରର ଔଷଧ ପ୍ରସ୍ତୁତ ହୋଇଥାଏ। ଏଥିପାଇ ଶିକାରୀମାନେ ଏମାନଙ୍କୁ ମାରିଥାନ୍ତି। ଏମାନଙ୍କ ସଂଖ୍ୟା ଆସ୍ତେ ଆସ୍ତେ କମିଗଲାଣି ଓ ଏବର ଗଣନା ଅନୁଯାୟୀ ଏମାନଙ୍କ ସଂଖ୍ୟା ପ୍ରାୟ ୬୦ଭାଗ କମିଗଲାଣି। ଏମାନେ ସଙ୍କାକୁଳ ପ୍ରଜାତିଭାବେ ଓଟଓଘ ଦ୍ୱାରା ଘୋଷିତ ହୋଇଛି ଓ ଏହା ପ୍ରଥମ କୁମ୍ଭୀର ପ୍ରଜାତିଭାବେ ସଙ୍କାକୁଳ। ତେଣୁ ଏମାନଙ୍କ ସୁରକ୍ଷା ଓ ବଂଶ ବିସ୍ତାର ପାଇଁ ସରକାର ଘଡିଆଳ ସଂରକ୍ଷଣ କେନ୍ଦ୍ର ମାନ ସ୍ଥାପନ କରିଛନ୍ତି। ଏପରିକି ଭାରତ ବ୍ୟତିତ ପାକିସ୍ତାନ ଓ ମିଆଁମାର ଦେଶରେ ଏମାନଙ୍କ ସଂରକ୍ଷଣ ପାଇଁ ପଦକ୍ଷେପ ନିଆଗଲାଣି। ତେଣୁ ପର୍ଯ୍ୟଟକମାନଙ୍କୁ ଆକର୍ଷଣ କରିବା ପାଇଁ ଘଡିଆଳ ସଂରକ୍ଷଣ କେନ୍ଦ୍ର ଜରୁରୀ ଅଟେ। ବାସ୍ତବରେ ଏମାନଙ୍କର ବଂଶ ବିସ୍ତାର ଓ ସୁରକ୍ଷା ପାଇଁ ସରକାର ଓ ଜନସାଧାରଣ ଆଗେଇ ଆସିବା ଦରକାର।

ପ୍ରାଣୀବିଜ୍ଞାନ ବିଭାଗ
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ,ବାଙ୍କୀ



# ଫୁଟବଲ ଖେଳର ଏକ ବିଶ୍ୱକପ୍ ଏବେ ଭାରତରେ



**ଆଶିଷ କୁମାର ରାୟ**




ଅମରଜିତ ସିଂହ କିୟାମ୍, ସୁରେଶ ସିଂହ ୱାଙ୍ଗଜାମ୍, କୁମାନଥେମ୍ ମିତେଇ, ବୋରିସ ସିଂହ ଥାଙ୍ଗଜାମ୍, ଧୀରଜ ସିଂହ ମୋଇରାଙ୍ଗଥାମ୍, ଜିକୋନ ସିଂହ, ନାଙ୍ଗଡାମ୍ବା ନାଓରେମ୍ ଏବଂ ମହମ୍ମଦ ଶାହାଜାହାନ - ଏହି ଆଠଜଣ ଯୁବା ଫୁଟବଲ ଖେଳାଳିଙ୍କ ନାମ ସହିତ ପ୍ରାୟତଃ କେହି ପରିଚିତ ନଥିବେ। ଏବେ କିନ୍ତୁ ଏମାନଙ୍କ ନାମ ସହିତ ପରିଚିତ ହେବାର ସମୟ ଆସିଯାଇଛି। ଭାରତର ଉତ୍ତର-ପୂର୍ବରେ ଅବସ୍ଥିତ ମଣିପୁର ରାଜ୍ୟର ଏହି ଆଠଜଣ ଖେଳାଳି ସାମିଲ ଅଛନ୍ତି ଭାରତୀୟ କିଶୋର ଦଳରେ, ଯେଉଁମାନେ କି ଏହି ମାସର ୬ତାରିଖରୁ ୨୮ତାରିଖ ପର୍ଯ୍ୟନ୍ତ ଆମ ଦେଶରେ ଆୟୋଜିତ ହେଉଥିବା ୧୭ବର୍ଷରୁ କମ ଫିଫା ବିଶ୍ୱକପରେ ଅଂଶଗ୍ରହଣ କରୁଛନ୍ତି। ଏମାନଙ୍କ ସହିତ ରହିଛନ୍ତି ପଶ୍ଚିମ ବଙ୍ଗର ଅଭିଜିତ ସରକାର, ରହିମ ଅଲ୍ଲୀ ଓ ଜୀତେନ୍ଦ୍ର ସିଂହ, ପଞ୍ଜାବର ଅନୱାର ଅଲ୍ଲୀ, ପ୍ରଭୁ ସିଂହ ଗିଲ୍ ଓ ସନୀ ଧାଲିୱାଲ, କର୍ଣ୍ଣାଟକର ସଂଜୀବ ଷ୍ଟାଲିନ୍ ଓ ହେଣ୍ଡ୍ରୀ ଆଣ୍ଟୋନୀ, ମହାରାଷ୍ଟ୍ରର ନମିତ ଦେଶପାଣ୍ଡେ ଓ ଅନିକେତ ଯାଧବ, ସିକିମର କୋମଲ ଥାଟାଲ, ମିଜୋରାମର ଲାଲେଙ୍ଗ ମାୱିଆ ତଥା କେରଳର ରାହୁଲ ପ୍ରବୀନ । ଏମାନେ ସମସ୍ତେ ବିଶ୍ୱକପ୍ ଖେଳିବା ନିମନ୍ତେ ପ୍ରସ୍ତୁତ ହୋଇଛନ୍ତି ମୁଖ୍ୟ ପ୍ରଶିକ୍ଷକ ଲୁଇ ନୋର୍ଟନ୍ ଡି ମାଟୋସ୍‌ଙ୍କ ତତ୍ତ୍ୱାବଧାନରେ, ଯିଏକି ହେଉଛନ୍ତି ପର୍ତ୍ତୁଗାଲର ପୂର୍ବତନ ଖେଳାଳି ।

ପ୍ରକୃତରେ ଦେଖିବାକୁ ଗଲେ ବିଶ୍ୱ ଫୁଟବଲ ସଂଘ (ଫିଫା) ଦ୍ୱାରା ଭାରତରେ ଅଣ୍ଡର ସେଭେଣ୍ଟିନ୍ ବିଶ୍ୱକପ୍ ଆୟୋଜିତ ହେବା ନିଶ୍ଚିତ ଭାବେ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା। ଦେଶରେ ଫୁଟବଲ ଖେଳର ଲୋକପ୍ରିୟତା ବୃଦ୍ଧି କରିବାର ଲକ୍ଷ୍ୟ ନେଇ ଫିଫା ପକ୍ଷରୁ ଭାରତକୁ ଏହି ଆୟୋଜନ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏଭଳି ବିଶ୍ୱସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଭାରତରେ ପ୍ରଥମଥର ସକାଶେ ଆୟୋଜିତ ହେଉଥିବା ଦୃଷ୍ଟିରୁ ଏହାକୁ ସଫଳ କରିବା ନିମନ୍ତେ ଭାରତୀୟ ଫୁଟବଲ ସଂଘ ସହିତ କ୍ରୀଡ଼ା ମନ୍ତ୍ରଣାଳୟ ମଧ୍ୟ ତତ୍ପର। ଏଥିପାଇଁ ଛଅଗୋଟି ଷ୍ଟାଡିୟମକୁ ପ୍ରସ୍ତୁତ କରାଯାଇଛି। ସେଗୁଡ଼ିକ ହେଲା - ନୂଆଦିଲ୍ଲୀର ଜବାହରଲାଲ ନେହେରୁ ଷ୍ଟାଡିୟମ, ଗୋଆର ମାଡ଼ଗାଓଁ ସ୍ଥିତ ଫଟୋର୍ଡା ଷ୍ଟାଡିୟମ, ଆସାମର ଗୁଆହାଟି ସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, କେରଳର କୋଚି ସ୍ଥିତ ଜବାହରଲାଲ ନେହେରୁ ଷ୍ଟାଡିୟମ, ନବି ମୁମ୍ବାଇର ଡି. ୱାଇ. ପାଟିଲ ଷ୍ଟାଡିୟମ ତଥା କୋଲକାତାର ସଲଟ ଲେକ୍ ସ୍ଥିତ ଯୁବ ଭାରତୀ କ୍ରୀଡ଼ାଙ୍ଗନ । ଅକ୍ଟୋବର ୬ ତାରିଖ ଦିନ ନୂଆଦିଲ୍ଲୀଠାରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେଉଥିବା ବେଳେ ଅକ୍ଟୋବର ୨୮ ତାରିଖ ଦିନ କୋଲକାତାରେ ଖେଳାଯିବ ଫାଇନାଲ ମ୍ୟାଚ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଶ୍ୱ ଫୁଟବଲକୁ ନିୟନ୍ତ୍ରିତ କରୁଥିବା ସଂସ୍ଥା ଫିଫା ୧୯୩୦ରୁ ପ୍ରତି ଚାରିବର୍ଷରେ ପୁରୁଷମାନଙ୍କର ବିଶ୍ୱକପ୍ ଆୟୋଜନ କରିଆସୁଛି। ସେହିଭଳି ୧୯୯୧ରୁ ଚାରିବର୍ଷରେ ଥରେ ଅନୁଷ୍ଠିତ ହୋଇଆସୁଛି ମହିଳା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତା। ତେବେ ଜୁନିଅର ଖେଳାଳିମାନଙ୍କୁ ଫୁଟବଲ ଜଗତରେ ପରିଚିତ କରାଇବା ସହିତ ଭବିଷ୍ୟତର ତାରକା ଗଢ଼ିବା ଉଦ୍ଦେଶ୍ୟରେ ଫିଫା ପକ୍ଷରୁ ୧୯୭୭ ମସିହାରେ ପ୍ରଥମଥର ସକାଶେ ଅୟୋଜିତ ହୋଇଥିଲା ୱାର୍ଲଡ ଯୁଥ୍ ଚାମ୍ପିଆନଶିପ୍। ଦୁଇବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ପରବର୍ତ୍ତୀ ସମୟରେ ୨୦୦୭ରୁ ଫିଫା ଅଣ୍ଡର-ଟ୍ୱେଣ୍ଟି ୱାର୍ଲଡ କପ୍ ଭାବେ ପରିଚିତ ହୋଇଆସୁଛି। ଚଳିତ ବର୍ଷ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଫାଇନାଲରେ ଭେନେଜୁଆଲାକୁ ପରାସ୍ତ କରି ଇଂଲାଣ୍ଡ ଦଳ ଚାମ୍ପିଆନ୍ ଆଖ୍ୟା ଅର୍ଜନ କରିଛି। ସେହିଭଳି ୧୯୮୫ରେ ଫିଫା ଦ୍ୱାରା ଚୀନରେ ପ୍ରଥମଥର ସକାଶେ ଅୟୋଜିତ ହୋଇଥିଲା ଅଣ୍ଡର-ସିକ୍ସଟିନ୍ ବିଶ୍ୱକପ୍। ୧୯୯୧ରୁ ଏହି ଟୁର୍ଣ୍ଣାମେଣ୍ଟକୁ ଫିଫା ଅଣ୍ଡର-ସେଭେଣ୍ଟିନ୍ ପ୍ରତିଯୋଗିତାରେ ପରିଣତ କରାଯାଇଛି। ଏଥିରେ ଅଫ୍ରିକୀୟ ରାଷ୍ଟ୍ର ନାଇଜେରିଆ ସର୍ବାଧିକ ପାଞ୍ଚଥର ଚାମ୍ପିଆନ୍ ହୋଇଥିବା ବେଳେ ବ୍ରାଜିଲ ତିନିଥର, ଘାନା ଓ ମେକ୍ସିକୋ ଦୁଇଥର ଲେଖାଏଁ ଚାମ୍ପିଆନ୍ ହୋଇଛନ୍ତି। ଏତଦ୍‌ବ୍ୟତୀତ ସୋଭିଏତ୍ ୟୁନିୟନ, ସାଉଦି ଆରବ, ଫ୍ରାନ୍ସ ଏବଂ ସ୍ୱିଜରଲାଣ୍ଡ ମଧ୍ୟ ଥରେ ଲେଖାଏଁ ଚାମ୍ପିଆନ୍ ହେବାର ଗୌରବ ହାସଲ କରିଛନ୍ତି।




ଏବେ ଭାରତରେ ଅୟୋଜିତ ହେଉଛି ଏହି ଫିଫା ଅନୂର୍ଦ୍ଧ-୧୭ ବିଶ୍ୱକପ୍‌ର ସତରତମ ସଂସ୍କରଣ। ଏଥିରେ ଅଂଶଗ୍ରହଣ କରୁଥିବା ମୋଟ ୨୪ଟି ଦଳଙ୍କୁ ଛଅଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। 'ଗ୍ରୁପ୍-ଏ'ରେ ଆୟୋଜକ ଭାରତ ସହିତ



ଯୁକ୍ତରାଷ୍ଟ୍ର ଆମେରିକା, କଲମ୍ବିଆ ଓ ଘାନା ରହିଥିବା ବେଳେ 'ଗ୍ରୁପ୍-ବି'ରେ ସାମିଲ ଅଛନ୍ତି ପାରାଗୁଏ, ମାଲି, ନ୍ୟୁଜିଲାଣ୍ଡ ଓ ତୁର୍କୀ ଦଳ । 'ଗ୍ରୁପ୍-ସି'ରେ ଜର୍ମାନୀ, ଇରାନ, ଗିନି ଓ କୋଷ୍ଟାରିକା ସ୍ଥାନ ପାଇଥିବା ବେଳେ 'ଗ୍ରୁପ୍-ଡି'ରେ ରହିଛନ୍ତି ବ୍ରାଜିଲ, ସ୍ପେନ୍, ଉତ୍ତର କୋରିଆ ଓ ନିଗର୍ ଦଳ। ସେହିଭଳି 'ଗ୍ରୁପ୍-ଇ'ରେ ଫ୍ରାନ୍ସ, ଜାପାନ, ଓନ୍ଦୁରାସ ଓ ନ୍ୟୁ କାଲେଡୋନିଆ ତଥା 'ଗ୍ରୁପ୍-ଏଫ୍'ରେ ଇଂଲାଣ୍ଡ, ଇରାକ୍, ମେକ୍ସିକୋ ଏବଂ ଚିଲୀ ଭଳି ଦଳ ସାମିଲ ରହିଛନ୍ତି। ଏମାନଙ୍କୁ ନେଇ ପ୍ରତ୍ୟେକ ଗ୍ରୁପରେ ପ୍ରାରମ୍ଭିକ ରାଉଣ୍ଡର ମୁକାବିଲା ପରେ ୧୬ଟି ଦଳ ପ୍ରି-କ୍ୱାର୍ଟର ଫାଇନାଲର ନକଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଏହାପରେ ହେବ କ୍ୱାର୍ଟର ଫାଇନାଲ ଓ ସେମି ଫାଇନାଲ ମ୍ୟାଚ ଏବଂ ପରିଶେଷରେ ଅକ୍ଟୋବର ୨୮ରେ ହେବ ଚୂଡ଼ାନ୍ତ ମୁକାବିଲା, ଯାହାକୁ ଉପଭୋଗ କରିବା ପାଇଁ ଷ୍ଟାଡିୟମରେ ଉପସ୍ଥିତ ରହିବେ ହଜାର ହଜାର ଦର୍ଶକ। ଏତଦ୍‌ବ୍ୟତୀତ ଟେଲିଭିଜନରେ ମଧ୍ୟ ଏହାର ମଜା ଉଠାଇବେ ଆମ ଦେଶର କୋଟି କୋଟି ଫୁଟବଲ ପ୍ରେମୀ।

ଏହି ପ୍ରତିଯୋଗିତାରେ ବ୍ରାଜିଲ, ଜର୍ମାନୀ, ଇଂଲାଣ୍ଡ, ସ୍ପେନ୍, ଘାନା, ଇରାନ ଆଦି ଦଳ ରହିଥିଲେ ହେଁ ଆମ ଦେଶର କ୍ରୀଡ଼ାପ୍ରେମୀଙ୍କ ଦୃଷ୍ଟି ନିଶ୍ଚିତ ଭାବେ ନିବଦ୍ଧ ରହିବ ଅମରଜିତ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଉପରେ । ଉଦ୍‌ଘାଟନୀ ଦିବସରେ ଦିଲ୍ଲୀଠାରେ ଯୁକ୍ତରାଷ୍ଟ୍ର ଆମେରିକା ବିରୁଦ୍ଧରେ ଭାରତର ପ୍ରଥମ ମ୍ୟାଚ ରହିଥିବା ବେଳେ ସେହି ଷ୍ଟାଡିୟମରେ ୯ ତାରିଖ ଦିନ କଲମ୍ବିଆ ବିପକ୍ଷରେ ଏବଂ ୧୨ ତାରିଖରେ ଘାନା ବିପକ୍ଷରେ ଲିଗ୍ ପର୍ଯ୍ୟାୟର ପରବର୍ତ୍ତୀ ମୁକାବିଲା ରହିଛି। ଲିଗ୍ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କଲେ ଯାଇ ନକ୍‌ଆଉଟ୍ ରାଉଣ୍ଡ କଥା ଚିନ୍ତା କରାଯିବ। ସୁତରାଂ ଏହି ଲକ୍ଷ୍ୟ ପ୍ରାପ୍ତ କରିବାକୁ ହେଲେ ଆମ ଖେଳାଳିମାନଙ୍କୁ ଦଳବଦ୍ଧ ଭାବେ ପରସ୍ପର ସମନ୍ୱୟ ରଖି ଖେଳିବା ସହିତ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ । ତେବେ ମୁକାବିଲା ଯେ ଏତେ ସହଜ ନୁହେଁ ତାହା ଯେ କେହି ସ୍ୱୀକାର କରିବେ ।


ନିକଟ ଅତୀତରେ ଅଳ୍ପ କେତୋଟି ମ୍ୟାଚକୁ ଛାଡ଼ିଦେଲେ ଭାରତର ଏହି କିଶୋର ଦଳର ପ୍ରଦର୍ଶନ ସେଭଳି କିଛି ଖାସ୍ ହୋଇପାରି ନାହିଁ। ଅବଶ୍ୟ ଗତ ମାର୍ଚ୍ଚ ମାସରେ ପର୍ତ୍ତୁଗୀଜ ପ୍ରଶିକ୍ଷକ ଲୁଇ ନୋର୍ଟନ ଡି ମାଟାସ୍ ଦାୟିତ୍ୱ ବହନ କରିବା ପରେ ଏହି ଦଳର ପ୍ରଦର୍ଶନରେ ଅନେକଟା ଉନ୍ନତି ପରିଲକ୍ଷିତ ହୋଇଛି। ଖେଳାଳିମାନଙ୍କ ମଧ୍ୟରେ ଅପୂର୍ବ ସମନ୍ୱୟ ଦେଖିବାକୁ ମିଳୁଛି। ସେହି ଦୃଷ୍ଟିରୁ ଆଶା ଜାଗିଉଠିବା ସ୍ୱାଭାବିକ। ଡି ମାଟାସ୍ ମଧ୍ୟ ଅଧିନାୟକ ଚୟନ ନିମନ୍ତେ ଏକ ଅଭିନବ ପନ୍ଥା ଅବଲମ୍ବନ କରି ସମସ୍ତ ଖେଳାଳିଙ୍କୁ ଏଥିପାଇଁ ଭୋଟ ଦେବା ପାଇଁ କହିଥିଲେ ଏବଂ ସେଥିରେ ଅଧିକାଂଶ ଖେଳାଳିଙ୍କ ସମର୍ଥନ ପାଇ ଅମରଜିତ ନେତୃତ୍ୱ ଦାୟିତ୍ୱ ବହନ କରୁଛନ୍ତି। ତେବେ ଆମ ଖେଳାଳିମାନଙ୍କର ପ୍ରଦର୍ଶନ ଯାହା ହେଉନା କାହିଁକି, ପ୍ରଥମଥର ସକାଶେ ଏଭଳି ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଭାରତ ମାଟିରେ ଅନୁଷ୍ଠିତ ହେବା ବହୁତ ବଡ଼କଥା, ଯାହାକି ଭବିଷ୍ୟତରେ ଭାରତୀୟ ଫୁଟବଲକୁ ଆହୁରି ଆଗକୁ ବଢ଼ାଇବା ଦିଗରେ ସମର୍ଥ ହେବ ନିଶ୍ଚୟ ।

**ଦୂରଭାଷ - ୯୪୩୭୬୨୭୫୧୪**





# ସାଧାରଣ ଜ୍ଞାନ




## (1) ABBREVIATION

1. ADB - Asian Development Bank
2. BSF - Bombay Stock Exchange
3. CISF - Central Industrial Security Force
4. NHRC - National Human Rights Commission
5. NHIDCL -National Highway Infractro Development Corportion Limited
6. DFDR - Digital Flight Data Recorder
7. GNLF - Gorkha National Liberation Front
8. GATT -General Agrement On Tarriff and Trade
9. IIFT - Indian Institute of Foreign Trade
10. ITDC - Indian Tourism Development Corporation

## (୨) ପୁସ୍ତକ ଓ ଲେଖକ

1. Mr & Mrs Jinnah: The Marriage that Shook India" - Sheela Reddy
2. When Crime Pays - Money and Muscle in Indian Politics" - Milan Vaishnav
3. Lincoln in the Bardo - George Saunders
4. What Happened - Hilary Clinton

୫. କଳିଙ୍ଗ କାହାଣୀ — କନକ ମଞ୍ଜରୀ ମହାପାତ୍ର
୬. ଆରଣ୍ୟକ — ମନୋଜ ଦାସ
୭. ଜୀବନ ବିଦ୍ୟାଳୟ — ଚିତ୍ତରଂଜନ ଦାସ
୮.ନର କିନ୍ନର — ଶାନ୍ତନୁ କୁମାର ଆଚାର୍ଯ୍ୟ
୯.ବେଦ ମନୁଷ୍ୟକତ କି — ପ୍ରିୟବ୍ରତ ଦାସ
୧୦.ପିଙ୍ଗଳାର ସୂର୍ଯ୍ୟ — ବେଣୁଧର ରାଉତ

## (୩) ଲାକ୍ଷାଦ୍ୱୀପ

୧. ଗଠନ - ୧ ନଭେମ୍ବର, ୧୯୫୬
୨. କ୍ଷେତ୍ରଫଳ - ୩୨ବର୍ଗ କି.ମି.
୩. ଜନସଂଖ୍ୟା - ୬୪୪୨୯(୨୦୧୧)
ପୁରୁଷ - ୩୩୧୦୬
ସ୍ତ୍ରୀ - ୩୧୩୨୩
୪. ଲିଙ୍ଗ ଅନୁପାତ - ୯୪୬ ମହିଳା ୧୦୦୦ ପୁରୁଷରେ
୫. ସାକ୍ଷରତା ହାର - ୯୧.୮୫%
୬. ଜିଲ୍ଲା / ଗ୍ରାମ - ୧ / ୭୨
୭. ଲୋକସଭା - ୧
୮. ରାଜଧାନୀ - କାର୍ଭାରାତି
୯. ପ୍ରଶାସକ - ଫାରୁକ୍ ଖାନ୍

## (୪) ନିଯୁକ୍ତି

୧. ବ୍ରିଗେଡ଼ିଅର୍ ଡ଼କ୍ଟର ବି.ଡ଼ି. ମିଶ୍ର- ରାଜ୍ୟପାଳ- ଅରୁଣାଚଳପ୍ରଦେଶ
୨. ସତ୍ୟପାଲ ମଲ୍ଲିକ- ରାଜ୍ୟପାଳ- ବିହାର
୩. ବନଓ୍ୱାରି ଲାଲ ପୁରୋହିତ- ରାଜ୍ୟପାଳ- ତାମିଲନାଡୁ
୪. ପ୍ରଫେସର୍ ଜଗଦୀଶ ମୁଖୀ- ରାଜ୍ୟପାଳ- ଆସାମ
୫. ଗଙ୍ଗାପ୍ରସାଦ- ରାଜ୍ୟପାଳ- ମେଘାଳୟ
୬. ଦେବେନ୍ଦ୍ର କୁମାର ଯୋଷୀ- ଲେଫ୍ଟଲାଣ୍ଟ ଗଭର୍ଣ୍ଣର - ଆଣ୍ଡାମାନ୍ ନିକୋବର

## (୫) ଦେହାନ୍ତ

୧. ସୁଲତାନ ଅହମ୍ମଦ୍ (୬୪)- ତୃଣମୂଳ କଂଗ୍ରେସ ଏମ୍.ପି.ଓ କେନ୍ଦ୍ରମନ୍ତ୍ରୀ
୨. ଅର୍ଜନ ସିଂହ (୯୮) - ମାର୍ଶାଲ, ଭାରତୀୟ ବାୟୁସେନା
୩. ଭାଉଲେଟ୍ ମୋସି ବ୍ରାଉନ୍ (୧୧୭)- ବିଶ୍ୱର ବୟସ୍କ ବ୍ୟକ୍ତି
୪. ଅରୁଣ ସାଧୁ (୭୬) - ପତ୍ରକାର ଓ ଲେଖକ
୫. ଡାକ୍ତର କ୍ରିପାଲ୍ ସିଂ ଚୁଘ୍ (୮୫)- ଭାରତର ନେଫ୍ରୋଲୋଜିର ଜନକ

## (୬) ଜୟନ୍ତୀ ପାଳନ

| ଅକ୍ଟୋବର | ନଭେମ୍ବର |
|---|---|
| ୧. ତା ୨- ମହାତ୍ମା ଗାନ୍ଧୀ | ୧. ତା ୧୧- କାଳିଦାସ |
| ୨. ତା୯- ଗୋପବନ୍ଧୁ ଦାଶ | ୨. ତା୧୪- ଜବାହାରଲାଲ ନେହେରୁ |
| ୩. ତା ୧୫-ଅବଦୁଲ୍ କାଲାମ୍ | ୩. ତା ୧୫- ବିର୍ସା ମୁଣ୍ଡା |
| ୪. ତା୧୬- ମହର୍ଷି ବାଲ୍ମୀକ | ୪. ତା୧୯- ଇନ୍ଦିରାଗାନ୍ଧୀ |
| ୫. ତା୩୧- ସର୍ଦ୍ଦାରବଲ୍ଲଭଭାଇ ପଟେଲ | ୫. ତା୨୨- ଲକ୍ଷ୍ମଣ ନାୟକ |

## (୭) ବନ୍ୟ ଜନ୍ତୁ ଅଭୟାରଣ୍ୟ

| | ନାମ | ଜିଲ୍ଲା | ରାଜ୍ୟ |
|---|---|---|---|
| ୧ | ସୀତାନଦୀ | ଧମନ୍ତରୀ | ଛତିଶଗଡ |
| ୨ | ଘାଟିଗାଁ | ଗଓ୍ୱାଲିଅର | ମଧ୍ୟପ୍ରଦେଶ |
| ୩ | ଗଜନିର | ବିକାନାର | ରାଜସ୍ଥାନ |
| ୪ | ଶିମିଳିପାଳ | ମୟୁରଭଞ୍ଜ | ଓଡିଶା |
| ୫ | ବ୍ରହ୍ମଗିରୀ | କୋଡାଗୁ | କର୍ଣ୍ଣାଟକ |

## (୮).ଭାରତର ବୃହତ୍ତମ

| | | |
|---|---|---|
| ୧ | ଯାଦୁଘର | କୋଲକତା |
| ୨ | ମସ୍‌ଜିଦ୍ | ଜୁମ୍ମା ମସଜିଦ୍, ଦିଲ୍ଲୀ |
| ୩ | ତ୍ରିକୋଣ ଭୂମି | ସୁନ୍ଦରବନ, ପଶ୍ଚିମବଙ୍ଗ |
| ୪ | ସୁନାଖଣି | କୋଲାର, କର୍ଣ୍ଣାଟକ |

## ଓଡ଼ିଶା

୧. ଓଡ଼ିଶାର କେଉଁ ମହିଳା ସର୍ବପ୍ରଥମେ ରାଜ୍ୟପାଳ ହେବାର ସୌଭାଗ୍ୟ ଲାଭ କରିଥିଲେ ?
(କ) ଜୟନ୍ତୀ ପଟ୍ଟନାୟକ (ଖ) ନଳିନୀ ଶତପଥି
(ଗ) ସରସ୍ୱତୀ ହେମ୍ବ୍ରମ୍ (ଘ) ଦ୍ରୌପଦୀ ମୁର୍ମୁ

୨. ଓଡ଼ିଶାର କେଉଁ ପର୍ବତ ଶିଖରଟି ସମସ୍ତ ପର୍ବତ ମଧ୍ୟରେ ଉଚ୍ଚତମ ?
(କ) ଗନ୍ଧମାର୍ଦ୍ଦନ (ଖ) କପିଳାସ
(ଗ) ଦେଓମାଳି (ଘ) ମେଘାସନ

୩. କେଉଁ ପାହାଡ଼ରେ ହରିଶଙ୍କର ଜଳପ୍ରପାତ ଅଛି ?
(କ) ନିୟମଗିରି (ଖ) ବାଦାମ ପାହାଡ଼
(ଗ) ଶିମିଳିପାଳ (ଘ) ଗନ୍ଧମାର୍ଦ୍ଦନ

୪. ଶ୍ରୀମନ୍ଦିରରେ ଦେବତାମାନଙ୍କର ନବକଳେବର କେବେ ହୋଇଥିଲା ?
(କ) ଯୋଡ଼ା ଆଷାଢ଼ (ଖ) ଯୋଡ଼ା କାର୍ତ୍ତିକ
(ଗ) ଯୋଡ଼ା ଭାଦ୍ରବ (ଘ) ଯୋଡ଼ା ଆଶ୍ୱିନ

୫. ପ୍ରଥମ ଓଡ଼ିଆ ନାଟକର ନାମ କ'ଣ ?
(କ) ବାବାଜୀ (ଖ) କାଞ୍ଚିକାବେରୀ
(ଗ) ଉଠାପାଚେରୀ (ଘ) ଭାତ

୬. ଓଡ଼ିଶାର 'ଶକ୍ତି ଉତ୍ପାଦନ ନିଗମ' କେବେ ପ୍ରତିଷ୍ଠା ହୋଇଥିଲା ?
(କ) ୧୯୮୪ (ଖ) ୧୯୮୨
(ଗ) ୧୯୮୬ (ଘ) ୧୯୯୦

୭. କନିକା ରାଜବାଟୀ କେବେ ନିର୍ମାଣ ହୋଇଥିଲା ?
(କ) ୧୯୦୯ (ଖ) ୧୯୦୪
(ଗ) ୧୮୯୫ (ଘ) ୧୯୦୭

୮. କେଉଁ ବୌଦ୍ଧ କୀର୍ତ୍ତି ଯାଜପୁର ଜିଲ୍ଲାରେ ଅବସ୍ଥିତ ?
(କ) ଲଳିତଗିରି (ଖ) ରତ୍ନଗିରି
(ଖ) ଦିଉଗଡ଼ (ଘ) ଉଭୟ 'କ' ଏବଂ 'ଖ'

୯. ଖୋର୍ଦ୍ଧା ଜିଲ୍ଲାର ଏକମାତ୍ର ମହାନଗର ନିଗମର ନାମ କ'ଣ ?
(କ) ଖୋର୍ଦ୍ଧା (ଖ) ଜଟଣୀ
(ଗ) ଭୁବନେଶ୍ୱର (ଘ) ବାଲୁଗାଁ

୧୦. 'ନିଆଁଖୁଣ୍ଟା' ପତ୍ରିକାର ସଂପାଦକ କିଏ ଥିଲେ ?
(କ) ଗୋଦାବରୀଶ ମିଶ୍ର(ଖ) ଗୋଦାବରୀଶ ମହାପାତ୍ର
(ଗ) ରବି ସିଂ (ଘ) କୃଷ୍ଣଚନ୍ଦ୍ର ଭୂୟାଁ

## (୧୦) ଯୁକ୍ତି ପ୍ରଦର୍ଶନ ପରୀକ୍ଷା


୧. ୨, ୩, ୫, ୧୧, ? , ୧୭
(କ) ୧୨ (ଖ) ୧୩ (ଗ) ୧୪ (ଘ) ୧୫

୨. A, B, H, M, ? , Z
(a) T (b) G (c) N (d) S

୩. ଆସାମ : ବିହୁ : : କେରଳ : .................
(କ) କଥକଳି (ଖ) କଥକ (ଗ) କୁଚିପୁଡ଼ି (ଘ) ଭାରତ ନାଟ୍ୟମ୍

୪. ରାମ ଉପରୁ ଶ୍ରେଣୀରେ ୯ମ ସ୍ଥାନ ଏବଂ ତଳୁ ୩୮ ତମ ସ୍ଥାନରେ ରହିଛି । ତେବେ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା କେତେ ?
(କ) ୪୫ (ଖ) ୪୬ (ଗ) ୪୭ (ଘ) ୪୮

୫. ପ୍ରଶ୍ନବାଚକ ଚିହ୍ନଟି କେତେ ?




(କ) ୧୦ (ଖ) ୧୧ (ଗ) ୧୨ (ଘ) ୧୩


୬. ଅମର, ଆକବର ଓ ଆନ୍ଥୋନୀର ମୋଟ ବୟସ ମିଶି ୮୧ବର୍ଷ ତେବେ ୩ ବର୍ଷ ପୂର୍ବେ ସେମାନଙ୍କର ହାରାହାରି ବୟସ କେତେ ଥିଲା ?
(କ) ୨୧ (ଖ) ୨୨ (ଗ) ୨୪ (ଘ) ୨୬

୭. ୧, ଜାନୁୟାରୀ, ୨୦୧୨ ରବିବାର ପଡ଼ିଲେ, ୩୧, ଡ଼ିସେମ୍ବର ୨୦୧୨ କେଉଁ ବାର ପଡ଼ିବ ?
(କ) ସୋମବାର (ଖ) ମଙ୍ଗଳବାର (ଗ) ବୁଧବାର (ଘ) ଶୁକ୍ରବାର

୮. ଇଂରାଜୀ ଅକ୍ଷର କ୍ରମର ବାମରୁ ନବମ ଅକ୍ଷରର ତୃତୀୟ ସ୍ଥାନ ଡ଼ାହାଣକୁ କେଉଁ ଅକ୍ଷର ପଡ଼ିବ ?
(କ) L (ଖ) M (ଗ) N (ଘ) O

୯. 'କ', 'ଖ' ର ପୁଅର ଭାଇ ଅଟେ । ତେବେ 'କ' ,'ଖ' କ'ଣ ହେବ ?
(କ) ପୁଅ (ଖ) ଭାଇ (ଗ) ବାପା (ଘ) ଭାଇ

୧୦.ଚିତ୍ରଟିରେ କେତୋଟି ବର୍ଗକ୍ଷେତ୍ର ଅଛି ?



(କ) ୧୮ (ଖ)୧୪ (ଗ) ୧୦(ଘ) ୯

**ଉତ୍ତର**

୧.(ଘ) ଦ୍ରୌପଦୀ ମୁର୍ମୁ,୨.(କ) ଗନ୍ଧମାର୍ଦ୍ଦନ, ୩.(ଘ) ଗନ୍ଧମାର୍ଦ୍ଦନ, ୪.(କ) ଯୋଡ଼ା ଆଷାଢ଼, ୫. (କ) ବାବାଜୀ, ୬.(କ) ୧୯୮୪,୭.(କ) ୧୯୦୯,୮.(ଘ) ଉଭୟ 'କ' ଏବଂ 'ଖ',୯.(ଗ) ଭୁବନେଶ୍ୱର ,୧୦.(ଖ) ଗୋଦାବରୀଶ ମହାପାତ୍ର

୧ (ଖ) ୧୩.୨.(d) S ୩.(କ) କଥକଳି ୪.(ଖ)୪୬୫.(ଖ) ୧୧୬(ଗ) ୨୪.୭(କ) ସୋମବାର.୮(କ) L.୯(ଗ) ବାପା.୧୦.(ଖ)୧୪

## (୧୧) ଇତିହାସ

୧. କେବେ 'ଲଣ୍ଡନ ଘୋଷଣା' ହେଲା ?
(କ) ୧୨ ଜୁନ୍ ୧୯୪୧ (ଖ) ୧୩ ମେ ୧୯୪୧
(ଗ) ୮ ମେ ୧୯୪୭ (ଘ) ୫ ମେ ୧୯୪୮

୨. ନାଜି ଦଳ କେଉଁ ଚିହ୍ନ ବ୍ୟବହାର କରିଥାଏ ?
(କ) କ୍ରସ ଚିହ୍ନ (ଖ) ସ୍ୱସ୍ତିକ ଚିହ୍ନ
(ଗ) ତାରା ଚିହ୍ନ (ଘ) ସିଂହ ଚିହ୍ନ

୩. 'ଦାସ୍ କ୍ୟାପିଟାଲ୍' ପୁସ୍ତକ କିଏ ଲେଖିଥଲେ ?
(କ) ଲେନିନ୍ (ଖ) କାର୍ଲମାର୍କ୍ସ
(ଗ) ନିରୋ (ଘ) ଷ୍ଟାଲିନ୍

୪. ପ୍ରଥମ ବିଶ୍ୱଯୁଦ୍ଧ କେବେ ହୋଇଥିଲା ?
(କ) ୧୯୧୨ (ଖ) ୧୯୧୪
(ଗ) ୧୯୧୫ (ଘ) ୧୯୧୯

୫. କିଏ କହିଥିଲେ "ମୁଁ ହିଁ ରାଜ୍ୟ" ?
(କ) ଚତୁର୍ଦ୍ଦଶ ଲୁଇ (ଖ) ପଞ୍ଚଦଶ ଲୁଇ
(ଗ) ଷୋଡ଼ଶ ଲୁଇ (ଘ) ଅଷ୍ଟାଦଶ ଲୁଇ

୬. ଉତ୍କଳ ସମ୍ମିଳନୀ କେବେ ଗଠିତ ହୋଇଥିଲା ?
(କ) ୧୮୯୫ (ଖ) ୧୯୦୩
(ଗ) ୧୯୧୨ (ଘ) ୧୯୧୭

୭. ଚମ୍ପାରନ୍ ଜିଲ୍ଲାର ସଦର ମହକୁମା କ'ଣ ଥିଲା ?
(କ) ଖେଡ଼ା (ଖ) ୱାର୍ଦ୍ଧା
(ଗ) ମୋତିହାରି (ଘ) ସ୍ୱର୍ଗଦ୍ୱାର

୮. ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପେସା କ'ଣ ଥିଲା ?
(କ) ଆଇନଜୀବୀ (ଖ) ବ୍ୟବସାୟ
(ଗ) ଲେଖକ (ଘ) ଖେଳାଳୀ

୯. ଜାଲିୱାନାବାଗ୍‌ର କେତୋଟି ପ୍ରବେଶ ପଥ ଥିଲା ?
(କ) ୧ (ଖ) ୨ (ଗ) ୩ (ଘ) ୪

୧୦. ଖିଲାଫତ୍ କମିଟିର ସଦସ୍ୟ କିଏ ନଥିଲେ ?
(କ) ମହମ୍ମଦ ଅଲ୍ଲୀ (ଖ) ସୌକାତ ଅଲ୍ଲୀ
(ଗ) ମୌଲାନୀ ଅବୁଲ୍ କଲାମ୍ ଆଜାଦ (ଘ) ମହମ୍ମଦ ଅଲ୍ଲି ଜିନ୍ନା

## (୧୨) ଭୂଗୋଳ

୧. ବିଶ୍ୱର ଦ୍ୱିତୀୟ ଉଚ୍ଚତମ ଗିରିଶୃଙ୍ଗ ଗଡ଼ୱଇନ୍ ଅଷ୍ଟିନ୍ ( କେ-୨) କେଉଁ ପର୍ବତମାଳାରେ ଅବସ୍ଥିତ ?
(କ) ହିମାଳୟ (ଖ) ଆଣ୍ଡିଜ୍ (ଗ) କାରାକୋରମ୍ (ଘ) ହିନ୍ଦୁକୁଶ୍

୨. ୱାଲାବୀ, କୋଆଲା, ପ୍ଲାଟିପସ୍ ଭଳି ପ୍ରାଣୀଗୁଡ଼ିକ କେଉଁ ଦେଶରେ ଦେଖାଯାଆନ୍ତି ?
(କ) ଆର୍ଜେଣ୍ଟିନା (ଖ) ଅଷ୍ଟ୍ରେଲିଆ
(ଗ) କାନାଡ଼ା (ଘ) ଦକ୍ଷିଣ ଆଫ୍ରିକା

୩. ସର୍ଦ୍ଦାର ସରୋବର ନଦୀବନ୍ଧ ଯୋଜନା କେଉଁ ନଦୀ ଉପରେ ନିର୍ମାଣ କରାଯାଇଛି ?
(କ) ଗୋଦାବରୀ (ଖ) କ୍ରିଷ୍ଣା (ଗ) ଗଙ୍ଗା (ଘ) ନର୍ମଦା

୪. ପୃଥିବୀରେ ସର୍ବାଧିକ ବୃଷ୍ଟିପାତ ହେଉଥିବା ସ୍ଥାନର ନାମ କ'ଣ ?
(କ) ମାଓସିନ୍‌ରାମ୍ (ଖ) ଚେରାପୁଞ୍ଜି
(ଗ) ଆଣ୍ଡାମାନ୍ (ଘ) ମାନାଉସ୍

୫. କେଉଁ ଦକ୍ଷିଣ ଆମେରିକୀୟ ଦେଶଟି ପ୍ରାୟତଃ ସଂପୂର୍ଣ୍ଣ ଭାବେ ଆଣ୍ଡିଜ୍ ପର୍ବତମାଳା ଅଞ୍ଚଳରେ ଅବସ୍ଥିତ ?
(କ) ଇକ୍ୱେଡର୍ (ଖ) କଲମ୍ବିଆ (ଗ) ଚିଲୀ (ଘ) ପେରୁ

୬. ମିଆଁମାରର ଦକ୍ଷିଣ ପଶ୍ଚିମ ପାର୍ଶ୍ୱର ଥିବା ପର୍ବତଶ୍ରେଣୀର ନାମ କ'ଣ ?
(କ) ଆରାକାନ୍ ୟୋମା (ଖ) ୟୁରାଲ୍
(ଗ) ତିଏନ୍ ସାନ୍ (ଘ) ନାନ୍ ସାନ୍

୭. ରେକ୍‌ୟାଭିକ୍ ନଗରୀଟି କେଉଁ ଦେଶର ରାଜଧାନୀ ଅଟେ ?
(କ) ଲିଥୁଆନିଆ (ଖ) ଲାଟ୍‌ଭିଆ (ଗ) ଆଇସ୍‌ଲାଣ୍ଡ (ଘ) ଫିନ୍‌ଲାଣ୍ଡ

୮. ଏଥିମଧ୍ୟରୁ କେଉଁ ସାମୁଦ୍ରିକ ସ୍ରୋତଟି ଭାରତ ମହାସାଗରରେ ପ୍ରବାହିତ ହୋଇଥାଏ ?
(କ) ଆଗ୍ୟୁଲାସ୍ ସ୍ରୋତ (ଖ) କ୍ୟୁରାଇଲ୍ ସ୍ରୋତ
(ଗ) କ୍ୟୁରୋସିଓ ସ୍ରୋତ (ଘ) ବେଙ୍ଗୁଆଲା ସ୍ରୋତ

୯. କେଉଁ ଅଞ୍ଚଳଟି ପୃଥିବୀର ସର୍ବାଧିକ ଶୁଷ୍କ ଅଞ୍ଚଳ ଭାବେ ପରିଚିତ ?
(କ) ଭାରତର ଥର୍ ମରୁଭୂମି (ଖ) ଚିଲୀର ଆଟାକାମା ମରୁଭୂମି
(ଗ)ସାଉଦି ଆରବର ମରୁଭୂମି (ଘ) ଆଫ୍ରିକାର ସାହାରା ମରୁଭୂମି

୧୦. ଓଡ଼ିଶାର ଦାର୍ଜିଲିଂ ଭାବେ ପରିଚିତ ଦାରିଙ୍ଗବାଡ଼ି ସହରଟି କେଉଁ ଜିଲ୍ଲାରେ ଅବସ୍ଥିତ ?
(କ) କୋରାପୁଟ (ଖ) କେନ୍ଦୁଝର (ଗ) ବୌଦ୍ଧ (ଘ) କନ୍ଧମାଳ

**ଉତ୍ତର**

୧.(କ) ୧୨ ଜୁନ୍ ୧୯୪୧, ୨.(ଖ) ସ୍ୱସ୍ତିକ ଚିହ୍ନ, ୩.(ଖ) କାର୍ଲମାର୍କ୍ସ, ୪.(ଖ) ୧୯୧୪, ୫.(କ) ଚତୁର୍ଦ୍ଦଶ ଲୁଇ, ୬. (ଖ) ୧୯୦୩ ୭.(ଗ) ମୋତିହାରି, ୮.(କ) ଆଇନଜୀବୀ, ୯.(କ) ୧, ୧୦.(ଘ) ମହମ୍ମଦ ଅଲ୍ଲି ଜିନ୍ନା

୧.(ଗ) କାରାକୋରମ୍ , ୨.(ଖ) ଅଷ୍ଟ୍ରେଲିଆ, ୩.(ଘ) ନର୍ମଦା, ୪.(କ) ମାଓସିନ୍‌ରାମ୍, ୫.(ଗ) ଚିଲୀ, ୬.(କ) ଆରାକାନ୍ ୟୋମା, ୭.(ଗ) ଆଇସ୍‌ଲାଣ୍ଡ, ୮. (କ) ଆଗ୍ୟୁଲାସ୍ ସ୍ରୋତ, ୯.(ଖ) ଚିଲୀର ଆଟାକାମା ମରୁଭୂମି , ୧୦. (ଘ) କନ୍ଧମାଳ ।

## (୧୩) ଅର୍ଥନୀତି

୧. ବିଶ୍ୱ ଇକୋନୋମିକ୍ ଫୋରମ୍‌ରେ ଗ୍ଲୋବାଲ କମ୍ପିଟିଟିଭ୍ ଇଣ୍ଡେକ୍ସ- ୨୦୧୭ -୧୮ରେ ଭାରତର ସ୍ଥାନ କେତେ ?
(କ) ୩୯ (ଖ) ୪୦ (ଗ) ୪୧ (ଘ)୪୨

୨. ଜି.ଏସ୍.ଟି କାଉନସିଲ୍ କେତେ ତାରିଖରେ ଗଠନ କରାଯାଇଥିଲା ?
(କ) ୧୨ ଅଗଷ୍ଟ ୨୦୧୬ (ଖ) ୧୨ ସେପ୍ଟେମ୍ବର ୨୦୧୬
(ଗ) ୧୨ ଅକ୍ଟୋବର ୨୦୧୬ (ଘ) ୧୨ ନଭେମ୍ବର ୨୦୧୬

୩. ଅଗଷ୍ଟ ୨୦୧୭ରେ ଦେଶର ପାଇକାରୀ ମୁଦ୍ରାସ୍ଫୀତି କେତେ ଶତକଡ଼ାକୁ ବୃଦ୍ଧି ପାଇଛି ?
(କ) ୩.୮୫% (ଖ) ୧.୮୮% (ଗ) ୩.୨୪% (ଘ) ୧.୦୯

୪. କେଉଁ ମସିହା ସୁଦ୍ଧା ଭାରତୀୟ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଏହାର ସେବା ଆରମ୍ଭ କରିବ ?
(କ) ୨୦୧୭ (ଖ) ୨୦୧୮ (ଗ) ୨୦୧୯(ଘ) ୨୦୨୦

୫. ମଧ୍ୟମ ବର୍ଗ ବୃହତ୍ ଏବଂ ଏସ୍.ୟୁ.ଭି କାର୍ ଉପରେ କେତେ ଶତକଡ଼ା ସେସ୍ ବୃଦ୍ଧି କରାଯାଇଛି ?
(କ) ୨,୫,୭ (ଖ) ୨,୩,୪
(ଗ) ୪,୫,୬ (ଘ) ୨,୪,୮

୬. ସବୁ ସିମ୍ କାର୍ଡ଼ଗୁଡ଼ିକୁ ଆଧାର ସଂଯୋଗ କରିବାର ଶେଷ ତାରିଖ କେତେ ?
(କ) ଫେବୃଆରୀ, ୨୦୧୮ (ଖ) ଜାନୁୟାରୀ, ୨୦୧୮
(ଗ) ମାର୍ଚ୍ଚ, ୨୦୧୮ (ଘ) ଏପ୍ରିଲ, ୨୦୧୮

୭. ଜି.ଏସ୍.ଟି ପରିଷଦର ୨୧ତମ ବୈଠକରେ କେତୋଟି ଉତ୍ପାଦରୁ ଜି.ଏସ୍.ଟି କମିଲା ?
(କ) ୨୫ଟି(ଖ) ୩୦ଟି (ଗ) ୩୫ଟି (ଘ) ୪୦ଟି

୮. ଭାରତରେ ୩୦ଟି ନଦୀ ସଂଯୋଗୀକରଣ ପାଇଁ କେତେ କୋଟୀ ଟଙ୍କା ବ୍ୟୟ ବରାଦ କରାଯାଇଛି ?
(କ) ୫.୧ ଲକ୍ଷ କୋଟି (ଖ) ୫.୪ ଲକ୍ଷ କୋଟି
(ଗ) ୫.୫ ଲକ୍ଷ କୋଟି (ଘ) ୫.୬ ଲକ୍ଷ କୋଟି

୯. ଭାରତରେ ବୁଲୁଥିବା ୬କୋଟି ଘରୋଇ ବାଣିଜ୍ୟ ମଧ୍ୟରୁ କେତେ କୋଟି ବାଣିଜ୍ୟକୁ ଜି.ଏସ୍.ଟି ପରିସରକୁ ଆଣିବାକୁ ସରକାର ଟିକସ ଅଧିକାରୀଙ୍କୁ କହିଛନ୍ତି ?
(କ) ୧ କୋଟି (ଖ) ୨ କୋଟି (ଗ) ୩ କୋଟି (ଘ) ୪ କୋଟି

୧୦. ଇଜି ଅଫ୍ ଡୁଇଙ୍ଗ୍ ବିଜିନେସ୍ ରିପୋର୍ଟ କିଏ ପ୍ରକାଶ କରେ ?
(କ) ଆନ୍ତର୍ଜାତିକ ମୁଦ୍ରାପାଣ୍ଠି (ଖ)ବିଶ୍ୱ ବ୍ୟାଙ୍କ
(ଗ) ମିଳିତ ଜାତିସଂଘ (ଘ) କୌଣସିଟି ନୁହେଁ

## (୧୪) କ୍ରୀଡ଼ା

୧. ଅକ୍ଟୋବର - ୨୦୧୭ରେ ଆମ ଦେଶରେ ଖେଳାଯାଉଥିବା ୧୭ବର୍ଷରୁ କମ ଫିଫା ବିଶ୍ୱକପ ଟୁର୍ଣ୍ଣାମେଣ୍ଟର ଫାଇନାଲ କେଉଁଠାରେ ଅନୁଷ୍ଠିତ ହେବ ?
(କ) ନବି ମୁମ୍ବାଇ (ଖ) କୋଲକାତା (ଗ) ନୂଆ ଦିଲ୍ଲୀ (ଘ) ଚେନ୍ନାଇ

୨. ଭାରତରେ ଅନୁଷ୍ଠିତ ଫିଫା ଅଣ୍ଡର୍ ସେଭେଣ୍ଟିନ୍ ୱାର୍ଲ୍ଡ କପ୍ - ୨୦୧୭ରେ କେତୋଟି ଦଳ ଅଂଶଗ୍ରହଣ କରୁଛନ୍ତି ?
(କ) ୧୬ଟି (ଖ) ୨୦ଟି (ଗ) ୨୪ଟି (ଘ) ୩୨ଟି

୩. ଏ ବର୍ଷର ବିଶ୍ୱ ବ୍ୟାଡମିଣ୍ଟନ୍ ଚାମ୍ପିଆନଶିପ୍‌ରେ ମହିଳା ସିଂଗଲ୍ସ ବିଜେତା ହୋଇଥିବା ନୋଜୋମି ଓକୁହାରାଙ୍କୁ ହରାଇ ଭାରତର ପି. ଭି. ସିନ୍ଧୁ ନିକଟରେ କେଉଁ ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇଛନ୍ତି ?
(କ) କୋରିଆ ଓପନ୍ (ଖ) ଜାପାନ ଓପନ୍
(ଗ) ମାକାଉ ଓପନ୍ (ଘ) ସିଙ୍ଗାପୁର ଓପନ୍

୪. ବର୍ଷ ୨୦୧୭ର ୟୁ. ଏସ୍. ଓପନ୍‌ରେ ଚାମ୍ପିଆନ୍ ହୋଇ ସ୍ପେନ୍‌ର ରାଫାଏଲ୍ ନାଦାଲ୍ ନିଜର କେତେତମ ଗ୍ରାଣ୍ଡ ସ୍ଲାମ୍ ସିଂଗଲ୍ସ ଟାଇଟେଲ୍ ହାସଲ କରିଛନ୍ତି ?
(କ) ୧୪ତମ (ଖ) ୧୫ତମ (ଗ) ୧୬ତମ (ଘ) ୧୭ତମ

୫. ପୁରୁଷ ଟେନିସ୍‌ରେ ରୋଜର୍ ଫେଡେରର୍ ହେଉଛନ୍ତି ସର୍ବାଧିକ ଗ୍ରାଣ୍ଡ ସ୍ଲାମ୍ ସିଂଗଲ୍ସ ଟାଇଟେଲ୍‌ର ଅଧିକାରୀ । ସେ କେତୋଟି ଗ୍ରାଣ୍ଡ ସ୍ଲାମ୍ ସିଂଗଲ୍ସ ଟାଇଟେଲ୍ ଜିତିଛନ୍ତି ?
(କ) ୧୮ଟି (ଖ) ୧୯ଟି (ଗ) ୨୦ଟି (ଘ) ୨୧ଟି

୬. ୨୦୧୭ର ୟୁ. ଏସ. ଓପନ୍ ଗ୍ରାଣ୍ଡ ସ୍ଲାମ୍ ଟେନିସ୍‌ରେ ଏଥର ପ୍ରଥମ ଥର ସକାଶେ ମହିଳା ସିଂଗଲ୍ସ ଚାମ୍ପିଆନ୍ ହୋଇଥିବା ଖେଳାଳିଙ୍କ ନାମ କ'ଣ ?
(କ) ସ୍ଲୋଏନ୍ ଷ୍ଟିଫେନ୍ସ (ଖ) ମାଡିସନ୍ କିଜ୍
(ଗ) ସିମୋନା ହାଲେପ୍ (ଘ) କାରୋଲିନା ପ୍ଲିସ୍‌କୋଭା

୭. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଗ୍ରାଣ୍ଡ ସ୍ଲାମ୍ ଟେନିସ୍ ପ୍ରତିଯୋଗିତା ନୁହେଁ ?
(କ) ଅଷ୍ଟ୍ରେଲିଆନ୍ ଓପନ୍ (ଖ) ଫ୍ରେଞ୍ଚ୍ ଓପନ୍
(ଗ) ୟୁ. ଏସ. ଓପନ୍ (ଘ) ଚାଇନା ଓପନ୍

୮. ଏକ ଦିବସୀୟ ଅନ୍ତର୍ଜାତିକ ମ୍ୟାଚରେ ଶହେ ଜଣଙ୍କୁ ଷ୍ଟମ୍ପ୍ ଆଉଟ କରିଥିବା ବିଶ୍ୱର ଏକମାତ୍ର ୱିକେଟ ରକ୍ଷକ କିଏ ?
(କ) କୁମାର ସାଙ୍ଗାକାରା (ଖ) ମାର୍କ ବାଉଚର୍
(ଗ) ଆଡାମ୍ ଗିଲ୍‌କ୍ରିଷ୍ଟ (ଘ) ମହେନ୍ଦ୍ର ସିଂହ ଧୋନି

୯. ନିକଟରେ ବିଶ୍ୱର ଷଷ୍ଠ ବୋଲର ଭାବେ ଟେଷ୍ଟ କ୍ରିକେଟରେ ୫୦୦ୱିକେଟ୍ ନେବାର କୃତିତ୍ୱ ହାସଲ କରିଥିବା ବୋଲରଙ୍କ ନାମ କ'ଣ ?
(କ) ଜେମ୍ସ୍ ଆଣ୍ଡରସନ୍ (ଖ) ରଙ୍ଗଣା ହେରାତ୍
(ଗ) ଡାନିଏଲ୍ ଭେଟୋରୀ (ଘ) ଷ୍ଟୁଆର୍ଟ ବ୍ରୋଡ

୧୦. ଚଳିତ ସିଜିନ୍‌ରେ ରଣଜୀ ଟ୍ରଫି ପାଇଁ ଘୋଷିତ ହୋଇଥିବା ଓଡ଼ିଶା କ୍ରିକେଟ ଦଳର ଅଧିନାୟକଙ୍କ ନାମ କ'ଣ ?
(କ) ନଟରାଜ ବେହେରା (ଖ) ଗୋବିନ୍ଦ ପୋଦ୍ଦାର
(ଗ) ବିପ୍ଳବ ସାମନ୍ତରାୟ (ଘ) ବସନ୍ତ ମହାନ୍ତି

**ଉତ୍ତର**

୧.(ଖ) ୪୦, ୨.(ଖ) ୧୨ ସେପ୍ଟେମ୍ବର ୨୦୧୬ , ୩.(କ) ୩.୮୫%, ୪.(ଖ) ୨୦୧୮, ୫.(କ) ୨,୫,୭, ୬.(କ) ଫେବୃଆରୀ, ୨୦୧୮, ୭.(ଖ) ୩୦ଟି, ୮.(ଗ) ୫.୫ ଲକ୍ଷ କୋଟି, ୯.(ଗ) ୩ କୋଟି, ୧୦.(ଖ)ବିଶ୍ୱ ବ୍ୟାଙ୍କ

୧.(ଖ) କୋଲକାତା, ୨.(ଗ) ୨୪ଟି, ୩.(କ) କୋରିଆ ଓପନ୍,୪. (ଗ) ୧୬ତମ ୫.(ଖ) ୧୯ଟି, ୬.(କ) ସ୍ଲୋଏନ୍ ଷ୍ଟିଫେନ୍ସ, ୭.(ଘ) ଚାଇନା ଓପନ୍ ୮.(ଘ) ମହେନ୍ଦ୍ର ସିଂହ ଧୋନି,୯.(କ) ଜେମ୍ସ୍ ଆଣ୍ଡରସନ୍,୧୦.(ଖ) ଗୋବିନ୍ଦ ପୋଦ୍ଦାର

## (୧୫) ସାହିତ୍ୟ, କଳା ଓ ସଂସ୍କୃତି

୧. ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର ତାଙ୍କର କବିତା ଗ୍ରନ୍ଥ 'ଗୀତାଞ୍ଜଳି' ପାଇଁ କେଉଁ ବର୍ଷ ନୋବେଲ୍ ସାହିତ୍ୟ ପୁରସ୍କାର ପାଇଥିଲେ ?

(କ) ୧୯୧୧ (ଖ) ୧୯୧୨ (ଗ) ୧୯୧୩ (ଘ) ୧୯୧୪

୨. ୨୦୦୧ ମସିହାରେ ଜଣେ ଭାରତୀୟ ବଂଶୋଦ୍ଭବ ଲେଖକ ନୋବେଲ୍ ସାହିତ୍ୟ ପୁରସ୍କାର ପାଇଥିଲେ । ତାଙ୍କ ନାମ କ'ଣ ?

(କ) ସଲ୍‌ମାନ୍ ରଶ୍‌ଦୀ (ଖ) ରସ୍କିନ୍ ବଣ୍ଡ

(ଗ) ଝୁମ୍ପା ଲାହିଡ଼ି (ଘ) ଭି. ଏସ. ନଇପଲ୍

୩. ପ୍ରସିଦ୍ଧ ରୁଷୀୟ ଉପନ୍ୟାସ 'କ୍ରାଇମ୍ ଏଣ୍ଡ ପନିଶ୍‌ମେଣ୍ଟ'ର ଲେଖକ କିଏ ?

(କ) ଲିଓ ଟଲ୍‌ଷ୍ଟୟ (ଖ) ମାକ୍ସିମ୍ ଗୋର୍କୀ

(ଗ) ଏଣ୍ଟୋନ୍ ଚେଖଭ୍ (ଘ) ଫିଓଦର୍ ଦସ୍ତୋୟେଭସ୍କି

୪. କେଉଁ କାବ୍ୟଟି ମହାକବି କାଳିଦାସଙ୍କ ରଚନା ନୁହେଁ ?

(କ) ଅଭିଜ୍ଞାନ ଶାକୁନ୍ତଲମ୍ (ଖ) ମାଳବିକାଗ୍ନିମିତ୍ରମ୍

(ଗ) ମୃଚ୍ଛକଟିକମ୍ (ଘ) ମେଘଦୂତମ୍

୫. ଭାରତରେ ନିର୍ମିତ ହୋଇଥିବା ପ୍ରଥମ ଚଳଚିତ୍ରର ନାମ କ'ଣ ?

(କ) ରାମାୟଣ (ଖ) ରାଜା ହରିଶ୍ଚନ୍ଦ୍ର

(ଗ) ରାନୀ ରୂପମତି (ଘ) ସୀତା ବିବାହ

୬. ପ୍ରସିଦ୍ଧ ମୀନାକ୍ଷୀ ମନ୍ଦିର ତାମିଲନାଡୁ ରାଜ୍ୟର କେଉଁ ସହରରେ ରହିଛି ?

(କ) ତିରୁଚିରାପଲ୍ଲୀ (ଖ) ମଦୁରାଇ

(ଗ) କାଞ୍ଚିପୁରମ (ଘ) ରାମେଶ୍ୱରମ

୭. କେଉଁଠାରେ ଥିବା ରାଜପ୍ରାସାଦ ସମ୍ମୁଖରେ ଦଶହରା ଉତ୍ସବ ପାଳନ ସମୟରେ ବିରାଟ ପଟୁଆର ଶୋଭାଯାତ୍ରା ବାହାରିଥାଏ ?

(କ) ମହୀଶୂର (ଖ) କାଞ୍ଚିପୁରମ (ଗ) ଯୋଧପୁର (ଘ) ବିଜୟନଗରମ

୮. ହିମାଚଳ ପ୍ରଦେଶର କେଉଁ ସ୍ଥାନର ଦଶହରା ପର୍ବ ଅତ୍ୟନ୍ତ ପ୍ରସିଦ୍ଧ ଅଟେ ?

(କ) ଶିମଲା (ଖ) ମନାଲୀ (ଗ) ଧର୍ମଶାଳା (ଘ) କୁଲୁ

୯. କଟକ ସହରର କେଉଁ ସ୍ଥାନରେ ଥିବା ଦୁର୍ଗାପୂଜା ମଣ୍ଡପରେ ପ୍ରଥମେ ଚାନ୍ଦୀ ମେଢ଼ ନିର୍ମିତ ହୋଇଥିଲା ?

(କ) ଚୌଧୁରୀ ବଜାର (ଖ) ଶେଖ୍ ବଜାର

(ଗ) ଚାଉଳିଆଗଞ୍ଜ (ଘ) ଅଲିଶା ବଜାର

୧୦. ଶ୍ରେଷ୍ଠ ବିଦେଶୀ ଭାଷାର ଚଳଚିତ୍ର ଭାବେ ୨୦୧୮ ମସିହାର ଓସ୍କାର ପୁରସ୍କାର ଦୌଡ଼ରେ ସାମିଲ ହେବା ନିମନ୍ତେ କେଉଁ ଭାରତୀୟ ଚଳଚିତ୍ରଟିକୁ ମନୋନୀତ କରାଯାଇଛି ?

(କ) ଦଙ୍ଗଲ୍ (ଖ) ଭେଣ୍ଟିଲେଟର (ଗ) ନିଉଟନ୍ (ଘ) ରେଙ୍ଗୁନ୍

## (୧୬) ବାଣିଜ୍ୟ

୧. 'ଗୁଗୁଲ୍' ଭାରତରେ କେଉଁ ନାମରେ ମୋବାଇଲ ପେମେଣ୍ଟ ସେବା ଆରମ୍ଭ କରିଛି ?

(କ) ବେଜ୍ (ଖ) ତେଜ୍ (ଗ) ପେଜ୍ (ଘ) ହେଜ୍

୨. ନୂତନ ନୀତି ଅନୁସାରେ ଷ୍ଟେଟବ୍ୟାଙ୍କର ଜମାଖାତାରେ ସହରାଞ୍ଚଳରେ ସର୍ବନିମ୍ନ କେତେ ଟଙ୍କାର ଜମା ରଖିବାକୁ ହେବ ?

(କ) ୫୦୦୦ (ଖ) ୩୦୦୦

(ଗ) ୨୦୦୦ (ଘ)୧୦୦୦

୩. ଟୁଇଟର୍‌ର ଅକ୍ଷରସୀମା ଠାରୁ କେତେକୁ ବୃଦ୍ଧି ପାଇଛି ?

(କ) ୧୬୦ (ଖ) ୧୮୦

(ଗ) ୨୦୦ (ଘ) ୨୮୦

୪. ଭାରତୀୟ ରେଳବାଇ ସଂଶୋଧିତ ଯୋଜନା ଅନୁଯାୟୀ ଦ୍ରୁତଗତିରେ କେତୋଟି ଟ୍ରେନ୍ ଚାଲିବ ଏବଂ ଆଗୁଆ ୨ଘଣ୍ଟା ପୂର୍ବରୁ ପହଞ୍ଚାଇବ ?

(କ) ୩୦୦ (ଖ) ୪୦୦

(ଗ) ୫୦୦ (ଘ) ୬୦୦

୫. ପାନ୍, ମୋବାଇଲ୍ ନମ୍ବର, ବ୍ୟାଙ୍କ ଆକାଉଣ୍ଟ ସହିତ ଆଧାର ସଂଯୋଗର ଶେଷ ତାରିଖ କେତେ ?

(କ) ଅକ୍ଟୋବର ୩୧ (ଖ) ନଭେମ୍ବର, ୩୧

(ଗ) ଡ଼ିସେମ୍ବର, ୩୧ (ଘ) ଜାନୁୟାରୀ, ୩୧

୬. ଷ୍ଟେଟ୍ ବ୍ୟାଙ୍କ ୧ ଅକ୍ଟୋବର ୨୦୧୭ ଠାରୁ ଖାତା ଖୋଲିବାର ୧୪ଦିନ ପରେ ଏବଂ କିମ୍ବା ୧ବର୍ଷ ମଧ୍ୟରେ ଜମାଖାତା ବନ୍ଦ କଲେ କେତେଟଙ୍କା ଜି.ଏସ୍.ଟି ଦେବାକୁ ପଡ଼ିବ ?

(କ) ୨୦୦(ଖ) ୩୦୦ (ଗ) ୪୦୦ (ଘ) ୫୦୦

୭. ଏସ୍.ବି.ଆଇରେ ମିଶ୍ରଣ ହୋଇଥିବା ଛୋଟଛୋଟ ବ୍ୟାଙ୍କ ଚେକ୍‌ଗୁଡ଼ିକ କେବେଠାରୁ ଚଳିବ ନାହିଁ ?

(କ) ୧ ଅକ୍ଟୋବର, ୨୦୧୭ (ଖ) ୧ ନଭେମ୍ବର, ୨୦୧୭

(ଗ) ୧ ଡ଼ିସେମ୍ବର, ୨୦୧୭ (ଘ) ୧ ଜାନୁୟାରୀ, ୨୦୧୮

୮. ଚଳିତ ବର୍ଷ ପ୍ରଥମ ମାସରେ ଜି.ଡ଼ି.ପି. କେତେ ପ୍ରତିଶତ ଥିଲା ?

(କ) ୫.୭% (ଖ) ୫.୮%

(ଗ) ୫.୯% (ଘ) ୫.୫%

୯. ଭାରତୀୟ ରେଳ କର୍ମଚାରୀ ବୋନସ୍ ଆକାରରେ କେତେଦିନର ଦରମାର ପାଇବେ ?

(କ) ୬୦ ଦିନ (ଖ) ୭୦ ଦିନ

(ଗ) ୭୮ ଦିନ (ଘ) ୮୦ ଦିନ

୧୦. କେତେ ଟଙ୍କା ପର୍ଯ୍ୟନ୍ତ ବ୍ୟବସାୟୀମାନେ ଜି ଏସ ଟିରେ କମ୍ପୋଜିଟ୍ ସ୍କିମ୍‌ରେ ଲାଭ ଉଠାଇ ପାରିବେ ?

(କ) ୧ କୋଟି (ଖ) ୨ କୋଟି (ଗ) ୫୦ ଲକ୍ଷ (ଘ) ୧.୫ କୋଟି

**ଉତ୍ତର**

୧.(ଗ) ୧୯୧୩ ,୨.(ଘ) ଭି. ଏସ. ନଇପଲ୍ , ୩.(ଘ) ଫିଓଦର୍ ଦସ୍ତୋୟେଭସ୍କି, ୪.(ଗ) ମୃଚ୍ଛକଟିକମ୍ ,୫.(ଖ) ରାଜା ହରିଶ୍ଚନ୍ଦ୍ର,୬.(ଖ) ମଦୁରାଇ,୭.(କ)ମହୀଶୂର, ୮.(ଘ) କୁଲୁ, ୯.(କ) ଚୌଧୁରୀ ବଜାର, ୧୦.(ଗ) ନିଉଟନ୍

୧.(ଖ) ତେଜ୍, ୨.(ଖ) ୩୦୦୦, ୩.(ଘ) ୨୮୦, ୪.(ଗ) ୫୦୦, ୫.(ଗ) ଡ଼ିସେମ୍ବର, ୩୧, ୬.(ଘ) ୫୦୦, ୭.(କ) ୧ ଅକ୍ଟୋବର, ୨୦୧୭, ୮.(କ) ୫.୭%, ୯.(ଗ) ୭୮ ଦିନ, ୧୦.(କ) ୧ କୋଟି

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ଭାରତୀୟ ସଂବିଧାନ ମୁଖବନ୍ଧରେ ନିମ୍ନଲିଖିତ କେଉଁ ଶବ୍ଦଟି ନାହିଁ?
(କ) ସର୍ବଭୌମତା (ଖ) ସାମାଜିକତା
(ଗ) ଗଣତାନ୍ତ୍ରିକତା (ଘ) ଭାରତୀୟତା

୨. ସଂବିଧାନର କେଉଁ ଧାରା ଅନୁସାରେ କେନ୍ଦ୍ର ସରକାର ରାଜ୍ୟ ଗୁଡ଼ିକୁ ଗ୍ରାଣ୍ଟସ୍ ଇନ ଏଡ ଦିଏ?
(କ) ଧାରା ୨୭୦ (ଖ) ଧାରା ୨୮୦
(ଗ) ଧାରା ୨୭୫ (ଘ) ଧାରା୨୬୫

୩. ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି ଏବଂ ଅନ୍ୟ ବିଚାରପତି ମାନଙ୍କୁ କିଏ ନିଯୁକ୍ତି କରିଥାନ୍ତି?
(କ) ଗୃହମନ୍ତ୍ରୀ(ଖ) ପ୍ରଧାନମନ୍ତ୍ରୀ(ଗ) ଉପରାଷ୍ଟ୍ରପତି (ଘ) ରାଷ୍ଟ୍ରପତି

୪. କେନ୍ଦ୍ର ସରକାରଙ୍କର ସମସ୍ତ କାର୍ଯ୍ୟ ନିର୍ବାହୀ କ୍ଷମତା ଗୁଡିକ କାହା ଉପରେ ନ୍ୟସ୍ତ?
(କ) ପ୍ରଧାନମନ୍ତ୍ରୀ(ଖ) ଗୃହମନ୍ତ୍ରୀ (ଗ) ରାଷ୍ଟ୍ରପତି (ଘ) ଉପରାଷ୍ଟ୍ରପତି

୫. ଭାରତର ନ୍ୟାୟପାଳିକାଙ୍କ ସ୍ୱାଧିନତା କେଉଁ ଦେଶର ସଂବିଧାନରୁ ଅଣାଯାଇଛି?
(କ) ଯୁକ୍ତରାଷ୍ଟ୍ର ଆମେରିକା (ଖ) ବ୍ରିଟେନ୍
(ଗ) ସାଉଥ୍ ଆଫ୍ରିକା (ଘ) ଅଷ୍ଟ୍ରେଲିଆ

୬. ନୀତି ଆୟୋଗ କେବେଠାରୁ କାର୍ଯ୍ୟକାରୀ ହେଲା?
(କ) ୧ ମାର୍ଚ୍ଚ ୨୦୧୫ (ଖ) ୧ ଏପ୍ରିଲ ୨୦୧୫
(ଗ) ୧ ଜାନୁଆରୀ ୨୦୧୫ (ଘ) ୧ ଫେବୃଆରୀ ୨୦୧୫

୭. କେଉଁ ରାଜ୍ୟରେ ପଞ୍ଚାୟତରାଜ ଅନୁଷ୍ଠାନ ଆଦୌ ନାହିଁ?
(କ) ଆସାମ (ଖ) କେରଳ (ଗ) ତ୍ରିପୁରା (ଘ) ନାଗାଲାଣ୍ଡ

୮. ଜାତୀୟ ଜରୁରୀକାଳିନ ପରିସ୍ଥିତି ରାଷ୍ଟ୍ରପତି କେଉଁ ଧାରା ଅନୁସାରେ ଘୋଷଣା କରିଥାନ୍ତି?
(କ)୩୫୨ (ଖ) ୩୫୮ (ଗ) ୩୫୯(ଘ) ୩୬୦

୯. କୌଣସି ରାଜ୍ୟର ଗଭର୍ଣ୍ଣରଙ୍କୁ କିଏ ପଦଚ୍ୟୁତ କରିପାରିବେ?
(କ) ମୂଖ୍ୟମନ୍ତ୍ରୀ (ଖ) ପ୍ରଧାନମନ୍ତ୍ରୀ (ଗ) ଉପରାଷ୍ଟ୍ରପତି(ଘ) ରାଷ୍ଟ୍ରପତି

୧୦.ସଂବିଧାନର କେଉଁ ଧାରା ଅନୁସାରେ ଇଉନିଫର୍ମ ସିଭିଲ ବୋର୍ଡ ପ୍ରଚଳିତ ହେବ?
(କ) ଧାରା ୩୯ (ଖ) ଧାରା ୪୦(ଗ) ଧରା୪୪ (ଘ) ଧାରା୪୫

## (୧୮) କମ୍ପ୍ୟୁଟର୍ ଶିକ୍ଷା

୧. କେଉଁ ସର୍ଟକର୍ଟ କି ହେଲପ୍ ପାଇଁ ବ୍ୟବହାର ହୁଏ?
(କ) ଏଫ୍- ୧ (ଖ)ଏଫ୍- ୧୦
(ଗ) ଏଫ୍- ୮ (ଘ)ଏଫ୍- ୭

୨. କେଉଁ ସର୍ଟକର୍ଟ କି ସ୍ଥାୟୀ ଭାବରେ ଫାଇଲ ଓ ଫୋଲଡ଼ରକୁ ଡ଼ିଲିଟ୍ କରିଥାଏ?
(କ) କଣ୍ଟ୍ରୋଲ+ଏସ୍‌କେପ୍ (ଖ) ଅଲଟ୍+ଟ୍ୟାବ୍
(ଗ) ସିଫଟ୍+ଡ଼ିଲିଟ୍ (ଘ) ଅଲଟ୍+ଏଫ୍-୪

୩. କୌଣସି ଅବ୍‌ଜେକ୍ଟକୁ ରିନେମ୍ କରିବା ପାଇଁ କେଉଁ ସର୍ଟକର୍ଟ କି ବ୍ୟବହାର ହୁଏ?
(କ) ଏଫ୍- ୧(ଖ) ଏଫ୍- ୨(ଗ) ଏଫ୍- ୧ (ଘ) ଏଫ୍- ୮

୪. କରେଣ୍ଟ ୱିଣ୍ଡୋଜ୍‌କୁ ବନ୍ଦ କରିବା ପାଇଁ କେଉଁ ସର୍ଟକର୍ଟ କି ବ୍ୟବହାର ହୁଏ?
(କ) ଅଲଟ୍+ଏଫ୍-୩ (ଖ) ଅଲଟ୍+ଏଫ୍-୪
(ଗ) ଅଲଟ୍+ଏଫ୍-୬ (ଘ) ଅଲଟ୍+ଏଫ୍-୫

୫. କଣ୍ଟ୍ରୋଲ+ଏକ୍ସ କାହାକୁ ବୁଝାଏ?
(କ) କପି (ଖ) କଟ୍ (ଗ) ପେଷ୍ଟ୍ (ଘ) ଡ଼ିଲିଟ୍

୬. କଣ୍ଟ୍ରୋଲ+ସି କାହାକୁ ବୁଝାଏ?
(କ) କପି (ଖ) କଟ୍ (ଗ) ପେଷ୍ଟ୍ (ଘ) ଡ଼ିଲିଟ୍

୭. କଣ୍ଟ୍ରୋଲ+ଭି କାହାକୁ ବୁଝାଏ?
(କ) କପି (ଖ) କଟ୍ (ଗ) ପେଷ୍ଟ୍ (ଘ) ଡ଼ିଲିଟ୍

୮. ରିଫ୍ରେସ୍ କରିବା ପାଇଁ କେଉଁ ବଟମ୍ ପ୍ରେସ୍ କରାଯାଇଥାଏ?
(କ) ଏଫ୍- ୧ (ଖ) ପେଷ୍ଟ୍
(ଗ) ଏଫ୍- ୪ (ଘ) ଏଫ୍- ୫

୯. କଣ୍ଟ୍ରୋଲ+ଜେଡ଼୍‌କୁ କେଉଁଟି ପାଇଁ ବ୍ୟବହାର ହୁଏ?
(କ) କପି (ଖ) ପେଷ୍ଟ୍
(ଗ) ଅନ୍‌ଡୁ (ଘ) ସିଲେକ୍ଟ

୧୦. ଏକ ଡ଼କୁମେଣ୍ଟକୁ ପ୍ରିଣ୍ଟ କରିବାକୁ ହେଲେ କେଉଁ ସର୍ଟକର୍ଟ କି ବ୍ୟବହାର କରାଯାଏ?
(କ) କଣ୍ଟ୍ରୋଲ+ଜେଡ଼୍ (ଖ) କଣ୍ଟ୍ରୋଲ+ପି
(ଗ) କଣ୍ଟ୍ରୋଲ+ଡ଼ି (ଘ) କଣ୍ଟ୍ରୋଲ+ସି

**ଉତ୍ତର**

୧. (ଘ) ଭାରତୀୟତା, ୨.(ଗ) ଧାରା ୨୭୫ , ୩.(ଘ) ରାଷ୍ଟ୍ରପତି , ୪.(ଗ) ରାଷ୍ଟ୍ରପତି , ୫.(ଖ) ବ୍ରିଟେନ୍, ୬.(ଗ) ୧ ଜାନୁଆରୀ ୨୦୧୫, ୭.(ଘ) ନାଗାଲାଣ୍ଡ, ୮. (କ)୩୫୨, ୯.(ଘ) ରାଷ୍ଟ୍ରପତି, ୧୦. (ଗ) ଧରା୪୪

୧.(କ) ଏଫ୍- ୧, ୨.(ଗ) ସିଫଟ୍+ଡ଼ିଲିଟ୍, ୩.(ଖ) ଏଫ୍- ୨, ୪.(ଖ) ଅଲଟ୍+ଏଫ୍-୪, ୫.(ଖ) କଟ୍, ୬.(କ) କପି, ୭.(ଗ) ପେଷ୍ଟ, ୮.(ଘ) ଏଫ୍- ୫, ୯.(ଗ) ଅନ୍‌ଡୁ, ୧୦.(ଖ) କଣ୍ଟ୍ରୋଲ+ପି

## (୧୯) ଗାଣିତିକ ପ୍ରଶ୍ନାବଳୀ

୧. ଯଦି $(x + ୧/x) = ୨$, ତେବେ $(x^3 + ୧/x^3) = ?$
(କ) ୬୪ (ଖ) ୧୪ (ଗ) ୮ (ଘ) ୨

୨. $(x^4 - x^2 - ୬)$ ଏବଂ $(x^4 - ୪x^2 + ୩)$ ର ଗ.ସା.ଗୁ କେତେ ?
(କ) (x-୧) (ଖ) (x+୧) (ଗ) $(x^2-୧)$ (ଘ) $(x^2- ୩)$

୩. ଯଦି ୧୨x + ୧୭y = ୫୩ ଏବଂ ୧୭x + ୧୨y =୬୩, ତେବେ x ଓ y ର ମୂଲ୍ୟ କେତେ ?
(କ) ୧, ୪ (ଖ) ୩, ୧ (ଗ) ୪, $^{୫}/_{୧୭}$ (ଘ) ୦, ୫

୪. {୧, (୨, ୩)}ର କେତୋଟି ଉପସେଟ୍ ଅଛି ?
(କ) ୨ (ଖ) ୪ (ଗ) ୬ (ଘ) ୮

୫. (A-B) : କାହା ସହ ସମାନ ଅଟେ ?
(କ) $A \cap B$ (ଖ) $A^c \cap B$
(ଗ) $A \cap B^c$ (ଘ) $A^c \cap B^c$

୬. ୦ (ଶୂନ) କି ପ୍ରକାର ସଂଖ୍ୟା ?
(କ) ଧନାତ୍ମକ ପୂର୍ଣ୍ଣ ସଂଖ୍ୟା (ଖ) ଋଣାତ୍ମକ ପୂର୍ଣ୍ଣସଂଖ୍ୟା
(ଗ) ଉଭୟ ଧନାତ୍ମକ ଏବଂ ଋଣାତ୍ମକ (ଘ) ଧନାତ୍ମକ କି ଋଣାତ୍ମକ ନୁହେଁ

୭. ନିମ୍ନଲିଖିତ ମଧ୍ୟରୁ କେଉଁଟି ମୌଳିକ ସଂଖ୍ୟା ଅଟେ ?
(କ) ୧୬୧ (ଖ) ୧୭୧ (ଗ) ୧୭୩ (ଘ) ୨୧୨

୮. କେଉଁ ବୃହତ୍ତମ ସଂଖ୍ୟାକୁ ୧୩୫୪, ୧୮୬୬ ଏବଂ ୨୭୬୨ ଦ୍ୱାରା ଭାଗ କଲେ, ପ୍ରତ୍ୟେକ କ୍ଷେତ୍ରର ଭାଗଶେଷ ୧୦ ରହିବ ?
(କ) ୬୪ (ଖ) ୧୨୪ (ଗ) ୧୫୬ (ଘ) ୨୬୦

୯. $\frac{(୦.୫)^୪ - (୦.୪)^୪}{(୦.୫)^୨ + (୦.୪)^୨} = ?$
(କ) ୦.୯ (ଖ) ୦.୦୯ (ଗ) ୯ (ଘ) ୦.୦୦୯

୧୦. କେଉଁ ସଂଖ୍ୟାକୁ ୩୭ $^{୧}/_{୨}$% ବଢାଇଦେଲେ ତାହାର ମୂଲ୍ୟ ୩୩ ହେବ ?
(କ) ୨୭ (ଖ) ୨୫ (ଗ) ୨୨ (ଘ) ୨୪

## (୨୦) ସାଧାରଣ ବିଜ୍ଞାନ

୧. ଛେନା ଏବଂ ସମୁଦ୍ର ମାଛରେ କେଉଁ ଧାତବ ଲବଣ ଅଧିକ ପରିମାଣରେ ଥାଏ ?
(କ) ଫ୍ଲୋରିନ୍ (ଖ) କ୍ୟାଲସିୟମ୍
(ଗ) ଫସ୍ଫରସ୍ (ଘ) ପୋଟାସିୟମ୍

୨. ସବୁ ଖାଦ୍ୟରେ କେଉଁ ଭିଟାମିନ୍ ଥାଏ ?
(କ) ପାଇରିଡ୍କସିନ୍ (ଖ) ଫଲିକ୍ଏସିଡ୍
(ଗ) ପାଣ୍ଟୋଥେନିକ୍ ଏସିଡ୍ (ଘ) ବାୟୋଟିନ୍

୩. ସମବେଗରେ ଗତିଶୀଳ ବସ୍ତୁଟିରେ କି ଶକ୍ତି ନିହିତ ଥାଏ ?
(କ) ସ୍ଥିତିଜ ଶକ୍ତି (ଖ) ଗତିଜ ଶକ୍ତି
(ଗ) ଉଭୟ ସ୍ଥିତିଜ ଓ ଗତିଜ ଶକ୍ତି

୪. କେଉଁଟି କାର୍ଯ୍ୟ ମାପ କରିବାର ଏକକ ନୁହେଁ ?
(କ) ଜୁଲ୍ (ଖ) ଅର୍ଗ (ଗ) କିଲୋଗ୍ରାମ୍ (ଘ) ନିଉଟନ୍

୫. ତେଲ ବା ସବୁନ ଫେଣର ପରଦା ଆଲୋକର କେଉଁ ପକ୍ରିୟା ଲାଗି ରଙ୍ଗୀନ୍ ଦେଖାଯାଏ ?
(କ) ପ୍ରକୀର୍ଣ୍ଣନ(ଖ) ବିକର୍ଣ୍ଣନ (ଗ) ବ୍ୟତିକରଣ (ଘ) ପ୍ରତିସରଣ

୬. ଆକାଶ ନୀଳ ଦେଖାଯାଏ କାହିଁକି ?
(କ) ପ୍ରକୀର୍ଣ୍ଣନ(ଖ) ବିକର୍ଣ୍ଣନ (ଗ) ବ୍ୟତିକରଣ (ଘ) ବିଛୁରଣ

୭. କୁହୁଡ଼ିରେ ଭଲ ଦେଖାଯାଏ ନାହିଁ କାହିଁକି ?
(କ) କୁହୁଡ଼ି ସୂକ୍ଷ୍ମ ବିନ୍ଦୁକରେ ଆଲୋକ ପ୍ରତିଫଳିତ ହୁଏ
(ଖ) କୁହୁଡ଼ିରେ ଆଲୋକର ପ୍ରକିର୍ଣ୍ଣନ ହୋଇଥାଏ
(ଗ) କୁହୁଡ଼ି ସୂକ୍ଷ୍ମ ବିନ୍ଦୁକରେ ଆଲୋକ ବିଛୁରିତ ହୋଇଥାଏ
(ଘ) କୁହୁଡ଼ିରେ ଆଲୋକର ବ୍ୟତିକରଣ ହୋଇଥାଏ

୮. ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ସମୟରେ ସୂର୍ଯ୍ୟ କାହିଁକି ବଡ଼ ଦେଖାଯାଏ ?
(କ) ଆଲୋକର ପ୍ରତିସରଣ (ଖ) ଆଲୋକର ବିଛୁରଣ
(ଗ) ଆଲୋକର ବ୍ୟତିକରଣ (ଘ) ଆଲୋକର ପ୍ରକୀର୍ଣ୍ଣନ

୯. ସୋଡ଼ିଅମ୍ ଶିଖାର ବର୍ଣ୍ଣାଳୀ କେତୋଟି କୃଷ୍ଣରେଖା ରହିଥାଏ ?
(କ) ୧(ଖ) ୨ (ଗ) ୩ (ଘ) ୪

୧୦. ଆମ ଚକ୍ଷୁ ଲେନ୍ସ କେଉଁ ପ୍ରକାର ଲେନସ୍ ଅଟେ ?
(କ) ସମତଳ ଲେନ୍ସ (ଖ) ଅବତଳ ଲେନ୍ସ
(ଗ) ସିଲିଣ୍ଡରିଅ ଲେନ୍ସ (ଘ) ଉତ୍ତଳ ଲେନ୍ସ

**ଉତ୍ତର**

୧.(ଘ) ୨ ୨.(ଘ) $(x^2- ୩)$ ୩.(ଖ) ୩, ୧ ୪.(ଖ) ୪ ୫.(ଗ) $A \cap B^c$ ୬.(ଘ) ଧନାତ୍ମକ କି ଋଣାତ୍ମକ ନୁହେଁ ୭.(ଗ) ୧୭୩ ୮.(କ) ୬୪ ୯.(ଖ) ୦.୦୯ ୧୦.(ଘ) ୨୪

୧.(କ) ଫ୍ଲୋରିନ୍, ୨.(ଗ) ପାଣ୍ଟୋଥେନିକ୍ ଏସିଡ୍, ୩.(ଖ) ଗତିଜ ଶକ୍ତି, ୪.(ଘ) ନିଉଟନ୍, ୫.(ଗ) ବ୍ୟତିକରଣ, ୬.(ଘ) ବିଛୁରଣ, ୭.(ଗ) କୁହୁଡ଼ି ସୂକ୍ଷ୍ମ ବିନ୍ଦୁକରେ ଆଲୋକ ବିଛୁରିତ ହୋଇଥାଏ, ୮.(ଖ) ଆଲୋକର ବିଛୁରଣ, ୯.(ଖ) ୨ , ୧୦.(ଘ) ଉତ୍ତଳ ଲେନ୍ସ

# ବିବିଧ ପ୍ରଶ୍ନାବଳୀ

୧. ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ ଇଣ୍ଡିଆନ୍ ପ୍ରିମିଅର ଲିମ୍ ମିଡ଼ିଆ ରାଇଟସ୍ କେଉଁ କମ୍ପାନୀକୁ ମିଳିଛି ? - ଷ୍ଟାର ଇଣ୍ଡିଆ

୨. ଶକ୍ତି ପରିଚାଳନାରେ କେଉଁ ଆନ୍ତର୍ଜାତିକ ବିମାନବନ୍ଦର ଉତ୍କର୍ଷତା ଜାତୀୟ ସମ୍ମାନ ଲାଭ କରିଛି ? - ରାଜୀବ ଗାନ୍ଧୀ ଇଣ୍ଟର ନ୍ୟାସନାଲ ବିମାନବନ୍ଦର

୩. କେଉଁ ରାଜ୍ୟ ସରକାର ଜ୍ଞାନକୁଂଜ ଇ-କ୍ଲାସ୍ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି ? - ଗୁଜୁରାଟ

୪. କେଉଁ ଭାରତୀୟ ପ୍ଲସ୍ ଆଲିୟାନସ୍ ପ୍ରାଇଜ୍‌ର ଗ୍ଲୋବାଲ୍ ଲିଡ଼ରସିପ୍ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି ? - ଏନ୍.ଆର୍. ନାରାୟଣ ମୂର୍ତ୍ତି

୫. କେଉଁ ଦେଶ ପୂର୍ବାଞ୍ଚଳ ଅଥନୈତିକ ଫୋରମ୍-୨୦୧୭ର ଆୟୋଜକ ଅଟନ୍ତି ? - ଋଷିଆ

୬. କେଉଁ ପ୍ରଥମ ଭାରତୀୟ ଚଳଚ୍ଚିତ୍ର ଅଭିନେତ୍ରୀ ଅଷ୍ଟ୍ରେଲିଆ ଟୁରିଜିମ୍‌ର ଆମ୍ବାସଡ଼ର୍ ରୂପେ ନିଯୁକ୍ତି ପାଇଛନ୍ତି ? - ପରିଣିତି ଚୋପ୍ରା

୭. ୨୦୧୯ କମନ୍ ୱେଲଥ ଭଏଟ୍ ଲିଫ୍‌ଟିଙ୍ଗ୍ ଚମ୍ପିଆନ୍‌ସିପ୍ କେଉଁ ଦେଶରେ ଅନୁଷ୍ଠିତ ହେବ ? - ଭାରତ

୮. ନିକଟରେ ଗୁଳିବିଦ୍ଧ ହୋଇଥିବା ପ୍ରତିଷ୍ଠିତା ସାମ୍ବାଦିକା ଗଉରୀ ଲଙ୍କେଶ କେଉଁ ରାଜ୍ୟର ? - କର୍ଣ୍ଣାଟକ

୯. ଭାରତର ପ୍ରଥମ ହାଇପରଲୁପ୍ ପ୍ରୋଜେକ୍ଟ କେଉଁ ରାଜ୍ୟରେ ଆରମ୍ଭ ହେବ ? - ଆନ୍ଧ୍ରପ୍ରଦେଶ

୧୦. ଭାରତୀୟ ବ୍ୟାଡ଼ମିଣ୍ଟନ୍ ଆସୋସିଏସନ୍ ଦ୍ୱାରା ପ୍ରଦତ୍ତ ପ୍ରଥମ ଲାଇଫ୍ ଟାଇମ୍ ଆୱାର୍ଡ଼ କିଏ ପାଇବେ ? - ପ୍ରକାଶ ପାଦୁକୋନ୍

୧୧. ସିଙ୍ଗାପୁରର ନୂତନ ରାଷ୍ଟ୍ରପତି କିଏ ?- ହାଲିମା ୟାକୁବ୍

୧୨. କେଉଁ ସହରରେ ୨୦୧୮ ଗ୍ରୀଷ୍ମକାଳୀନ ଅଲମ୍ପିକ୍ ଖେଳାଯିବ ?- ଲସ୍ ଆଂଜେଲସ୍

୧୩. କେଉଁ ସହରରେ ୨୦୨୪ରେ ସମର ଅଲମ୍ପିକ୍ ଖେଳାହେବ ?- ପ୍ୟାରିସ୍

୧୪. ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ କେଉଁ ସହରରୁ ରାଷ୍ଟ୍ରପତି ଆରମ୍ଭ କରିଛନ୍ତି ? - କାନପୁର

୧୫. କେଉଁ ରାଜ୍ୟ ଇ- ଭେହିକ୍ଲ ପଲିସି ଆରମ୍ଭ କରିଛି ? - କର୍ଣ୍ଣାଟକ

୧୬. ବ୍ରିଟିଶ୍ ପାର୍ଲାମେଣ୍ଟରେ କେଉଁ ଭାରତୀୟ ଗ୍ଲୋବାଲ ଡ଼ାଇଭରସିଟି ଆୱାର୍ଡ଼ ୨୦୧୭ ପାଇଛନ୍ତି ? - ସଲମାନ୍ ଖାଁ

୧୭. ୨୦୧୭ ବ୍ୟାସ ସମ୍ମାନ କିଏ ପାଇଛନ୍ତି ?- ସୁରେନ୍ଦ୍ର ବର୍ମା ଗାଳ୍ପିକ ଓ ନାଟ୍ୟକାର

୧୮. ନରେନ୍ଦ୍ର ମୋଦୀ ଓ ଜାପାନ ପ୍ରଧାନମନ୍ତ୍ରୀ 'ଆବେ'ଙ୍କ ସହ ନିକଟରେ କେଉଁ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ?- ବୁଲେଟ୍ ଟ୍ରେନ୍ ଯୋଗାଯୋଗ (ବମ୍ବେରୁ ଅହମଦାବାଦ୍)

୧୯. ସରଦାର ସରୋବର ଡ୍ୟାମ ଯାହା ଜାତି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଉତ୍ସର୍ଗ କଲେ କେତେ ବର୍ଷ ତଳେ ତାହାର ଭିତ୍ତି ପ୍ରସ୍ତର ଦିଆଯାଇଥିଲା ?- ୫୬ ବର୍ଷ ପୂର୍ବରୁ

୨୦. ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଦ୍ୱାରା ପ୍ରଥମ ସ୍ୱଚ୍ଛ ଉଚ୍ଚଶିକ୍ଷଣ ସଂସ୍ଥାନ ରୂପେ କେଉଁ ବିଶ୍ୱବିଦ୍ୟାଳୟକୁ ମାନ୍ୟତା ଦିଆଯାଇଛି ? - ଓ.ପି ଜିନ୍ଦଲ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ, ହରିୟାନା

୨୧. ହରିୟାନା ସଡ଼କ ନକ୍ସା ତିଆରି କରିବା ପାଇଁ ମୂଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର କେଉଁ ପୋର୍ଟାଲ ଆରମ୍ଭ କରିଛନ୍ତି ? - ହରପଥ୍

୨୨. ଭାରତର କେଉଁ ତିନୋଟି ଜିଲ୍ଲାରେ ଜିରୋ ହଙ୍ଗର୍ ପୋଗ୍ରାମ୍ ଅକ୍ଟୋବର ମାସରେ ଆରମ୍ଭ ହେବ ?
- ଗୋରଖପୁର (ଉତ୍ତରପ୍ରଦେଶ), କୋରାପୁଟ (ଓଡ଼ିଶା) ଏବଂ ଥାନେ (ମହାରାଷ୍ଟ୍ର)

୨୩. କ୍ରମାଗତ ଭାବେ ୪ଥର ଲାଗି ନିର୍ବାଚିତ ହୋଇଥିବା ଜର୍ମାନ ଚାନ୍ସେଲରଙ୍କ ନାମ କ'ଣ ? - ଆଞ୍ଜେଲା ମୋର୍କେଲ୍

୨୪. କାହାର ଜନ୍ମ ବାର୍ଷିକିରେ ପ୍ରଧାନମନ୍ତ୍ରୀ ସୌଭାଗ୍ୟ ଯୋଜନା ଆରମ୍ଭ କରିଛନ୍ତି ? - ପଣ୍ଡିତ ଦିନଦୟାଲ୍ ଉପାଧ୍ୟାୟ

୨୫. କେଉଁ ଭାରତୀୟ ପ୍ରଥମ ମହିଳା ଆନ୍ତର୍ଜାତିକ ବକ୍ସିଂ ଆସୋସିଏସନ୍‌ର ପ୍ରତିନିଧିତ୍ୱ କରିବାକୁ ନିର୍ବାଚିତ ହୋଇଛନ୍ତି ? - ମେରୀକୋମ୍

୨୬. ପଞ୍ଜାବ କ୍ରିକେଟ ଆସୋସିଏସନ୍‌ର ନବନିର୍ବାଚିତ ସଭାପତି କିଏ ? - ରାଜିନ୍ଦର ଗୁପ୍ତା

୨୭. ମିଜୋରାମର ପ୍ରଥମ ମହିଳା ମନ୍ତ୍ରୀ କିଏ ? - ବନଲାଲାୱାମ୍‌ପୁଇ ଚାୱାଙ୍ଗଟୁ

୨୮. ନ୍ୟାସନାଲ ହାଇଡ୍ରୋଜେନ୍ ପାୱାର୍ କର୍ପୋରେସନ୍‌ର ନବନିଯୁକ୍ତି ଚେୟାରମ୍ୟାନ୍ ଓ ଏମ୍.ଡ଼ି କିଏ ? - ବଲରାଜ ଯୋଷୀ

୨୯. ୨୦୧୭-୧୮ ବର୍ଷ ପାଇଁ ନିୟୁଜ୍ ବ୍ରଡ଼କାଷ୍ଟରସ୍ ଆସୋସିଏସନ୍‌ର ଅଧକ୍ଷ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ରଜତ୍ ଶର୍ମା

୩୦. ଲୋକସଭା ଏଥିକ୍‌ସ୍ କମିଟିର ଚେୟାରମ୍ୟାନ୍ ରୂପେ କିଏ ମନୋନୀତ ହୋଇଛନ୍ତି ? - ଲାଲକୃଷ୍ଣ ଆଦଭାନୀ

୩୧. "ପିପୁଲ ଫାଷ୍ଟ ମୋବାଇଲ୍ ଆପ୍" କେଉଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ? - ଆନ୍ଧ୍ରପ୍ରଦେଶ

୩୨. ଉତ୍ତରାଖଣ୍ଡ ସ୍ୱଚ୍ଛଭାରତ ମିଶନ୍‌ର ବ୍ରାଣ୍ଡଆମ୍ବାସଡ଼ର୍ ରୂପେ କିଏ ନିଯୁକ୍ତି ପାଇଛନ୍ତି ? - ଅକ୍ଷୟ କୁମାର (ଚଳଚ୍ଚିତ୍ର ଅଭିନେତା)

୩୩. ଭାରତର କେଉଁ ରାଜ୍ୟ ସର୍ବପ୍ରଥମେ ଫେମିଲି ୱେଲଫେୟାର କମିଟି ଗଠନ କରିବାରେ ସକ୍ଷମ ହୋଇପାରିଛି ? - ତ୍ରିପୁରା

୩୪. ଏ.ନାଗେଶ୍ୱର ରାଓ ଜାତୀୟ ପୁରସ୍କାର ୨୦୧୭ କିଏ ପାଇଛନ୍ତି ? - ଏସ୍.ଏସ୍.ରାଜାମଉଳି

୩୫. ପାକିସ୍ଥାନରେ ନବନିଯୁକ୍ତ ଭାରତୀୟ ହାଇକମିଶନର କିଏ ? - ଅଜୟ ବିସାରିଆ

୩୬. କେଉଁ ଯୋଜନା ମାଧ୍ୟମରେ ଝାରଖଣ୍ଡ ସରକାର ସ୍ୱାଧିନତା ସଂଗ୍ରାମୀମାନଙ୍କୁ ବାସଗୃହ ଯୋଗାଇଦେବା ଆରମ୍ଭ କରିଛନ୍ତି ? - ଶହୀଦ ଗ୍ରାମ ବିକାଶ ଯୋଜନା

୩୭. ପେରୁର ନବନିର୍ବାଚିତ ପ୍ରଧାନମନ୍ତ୍ରୀ କିଏ ? - ମର୍ସିଡ଼େସ୍ ଆରୋଜ୍

୩୮. ଭାରତରେ ୧୭ ବର୍ଷରୁ କମ୍ ବାଳକ ବିଭାଗ ଫୁଟବଲ ଟିମ୍‌ର ୨୦୧୭ ପାଇଁ କ୍ୟାପ୍‌ଟେନ୍ ରୂପେ କିଏ ମନୋନୀତ ହୋଇଚନ୍ତି ? - ଅମରଜିତ୍ ସିଂ

୩୯. ଭୋଡ଼ାଫୋନ୍ କେଉଁ ଟେକ୍‌ନୋଲୋଜି ସହିତ ସହବନ୍ଧିତ ହେଲା ?- ଇନ୍‌ଟେକ୍ସ

୪୦. ଭାରତରତ୍ନ ପଣ୍ଡିତ ଭୀମ୍‌ସେନ୍ ଯୋଷି ପୁରସ୍କାର୨୦୧୭-୧୮ ପାଇଁ କିଏ ମନୋନୀତ ହୋଇଛନ୍ତି ? - ମାଣିକ୍ ଭିଦେ

୪୧. ଶିଶୁଶ୍ରମିକ ବୃଦ୍ଧି ଏବଂ ନିରାକରଣ ପାଇଁ କେନ୍ଦ୍ରସରକାର କେଉଁ ପୋର୍ଟାଲ ଆରମ୍ଭ କରିଛନ୍ତି ? - ପେନ୍‌ସିଲ୍

୪୨. ନୌସେନାରେ କେଉଁ ଯୁଦ୍ଧପୋତକୁ ସାମିଲ କରାଗଲା ?- ଆଇ.ଏନ୍.ଏସ୍. ତାରସ୍

୪୩. ହୁରୁନ୍ ଇଣ୍ଡିଆ ରିଚ୍ ଲିଷ୍ଟ ୨୦୧୭ ଅନୁଯାୟୀ ଭାରତର ୧୦ଜଣ ଧନୀ ତାଲିକାରେ ଅଷ୍ଟମ ସ୍ଥାନରେ କିଏ ଅଛନ୍ତି ? - ପତଞ୍ଜଳୀ ସିଇଓ ଆଚାର୍ଯ୍ୟ ବାଳକ୍ରିଷ୍ଣ

୪୪. ମେକ୍ ଇନ୍ ଇଣ୍ଡିଆ ପ୍ରୋଜେକ୍ଟରେ ନିର୍ମିତ ସ୍କର୍ପିନ ଶ୍ରେଣୀର ପ୍ରଥମ ବୁଡ଼ାଜାହାଜର ନାମ କ'ଣ ? - କଲବରୀ

୪୫. ଫୋବର୍ସ ପତ୍ରିକା ଅନୁସାରେ ଏସିଆର ଦୁର୍ନିତିଗ୍ରସ୍ତ ରାଷ୍ଟ୍ର ଭାବରେ (୬୮ ପ୍ରତିଶତ ଲାଞ୍ଚ କାରବାର)ରେ କେଉଁ ଦେଶ ପ୍ରଥମ ? - ଭାରତ

## ଗଞ୍ଜାମ ଜିଲ୍ଲା

୧. ଗଠନ - ୧ ଅପ୍ରେଲ, ୧୯୩୬

୨. କ୍ଷେତ୍ରଫଳ - ୮୨୦୬ବର୍ଗ.କି.ମି

୩. ଜନସଂଖ୍ୟା - ୩୫୨୦୧୫୧

(କ) ପୁରୁଷ - ୧୭୭୭୩୨୪

(ଖ) ସ୍ତ୍ରୀ - ୧୭୪୨୮୨୭

୪. ଜନସଂଖ୍ୟା ଘନତ୍ୱ / ବର୍ଗ କି.ମି. - ୪୨୯

୫. ୧୦୦୦ପୁରୁଷରେ ମହିଳା ସଂଖ୍ୟା-୯୮୧

୬. ସାକ୍ଷରତା ହାର - ୭୧.୮୮%

୭. ଉପଖଣ୍ଡ - ୦୩

୮. ତହସିଲ - ୨୨

୯. ବ୍ଲକ୍ - ୨୨

୧୦. ନଗର ନିଗମ /ମ୍ୟୁନିସିପାଲିଟି - ୦୧/୦୧

୧୧. ଏନ.ଏ.ସି. - ୧୭

୧୨. ଗ୍ରାମ ପଞ୍ଚାୟତ - ୪୭୫

୧୩. ଗ୍ରାମ - ୩୧୯୫

୧୪. ଥାନା - ୩୭

୧୫. ମୋଟର ଯାନ ପଞ୍ଜିକୃତ କୋଡ୍ - ଓ.ଡି.-୦୭

୧୬. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୧୩

୧୨୩-ଭଞ୍ଜ ନଗର, ୧୨୪-ପୋଲସରା, ୧୨୫-କବିସୂର୍ଯ୍ୟ ନଗର, ୧୨୬-ଖଲିକୋଟ, ୧୨୭-ଛତ୍ରପୁର, ୧୨୮-ଆସ୍କା, ୧୨୯-ସୋରଡ଼ା, ୧୩୦-ସାନଖେମୁଣ୍ଡି, ୧୩୧-ହିଞ୍ଜିଳୀ, ୧୩୨-ଗୋପାଳପୁର, ୧୩୩-ବ୍ରହ୍ମପୁର. ୧୩୪-ଦିଗପହଣ୍ଡି, ୧୩୫-ଚିକିଟି

୧୭. ନିଆଁଲିଭା କେନ୍ଦ୍ର -୧୬

୧୮. ସାଧାରଣ ବୃଷ୍ଟିପାତ - ୧୨୭୬.୨ମି.ମି.

୧୯.ପର୍ଯ୍ୟଟନ ସ୍ଥଳୀ-ଆର୍ଯ୍ୟପଲ୍ଲୀ, ଆଠଗଡ଼ପାଟନା, ବ୍ରହ୍ମପୁର, ବୁଗୁଡ଼ା, ରମ୍ଭା(ଚିଲିକା), ଗିରିଶୋଳା, ଗୋପାଳପୁର, ହୁମ୍ମା, ଯଉଗଡ଼, କୁଳାଡ଼, ମହୁରିତାଲୁଆ, ନାରାୟଣୀ, ତପ୍ତପାଣି, ତାରାତାରିଣୀ, ଉଜଳେଶ୍ୱର, ନିଜାବାଙ୍କେଶ୍ୱରୀ, ଅନ୍ତରାପଡ଼ା, ନିର୍ମଳଝର

## ପର୍ବପର୍ବାଣୀ

### ଅକ୍ଟୋବର,୨୦୧୭

ତା୧ - ମହରମ, ପାପାଙ୍କୁଶା ଏକାଦଶୀ, ଭଷାଣୀ, ରବିନାରାୟଣ ବ୍ରତ ଓ ହଳ ନିଷେଧ

ତା୪ - ଶିବ ଚତୁର୍ଦ୍ଦଶୀ ଓ ଶରଣ ଶେଷ

ତା୫ - କୁମାର ପୂର୍ଣ୍ଣିମା, ଗଜଲକ୍ଷ୍ମୀ ପୂଜା, ଚନ୍ଦ୍ରୋପବାସ, ଅର୍ଘ୍ୟଦାନ ଓ ଗୁରୁ ପୂର୍ଣ୍ଣିମା

ତା୬ - କାର୍ତ୍ତିକ ବ୍ରତାରମ୍ଭଃ, ପଣ୍ଡିତ ପରୀକ୍ଷିତ ଓ ବିଷ୍ଣୁ ପ୍ରସାଦଙ୍କ ଶ୍ରାଦ୍ଧ

ତା୧୫ - ରମା ଏକାଦଶୀ ଓ ହଳ ନିଷେଧ

ତା୧୬ - ଗୋବତ୍ସା ଦ୍ୱାଦଶୀ ଓ ମାସାନ୍ତ

ତା୧୭ - ତୁଳ (ଗର୍ଭଣା) ସଂକ୍ରାନ୍ତି ଓ ଧନ୍ୱନ୍ତରୀ ଜୟନ୍ତୀ

ତା୧୮ - ନରକ ଚତୁର୍ଦ୍ଦଶୀ ଓ ଉପବାସ

ତା୧୯ - ଅମାବାସ୍ୟା, ଦୀପାବଳୀ, ପୟାଶ୍ରାଦ୍ଧ, ଶ୍ୟାମାକାଳୀ ପୂଜା, ଚନ୍ଦ୍ରକ୍ଷୟ ଓ ନିଶିପାଳନ

ତା୨୦ - ଗିରି ଗୋବର୍ଦ୍ଧନ ପୂଜା

ତା୨୧ - ଯମ ଓ ଭାତୃ ଦ୍ୱିତୀୟା, ଦ୍ୱିତୀୟାର ଚନ୍ଦ୍ର ଦର୍ଶନ ଓ ପୂଜା

ତା୨୩ - ନାଗ ଚତୁର୍ଥୀ

ତା୨୬ - ଶରଣାରମ୍ଭଃ

ତା୨୭ - ଷୋଳଶାସନ ଅମୃତ ମଣୋହି ଭୋଗ

ତା୨୮ - ଗୋଷ୍ଠାଷ୍ଟମୀ, ଜଗଦ୍ଧାତ୍ରୀ ପୂଜା ଓ ଜଗମୋହନ ଭୋଗ

ତା୨୯ - ଅଁଳା ନବମୀ ଓ ଶ୍ରୀରାଧାଙ୍କ ପାଦଦର୍ଶନ

ତା୩୦ - ଶରଦ୍ୱାସାଧିବାସ

ତା୩୧ ଦେବୋତ୍ଥାପନ (ବଡ଼) ଏକାଦଶୀ, ଶରଣ ଶେଷ ଓ ହଳ ନିଷେଧ

### ନଭେମ୍ବର,୨୦୧୭

ତା୧ - ଗରୁଡ଼ ଦ୍ୱାଦଶୀ ଓ ତୁଳସୀ ବିବାହ

ତା୨ - ବଡ଼ ଓଷା, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା

ତା୩ - ଚନ୍ଦ୍ରପୂଜା ଓ ଉପବାସ

ତା୪ - ରାସ ପୂର୍ଣ୍ଣିମା, ବାଲିଯାତ୍ରା, କେଦାର ବ୍ରତ, କାର୍ତ୍ତିକେଶ୍ୱର ପୂଜା ଓ କାର୍ତ୍ତିକ ବ୍ରତ ସମାପନ

ତା୫ - ଛାଡ଼ଖାଇ

ତା୮ - ସୀତା ବିବାହ

ତା୯ - ଶ୍ରୀକ୍ଷେତ୍ର ପରିକ୍ରମା

ତା୧୧ - ପ୍ରଥମାଷ୍ଟମୀ ଓ କାଞ୍ଜିଅଁଳା ନବମୀ

ତା୧୪ - ଉତ୍ପନ୍ନା ଏକାଦଶୀ, ଶିଶୁ ଦିବସ ଓ ହଳ ନିଷେଧ

ତା୧୫ - ମାସାନ୍ତ

ତା୧୬ - ବିଛା ସଂକ୍ରାନ୍ତି କାର୍ତ୍ତିକେୟ ପୂଜା, ଗୁରୁବାର ଓଷା ଆରମ୍ଭ ଓ ଶିବ ଚତୁର୍ଦ୍ଦଶୀ ଉପବାସ

ତା୧୭ - ଶ୍ରୀମନ୍ଦିରରେ ଦେବଦୀପାଳବଳୀ ଆରମ୍ଭ, ଚନ୍ଦ୍ରକ୍ଷୟ ଓ ନିଶିପାଳନ

ତା୧୮ - ଅମାବାସ୍ୟା, ମଧଦେବ ଦୀପାବଳୀ ଉତ୍ସବ ଓ ହଳ ନିଷେଧ

ତା୧୯ - ଦେବଦୀପାବଲ୍ୟୁତ୍ସବ ସମାପ୍ତି

ତା୨୦ - ଚନ୍ଦ୍ରଦର୍ଶନ

ତା୨୧ - ରମ୍ଭା ତୃତୀୟା

ତା୨୩ - କରୁଳା ପଞ୍ଚମୀ, ଗୁରୁ ପଞ୍ଚମୀ ବ୍ରତ ଓ ସତ୍ୟସାଇଙ୍କ ଜନ୍ମ, ଶରଣ ଆରମ୍ଭ

ତା୨୪ - ଓଢ଼ଣ ଓ ପ୍ରାବରଣ ଷଷ୍ଠୀ

ତା୨୮ - ଶରଣ ଶେଷ

ତା୩୦ - ମୋକ୍ଷଦା ଏକାଦଶୀ, ଲକ୍ଷ୍ମୀ ନାରାୟଣ ବ୍ରତ ଓ ହଳ ନିଷେଧ

## ବିଭିନ୍ନ ଦିବସ ପାଳନ

### ଅକ୍ଟୋବର,୨୦୧୭

୧. ବିଶ୍ୱ ପ୍ରୌଢ଼ ଦିବସ
୨. ଗାନ୍ଧି ଜୟନ୍ତୀ, ଆନ୍ତର୍ଜାତୀକ ଅହିଂସା ଦିବସ
୩. ବିଶ୍ୱ ପ୍ରକୃତି ଦିବସ
୪. ବିଶ୍ୱ ପ୍ରାଣୀ ଦିବସ
୫. ବିଶ୍ୱ ଶିକ୍ଷକ ଦିବସ
୬. ବିଶ୍ୱ ବନ୍ୟପ୍ରାଣୀ ଦିବସ
୮. ଭାରତୀୟ ବାୟୁସେନା ଦିବସ
୯. ବିଶ୍ୱ ଡାକସେବା ଦିବସ
ଉତ୍କଳମଣୀ ଗୋପବନ୍ଧୁ ଜନ୍ମ ଦିବସ
୧୦. ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ
୧୧. ଜୟପ୍ରକାଶ ନାରାୟଣ ଜୟନ୍ତୀ,
ସହୀଦ୍ ବାଜିରାଉତ ଶ୍ରାଦ୍ଧ ଦିବସ
୧୧. ଜାତୀୟ ଧୂମ୍ରପାନ ନିଷେଧ ଦିବସ
୧୩. ବିଶ୍ୱ ବିପର୍ଯ୍ୟୟ ନିୟନ୍ତ୍ରଣ ଦିବସ
୧୬. ବିଶ୍ୱ ଖାଦ୍ୟ ଦିବସ
୨୪. ଜାତିସଂଘ ଦିବସ
୨୯. ଜାତୀୟ ବିପର୍ଯ୍ୟୟ ଦିବସ
୩୧. ଜାତୀୟ ସଂହତୀ ଦିବସ

### ନଭେମ୍ବର,୨୦୧୭

୧. ବିଶ୍ୱ କର୍କଟ ସଚେତନା ଦିବସ
୯. ଲିଗାଲ ସର୍ଭିସ ଦିବସ
୧୦. ପରିବହନ ଦିବସ
୧୧. ଜାତୀୟ ଶିକ୍ଷା ଦିବସ
୧୪. ଶିଶୁ ଦିବସ, ବିଶ୍ୱ ମଧୁମେହ ଦିବସ
ଆନ୍ତର୍ଜାତୀକ ସହନଶୀଳତା ଦିବସ
୧୫. ବିର୍ସାମୁଣ୍ଡା ଜନ୍ମ ଦିବସ
୧୬. ଜାତୀୟ ପ୍ରେସ ଦିବସ
୧୭. ଗୁରୁ ନାନକ ଜନ୍ମ ଦିବସ
ଆନ୍ତର୍ଜାତୀକ ଛାତ୍ର ଦିବସ
୧୯. ବିଶ୍ୱ ଶୌଚାଳୟ ଦିବସ
୨୦. ସାର୍ବଜନୀନ ଶିଶୁ ଦିବସ
୨୧. ବିଶ୍ୱ ଦୂରଦର୍ଶନ ଦିବସ,
ହରେକୃଷ୍ଣ ମହତାବଙ୍କ ଜନ୍ମ ଦିବସ
୨୨. ଶହୀଦ ଲକ୍ଷ୍ମଣ ନାୟକ ଜନ୍ମ ଦିବସ
୨୩. ନବକୃଷ୍ଣ ଚୌଧୂରୀଙ୍କ ଜନ୍ମ ଦିବସ
୨୬. ଆଇନ ଦିବସ ୩୦.ପତକା ଦିବସ

fssai

12013019000064

# ମା' ମସଲା

ମା' ସ୍ନେହ ପରି ଖାଣ୍ଟି




# Annapurna Agri Innovation Pvt. Ltd.


**AN ISO 9001 - 2008 Certified Company**

**Plot No. - 28/221, Dasabatia, Sahani Kasipr, Tamando, Janla, Khordha-782054**

**Mob. : 8280336277 / 249**

Postal Regd. No. : PURI-33/2016-18

Volume- 8 ★ Issue No-04 ★ Monthly ★ Oct. - 2017 ★ RNI Regn. No. 107608/2010 ★ Pages-52




Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - NISWASS-CEDEC Press, Chandrasekharpur, BBSR-23, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057

Editor : Dr. Prasanna Kumar Jena

Founder : Dr. Pramod Chandra Dash

From: To.

M-1/5, M.P.H.B. Colony Post- P.N. College, Dist-Khurda, Pin-752057